RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-51 ◆THURSDAY ◆14 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୫୧ ◆ଗୁରୁବାର ◆୧୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଡୁପ୍ଲାଣ୍ଟିସ୍‌ଙ୍କ ୧୩ତମ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

### ଅମଲାଙ୍କ ଆନ୍ଦୋଳନ; ସାରା ରାଜ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

## ▶▶ ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା

## ▶▶ ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି । ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ । ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ ଜଣାଇଦେଇଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ । ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ । ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ । କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ । ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି । ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ▶ପୃଷ୍ଠା-୭

# ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ । ଏଥିପାଇଁ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ । ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ ▶ପୃଷ୍ଠା-୭

**ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି; ବ୍ୟୟ ହେବ ୩୦୦ କୋଟି**

**ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ ସ୍ଥାପନ**

**୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍‌ଇଡି ଆଲୋକ**

# ଭୋଟରଙ୍କ ହିତରେ ଏସ୍‌ଆଇଆର୍: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆର୍ ସଂକ୍ରାନ୍ତ ଶୁଣାଣି ଆଜି ମଧ୍ୟ ସୁପ୍ରିମ କୋର୍ଟରେ ଜାରି ରହିଛି । ଏହି ପ୍ରକ୍ରିୟା ସପକ୍ଷରେ ଏବଂ ବିପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଥିବା ବେଳେ କୋର୍ଟ କହିଛନ୍ତି ଯେ ଯାହା ଲାଗୁଛି ଏସ୍‌ଆଇଆର୍ ଭୋଟରମାନଙ୍କ ହିତରେ ରହିଛି । ଏହି ପ୍ରକ୍ରିୟା ଜରିଆରେ ଭୋଟର ତାଲିକାରେ ଅଧିକ ଲୋକଙ୍କୁ ସାମିଲ କରିବା ଲାଗି ଉଦ୍ୟମ କରାଯାଇଛି । ନାମ କାଟିବା ଲାଗି ଉଦ୍ୟମ ହେଉଥିବା ଲାଗୁନାହିଁ । ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୨୦୦୩ରେ ୭ଟି ଦସ୍ତାବିଜର ବିକଳ୍ପ ଥିବା ବେଳେ ଏବେ ଏହି ସଂଖ୍ୟା ୧୧କୁ ବୃଦ୍ଧି କରାଯାଇଛି । ଏହାର ଅର୍ଥ ▶ପୃଷ୍ଠା-୭







# ଫଟୋ ଉଠାଇଲେ ଜରିମାନା

ସାଧାରଣତଃ ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ସେଠାରେ ଫଟୋ ଉଠାଇଥାନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ଦେଖି ପୁରୁଣା ସ୍ମୃତି ମନେ ପକାଇଥାନ୍ତି। କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଦୁବାଇରେ ଫଟୋଗ୍ରାଫିକୁ ନେଇ କଡ଼ା ନିୟମ ରହିଛି। ଏଠାରେ ଫଟୋ ଉଠାଇଲେ ଜରିମାନା ଏପରିକି ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ। ଏଠାରେ ବୁର୍ଜ ଖଲିଫା ଭଳି ଅନେକ ସୁଉଚ୍ଚ ଅଟ୍ଟାଳିକା ରହିଛି, ଯେଉଁଠି ପର୍ଯ୍ୟଟକମାନେ ଫଟୋ ନ ଉଠାଇ ଫେରିବାକୁ ଚାହାନ୍ତିନି। ଏଠାରେ ବିନା ଅନୁମତିରେ କିଛି ସ୍ଥାନ, କିଛି ବ୍ୟକ୍ତି ବିଶେଷ ଓ ଘଟଣାର ଫଟୋ ନେବା ଦଣ୍ଡନୀୟ ଅପରାଧ ଭାବେ ଗଣାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏଭଳି ସ୍ଥାନରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ତାଙ୍କ ଯାତ୍ରାର ଦ୍ୱିଗୁଣା ଅର୍ଥରାଶି ଦେବାକୁ ପଡ଼ିଥାଏ। ଏଥିପାଇଁ ଏଠାରେ କୌଣସି ଅଜଣା ବ୍ୟକ୍ତିଙ୍କ ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ଯଦି କୌଣସି ବ୍ୟକ୍ତି ରାସ୍ତାର ଫଟୋ ନେଉଥିବାବେଳେ ଭୁଲବଶତଃ କେହି ବ୍ୟକ୍ତି ଯଦି ତାଙ୍କ ସଙ୍ଗରେ ଆସନ୍ତି ତେବେ ଉକ୍ତ ବ୍ୟକ୍ତି ତାଙ୍କ ଉପରେ ଅଭିଯୋଗ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପ୍ରଚଳିତ ନିୟମ ଅନୁଯାୟୀ, ଏଠାରେ ସରକାରୀ ଅଟ୍ଟାଳିକା, ଥାନା, ବିମାନବନ୍ଦର, ଦୂତାବାସର ଫଟୋ ଉଠାଇବାକୁ ନିଷେଧ କରାଯାଇଛି। ତେଣୁ ଯଦି କୌଣସି ବ୍ୟକ୍ତି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟ ଆଗରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମିଳିଥାଏ। ବର୍ତ୍ତମାନ ସମୟରେ କୌଣସି ଘଟଣା ଘଟିଲେ ଲୋକମାନେ ସଙ୍ଗେ ସଙ୍ଗେ ଫୋନ୍ ବାହାର କରି ଭିଡିଓ କରୁଛନ୍ତି, କିନ୍ତୁ ଏଠାରେ ଏପରି କରିବା ଅପରାଧ। ଦୁର୍ଘଟଣା, ପୋଡ଼ାଜଳା, କୌଣସି ଆଇନଗତ କିମ୍ବା ପୁଲିସ କାର୍ଯ୍ୟାନୁଷ୍ଠାନର ଫଟୋ ଉଠାଇବା ଏଠାରେ ଦଣ୍ଡନୀୟ ଅପରାଧ।



## ଆଜିର ଇତିହାସ


- ୧୮୬୨- ବମ୍ବେ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୭- ଚୀନ, ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୩୩- ଭାରତର ଜଣାଶୁଣା ସାମ୍ବାଦିକ ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଜନ୍ମ।
- ୧୯୪୭- ଭାରତର ବିଭାଜନ ହୋଇ ପାକିସ୍ତାନ ଅଲଗା ରାଷ୍ଟ୍ର ହେଲା।
- ୨୦୧୧- ବଲିଉଡ୍ ଅଭିନେତା ଶମ୍ମି କପୁରଙ୍କ ବିୟୋଗ।
- ୨୦୧୩- ମିଶରରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ୬୩୮ ଲୋକଙ୍କ ପ୍ରାଣହାନି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢ଼ୁଛି ଗ୍ରୋସରୀ ବିଲ୍



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ପାଲଟିଛି। ବିଶ୍ୱରେ ଦ୍ରୁତ ଗତିରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଫସଲ ଉତ୍ପାଦନ ଉପରେ ପଡ଼ୁଛି। ଅଚାନକ ଦେଖା ଦେଉଥିବା ବନ୍ୟା ଏବଂ ମରୁଡ଼ି ଯୋଗୁଁ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏମିତି ହ୍ରାସ ପାଉଛି ଯେ, ଅନେକ ଜିନିଷର ମୂଲ୍ୟ ଅସ୍ୱାଭାବିକ ଭାବରେ ଦୁଇରୁ ତିନି ଗୁଣ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆରେ ଅନେକ ଖାଦ୍ୟ ସାମଗ୍ରୀର ଦାମ୍ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। ସେହିପରି ୟୁରୋପରେ ଅଲିଭ୍ ତେଲର ଦାମ୍ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମେରିକାରେ ପନିପରିବା ଦର ୮୦ ପ୍ରତିଶତ ବଢ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଗବେଷକମାନେ ସାରା ବିଶ୍ୱର ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ଏହି କଥା କହିଛନ୍ତି। ଖାଦ୍ୟ ପାନୀୟର ଦାମ୍ ବଢ଼ିବାର ମୁଖ୍ୟ କାରଣ ଭାବେ ସେମାନେ ଖରାପ ପାଣିପାଗକୁ ଦାୟୀ କରିଛନ୍ତି। ଏହା ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଥିବା ସେମାନେ କହିଛନ୍ତି। ସେହିପରି ଏହି ଗବେଷକ ଦଳ ୨୦୨୨ ଏବଂ ୨୦୨୪ ମଧ୍ୟରେ ବିଶ୍ୱର ୧୬ଟି ପାଣିପାଗ ସମ୍ବନ୍ଧିତ ଘଟଣା ଉପରେ ଗବେଷଣା କରିଥିଲେ। ଗବେଷଣାନୁସାରେ, ଭାରତ ଓ ଚୀନ୍ ସମେତ ପୁରା ଏସିଆରେ ଋତୁକାଳୀନ ପରିବାର ଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଅସହ୍ୟ ଗରମ ଓ ଅଧିକ ବର୍ଷାର କାରଣ ହୋଇଥାଏ। ଏହାଯୋଗୁଁ ଅମଳ ହ୍ରାସ ପାଇବା ସହ ଜିନିଷଗୁଡ଼ିକର ଦାମ୍ ବଢ଼ିଚାଲେ। ତେବେ ଗ୍ରୋସରୀ ବିଲ୍ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବେ ଅନୁଭବ କରୁଥିବା ତମାମ ବିଶ୍ୱର ଗ୍ରାହକମାନେ କହିଛନ୍ତି।

# ସୁରଜଙ୍କ ସହ କାମ କରିବେ ଆୟୁଷ୍ମାନ୍



ସୁରଜ୍ ବଡ଼ଜାତ୍ୟା କିଛି ଦିନ ପୂର୍ବରୁ ସେ ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍‌ଙ୍କୁ ନେଇ ଏକ ଫିଲ୍ମ କରିବେ ବୋଲି ଘୋଷଣା କରିଥିଲେ। ସଲମାନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବା ସହ ଏଥିରେ ସେ 'ପ୍ରେମ୍' ଭୂମିକାରେ ନଜର ଆସିବେ ବୋଲି ସୁରଜ କହିଥିଲେ। ଏହାକୁ ନେଇ ସଲମାନ୍‌ଙ୍କ ପ୍ରଶଂସକମାନେ ବି ବେଶ୍ ଉତ୍ସାହିତ ଥିଲେ। କିନ୍ତୁ ଏବେ ଖବର ଆସିଛି ସୁରଜ୍‌ଙ୍କୁ ତାଙ୍କ ପ୍ରେମ୍ ମିଳିଯାଇଛି। ତେବେ ସୁରଜ୍‌ଙ୍କ ଫିଲ୍ମରେ ସଲମାନ୍‌ଙ୍କ ବଦଳରେ ଆୟୁଷ୍ମାନ୍ ଖୁରାନା ପ୍ରେମ୍ ଭୂମିକାରେ ନଜର ଆସିବେ। ସୁରଜ୍ ଇତିମଧ୍ୟରେ ମୁମ୍ବାଇରେ ଫିଲ୍ମର ସୁଟିଂ ଆରମ୍ଭ ମଧ୍ୟ କରି ଦେଇଛନ୍ତି। ଏହାର କାହାଣୀ ମୁମ୍ବାଇ ଉପରେ ଆଧାରିତ ହେବ। ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶର୍ବରୀ ୱାଗ୍ ନଜର ଆସିବେ। ସୁରଜ୍ ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍ ଖାନ୍‌ଙ୍କ ସହ ଅନେକ ଫିଲ୍ମ କରିଛନ୍ତି। ତାଙ୍କର ଅଧିକାଂଶ ଫିଲ୍ମରେ ସଲମାନ୍ 'ପ୍ରେମ୍' ଭୂମିକାରେ ନଜର ଆସିଥାନ୍ତି। ଏହି ଫିଲ୍ମଗୁଡ଼ିକ ବ୍ଲକବଷ୍ଟର୍ ମଧ୍ୟ ସାବ୍ୟସ୍ତ ହୋଇଛି। ଏଗୁଡ଼ିକ ମଧ୍ୟରେ 'ମୈନେ ପ୍ୟାର୍ କିୟା', 'ହମ୍ ଆପକେ ହେଁ କୌନ୍', 'ହମ୍ ସାଥ୍ ସାଥ୍ ହେଁ', 'ପ୍ରେମ୍ ରତନ ଧନ ପାୟୋ' ଆଦି ଚଳଚ୍ଚିତ୍ର ରହିଛି। ଏବେ ସୁରଜ ସଲମାନ୍‌ଙ୍କ ବୟସକୁ ଆଖି ଆଗରେ ରଖି ସେଭଳି କାହାଣୀ ଖୋଜୁଛନ୍ତି। ସଲମାନ୍‌ଙ୍କ ମୁତାବିକ କାହାଣୀ ମିଳିଲେ ସେ ତାଙ୍କ ସହ କାମ କରିବେ ବୋଲି କହିଛନ୍ତି।



## ନିଆରା ଢଙ୍ଗରେ ସଚେତନତା

# ୱେଟର୍ କାମ କରୁଛନ୍ତି ଡିମେନ୍ସିଆ ରୋଗୀ

ସାଧାରଣତଃ ରେଷ୍ଟୋରାଁ ଓ ହୋଟେଲଗୁଡ଼ିକରେ ସୁନ୍ଦର ଓ ଶିକ୍ଷିତ ଯୁବକ, ଯୁବତୀଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ। ଏହି କ୍ରମରେ ଜାପାନରେ ଏମିତି ଏକ ରେଷ୍ଟୋରାଁ ଅଛି, ଯେଉଁଠି ଗ୍ରାହକଙ୍କୁ ଖାଦ୍ୟ ପରଷନ୍ତି ଡିମେନ୍ସିଆ ରୋଗୀ। ଡିମେନ୍ସିଆ ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା। ଏଥିରେ ପୀଡ଼ିତ ଲୋକେ କୌଣସି କଥାକୁ ମନେ ରଖିପାରନ୍ତି ନାହିଁ। ତେବେ ଏହି ରେଷ୍ଟୋରାଁ ମାଧ୍ୟମରେ ଏହି ରୋଗ ପ୍ରତି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରାଯାଉଛି। ଏଠାକାର ଟେଲିଭିଜନ ନିର୍ଦ୍ଦେଶିକା ଶିରୋ ଓଗୁନି ତାଙ୍କ ରେଷ୍ଟୋରାଁରେ ମୁଖ୍ୟତଃ ଡିମେନ୍ସିଆ ପୀଡ଼ିତଙ୍କୁ ହିଁ ନିଯୁକ୍ତି ମିଳିଥାଏ। କ୍ୟାଟୋରେ ଥିବା ଏହି ରେଷ୍ଟୋରାଁର ନାମ 'ଦ ରେଷ୍ଟୋରାଣ୍ଟ ଅଫ୍ ମିସ୍‌ଟେକେନ୍ ଅର୍ଡର୍ସ'। ଏଠାରେ ଗ୍ରାହକମାନଙ୍କୁ ସେମାନେ ଅର୍ଡର କରିଥିବା ଖାଦ୍ୟ ପରଷା ଯାଇ ନ ଥାଏ। ଏହି ରେଷ୍ଟୋରାଁରେ ୱେଟର୍ ଭାବେ କାମ କରିବା ପାଇଁ ଇଚ୍ଛା କରୁଥିବା ଲୋକେ ଡିମେନ୍ସିଆ ରୋଗୀ ହେବା ଜରୁରି। ଏକଦା ଶିରୋଙ୍କୁ ଏକ ନର୍ସିଂ ହୋମରେ ଡିମେନ୍ସିଆ ରୋଗୀଙ୍କ ଯୋଗୁଁ ବର୍ଗରଙ୍କ ବଦଳରେ ବର୍ଗର ପରଷା ଯାଇଥିଲା। ଏହି ଘଟଣା ସମ୍ପର୍କରେ ଆସିବା ପରେ ସେ ଏଭଳି ଏକ ରେଷ୍ଟୋରାଁ ଖୋଲିବା ପାଇଁ ଚିନ୍ତା କଲେ। ତାଙ୍କର ଏହି ରେଷ୍ଟୋରାଁ ବର୍ଷ ବର୍ଷ ଧରି ଗ୍ରାହକଙ୍କୁ ଭୁଲଭାଲ ଖାଦ୍ୟ ପରଷି ଆସୁଛି। ଅବଶ୍ୟ ଏବେ କଣ୍ଟେଣ୍ଟ କ୍ରିଏଟର କୁଲଦୀପ ସିଙ୍ଗାନିଆ ଏହି ରେଷ୍ଟୋରାଁ ବାବଦରେ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ଏଠାରେ କୁଲଦୀପ ପନିର ପିଜା ଅର୍ଡର ଦେଇଥିଲେ। କିନ୍ତୁ ୱେଟରେ କୁକିଜ ପରିବେଷଣ କରିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ସେ ଜାଣିବାକୁ ପାଇଥିଲେ ଯେ, ଏହି ରେଷ୍ଟୋରାଁ ଗ୍ରାହକଙ୍କୁ ଭୁଲ ଖାଦ୍ୟ ପରଷିବା ପାଇଁ ହିଁ ଖ୍ୟାତ। ସେହିପରି ଏଠାକୁ ଆସୁଥିବା ୯୯ ପ୍ରତିଶତ ଗ୍ରାହକ ସେମାନେ ଅର୍ଡର ଦେଇ ନ ଥିବା ଖାଦ୍ୟ ମିଳିବା ପରେ ବି ମନ ଖୁସିରେ ଫେରୁଥିବା କୁଲଦୀପ କହିଛନ୍ତି। କୁଲଦୀପଙ୍କର ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି।




# ଏଆଇକୁ ପ୍ରଶ୍ନ ପଚାରି ଚିକିତ୍ସା କରାଇବା ଠିକ୍ ନା ଭୁଲ

ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରୁଥିବାର ଦେଖାଯାଉଛି। ଏଇ ଯେମିତି କେତେବେଳେ ଡାକ୍ତରଙ୍କ ପାଖକୁ ଯିବା ଦରକାର, କେଉଁ ଲକ୍ଷଣ କେଉଁ ରୋଗର ଏବଂ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ ଏହି ଔଷଧ ଠିକ୍ କି ନୁହେଁ ଭଳି ଅନେକ ପ୍ରଶ୍ନ ଏଆଇକୁ ପଚରାଯାଉଛି। ତେବେ ଏଆଇରୁ ମିଳୁଥିବା ଉତ୍ତର କେତେ ଦୂର ଭରସାଯୋଗ୍ୟ, ସେ କଥା କେହି ଚିନ୍ତା କରି ନ ଥାନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲୋକଙ୍କର ଏହି ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଗବେଷଣାନୁସାରେ, ଏବେ ଅଧିକାଂଶ ଟପ୍ ଏଆଇ ମଡେଲ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖୁଛନ୍ତି। କେବଳ ସେତିକି ନୁହେଁ, ଡାକ୍ତରଙ୍କ ଭଳି ସେମାନେ ଫଲୋଅପ୍ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ତେବେ ଏହି ଗବେଷଣାର ମୁଖ୍ୟ ଗବେଷକ କହିଛନ୍ତି, ୨୦୨୩ ମସିହାରେ ଯେତେବେଳେ ସେ ଏନେଇ ଏକ ଗବେଷଣା କରିଥିଲେ, ସେତେବେଳେ ସମସ୍ତ ବଡ଼ ବଡ଼ ଏଆଇ ମଡେଲଗୁଡ଼ିକ ନିଜକୁ ଡାକ୍ତର ବୋଲି କହି ନ ଥିଲେ। ଏପରିକି ଅନେକ ଥର ଏଆଇ ପ୍ରଶ୍ନର ଉତ୍ତର ନ ଦେବା ପାଇଁ ବି ସ୍ପଷ୍ଟ ଭାବେ କହି ଦେଉଥିଲା। ହେଲେ ୨୦୨୫ରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିବା ସେ କହିଛନ୍ତି। ଏବେ ଏଆଇ ବିନା କୌଣସି ଚେତାବନୀରେ ଡାକ୍ତରୀ ପରାମର୍ଶ ପ୍ରଦାନ କରୁଛି। ଓପନ ଏଆଇ, ଆନ୍ଥ୍ରୋପିକ୍, ଡିପସିକ୍, ଗୁଗଲ ଭଳି ସମୁଦାୟ ୧୫ଟି ବଡ଼ ଏଆଇ ମଡେଲର ୫୦୦ ଡାକ୍ତରୀ ପରାମର୍ଶ ଏବଂ ୧୫୦୦ ମେଡିକାଲ ଇମେଜ ଉପରେ ଏହି ଗବେଷଣା କରାଯାଇଥିଲା। ଯାହାର ଫଳାଫଳ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ତେବେ ଏଆଇ ଯେତେବେଳେ ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ଆତ୍ମବିଶ୍ୱାସର ଦିଏ ସେତେବେଳେ ଲୋକେ ତାଙ୍କ ସାମ୍ନାରେ ଡାକ୍ତରଙ୍କ ବଦଳରେ ମେସିନ୍ ବସିଥିବା କଥା ଭୁଲିଯାନ୍ତି। ଗବେଷକଙ୍କ କହିବା କଥା, ଭୁଲ୍ ସୂଚନା ରୋଗୀଙ୍କ ଜୀବନ ମଧ୍ୟ ନେଇପାରେ। ସେହିପରି ଏମ୍‌ଆଇଟିର ଏଆଇ ବିଶେଷଜ୍ଞଙ୍କ କହିବା କଥା, ଲୋକେ ଯେଭଳି ଏହି ଟୁଲ୍‌କୁ ଅଧିକ ବ୍ୟବହାର କରିବେ, କମ୍ପାନୀଗୁଡ଼ିକ ଜାଣିଶୁଣି ଲୋକଙ୍କ ଭରସା ଜିତିବା ଲାଗି ଚେତାବନୀଗୁଡ଼ିକ ହଟେଇ ଦେଉଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କୁ ହିଁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ। ଆହୁରି ମଧ୍ୟ ଗବେଷକମାନେ କହିଛନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନରେ ଏଆଇ କିଛି ସତର୍କତା ଅବଲମ୍ବନ କରିଥାଏ। ହେଲେ ମେଡିକାଲ ଇମରଜେନ୍ସି, ଗମ୍ଭୀର ରୋଗ ଆଦି କ୍ଷେତ୍ରରେ ଏହା ବିନା ଦ୍ୱିଧାରେ ପରାମର୍ଶ ଦେଇଥାଏ। ହେଲେ ପ୍ରକୃତରେ ମେସିନ୍ କିଛି ବୁଝି ନ ଥାଏ, କେବଳ ଯାହା ଡାଟା ପ୍ରୋସେସିଂ କରିଥାଏ। ତେଣୁ ଏଆଇ ଏକ ଉତ୍ତମ ଟୁଲ୍ ହୋଇଥିବା ବେଳେ ଏହା କେବେବି ଡାକ୍ତରଙ୍କ ବିକଳ୍ପ ହୋଇପାରିବ ନାହିଁ। ସେହିପରି ଗବେଷକଙ୍କ କହିବା କଥା, ଏଆଇକୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରିବା ପରେ ଡାକ୍ତରଙ୍କ ଠାରୁ ତାହା ଯାଞ୍ଚ କରିନେବା ଆବଶ୍ୟକ।



# ପାଣିରେ ମିଳେଇବ ପ୍ଲାଷ୍ଟିକ୍

ସାଧାରଣତଃ ପ୍ଲାଷ୍ଟିକ୍ ମାଟିରେ ଶୀଘ୍ର ବିଘଟନ ହୋଇ ନ ଥାଏ। ଫଳରେ ଏହା ମାଟିରେ ପଡ଼ି ରହି ପରିବେଶ ପ୍ରଦୂଷଣର କାରଣ ସାଜେ। କେବଳ ଯେ, ଏହା ମୃତ୍ତିକାକୁ ପ୍ରଦୂଷଣ କରୁଛି କି ତାହା ନୁହେଁ ନିୟମିତ ସମୁଦ୍ରରେ ହଜାର ହଜାର ଟନ୍ ପ୍ଲାଷ୍ଟିକ୍ ମିଶି ସାମୁଦ୍ରିକ ଜୀବଙ୍କ ପାଇଁ ମଧ୍ୟ ଏହା ଏକ ବିପଜ୍ଜନକ ପରିବେଶ ସୃଷ୍ଟି କରୁଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ଜାପାନର ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ପ୍ଲାଷ୍ଟିକ୍ ବିକଶିତ କରିଛନ୍ତି। ଯାହାକି ସମୁଦ୍ରର କ୍ଷାରୀୟ ଜଳ ସଂସ୍ପର୍ଶରେ ଆସିବାର କିଛି ସମୟ ମଧ୍ୟରେ ମିଳେଇ ଯିବ। ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ରିକେନ ସେଣ୍ଟରର ବୈଜ୍ଞାନିକମାନେ ମିଶି ଏହାକୁ ବିକଶିତ କରିଛନ୍ତି। ଏହି ନୂଆ ଅନୁସନ୍ଧାନ ସମୁଦ୍ରକୁ ପରିଷ୍କାର ତଥା ସଫା ରଖିବାରେ ସାହାଯ୍ୟ କରିବ। ଏହା ସହ ଭବିଷ୍ୟତରେ ପ୍ଲାଷ୍ଟିକ୍ ସମସ୍ୟାକୁ କମ୍ କରିବାର ଏକ ସୁନ୍ଦର ବିକଳ୍ପ ହେବ ବୋଲି କୁହାଯାଇପାରିବ। ନୂତନ ପ୍ଲାଷ୍ଟିକ୍‌ର ବିଶେଷତ୍ୱ ହେଉଛି, ଏଥିରୁ କୌଣସି ପ୍ରକାର ବିଷାକ୍ତ ପଦାର୍ଥ କିମ୍ବା ମାଇକ୍ରୋପ୍ଲାଷ୍ଟିକ୍ ନିର୍ଗତ ହୁଏ ନାହିଁ। ତେବେ ଏହି ନୂତନ ପ୍ଲାଷ୍ଟିକ୍ ଦେଖିବାକୁ ସାଧାରଣ ପ୍ଲାଷ୍ଟିକ୍ ଭଳି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଲୁଣି ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଛୋଟ ଛୋଟ ଖଣ୍ଡରେ ଭାଙ୍ଗିଯାଏ। ଏହାପରେ ପାଣିରେ ରହୁଥିବା ଜୀବାଣୁଗୁଡ଼ିକ ଏହାକୁ ପୂରାପୂରି ନଷ୍ଟ କରିଦେଇଥାନ୍ତି। ତେବେ ଏହି ନୂତନ ପ୍ଲାଷ୍ଟିକ୍ କେବଳ ସମୁଦ୍ର ଜଳରେ ନୁହେଁ, ଲୁଣିଆ ଭୂମିରେ ବି ଧୀରେ ଧୀରେ ନଷ୍ଟ ହୋଇଯାଏ। ସେହିପରି ଏହି ପ୍ଲାଷ୍ଟିକ୍ ମାଟିରେ ପଡ଼ିବାର ୮ ଦିନ ମଧ୍ୟରେ ଏହା ବିଘଟିତ ହୋଇଥାଏ। ଅନ୍ୟପଟେ ଏହା ବିଷାକ୍ତ ମଧ୍ୟ ନୁହେଁ। ତେଣୁ ଏହାକୁ ଜାଳିଲେ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହୁଏ ନାହିଁ। ଏହିପରି ଭାବେ ଏହି ପ୍ଲାଷ୍ଟିକ୍ ପରିବେଶର କ୍ଷତି କରିବ ନାହିଁ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଉଧାର ଟଙ୍କା ଫେରି ପାଇବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ: କ୍ରାଇମ୍‌ବ୍ରାଞ୍ଚ ଆଗରେ ସତ ଓଗାଳିଲେ ଦୁଇ ଅଭିଯୁକ୍ତ**

## ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପେନ୍‌ଡ୍ରାଇଭ୍‌ରେ ଯାଇଥିଲା ପ୍ରଶ୍ନପତ୍ର

କଟକ,୧୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ) ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ ମିଶ୍ର କ୍ରାଇମ୍‌ବ୍ରାଞ୍ଚର ମାରାଥନ ଜେରାରେ ସତ ଓଗାଳିଛନ୍ତି।

- ପେନ୍‌ଡ୍ରାଇଭ୍ ଓ ହାର୍ଡକପିକୁ ନେଇ ପ୍ରଥମେ ନୟାଗଡ଼ ଯାଇଥିଲେ ଜିତନ
- ଆମ୍ବଦଲାକୁ ପ୍ରଶ୍ନପତ୍ର ନେଇଥିବା ବିଜୟଙ୍କ ଭାଇଙ୍କୁ ଜେରା

ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଲାପଟପରୁ ମୁଖ୍ୟ କାର୍ପଟଦାର ଜିତନ ମହାରଣା ପେନ୍‌ଡ୍ରାଇଭରେ ଓଟିଇଟି ପ୍ରଶ୍ନକୁ କପି କରିଥିଲେ ଓ ଏହାର ଏକ ହାର୍ଡ କପି ସେହିଠାରେ ବାହାର କରିଥିଲେ। ପରେ ସେ ଏହି ପେନଡ୍ରାଇଭ ଓ ହାର୍ଡ କପିକୁ ବନ୍ଦ ଲଫାଫାରେ ଭର୍ତ୍ତି କରି ନିଜ ଗାଡିରେ ଜଣେ ଡ୍ରାଇଭରଙ୍କୁ ନେଇ ନୟାଗଡ ଅଭିମୁଖେ ଯାଇଥିଲେ। ସେଠାରେ ସେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କ ଭାଇଙ୍କୁ ଏହାକୁ ହସ୍ତାନ୍ତର କରିଥିଲେ। ନୟାଗଡରୁ ବିଜୟଙ୍କ ଭାଇ ସେହି ଲଫାଫା ନେଇ ରାୟଗଡାର ଆମ୍ବଦଲାକୁ ଯାଇ ବିଜୟ ଓ ତାଙ୍କ ଅନ୍ୟ ସହଯୋଗୀମାନଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜିତନ ଓ ବିଜୟ ସତ ଓଗାଳିବା ପରେ କ୍ରାଇମବ୍ରାଞ୍ଚ ଆଜି ସମ୍ପୃକ୍ତ ଗାଡିର ଡ୍ରାଇଭର ଓ ବିଜୟଙ୍କ ଭାଇଙ୍କୁ ପଚରାଉଚୁରା କରିଛି। ତେବେ ଡ୍ରାଇଭର ଜଣକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜାଣିଥିଲା ନା କେବଳ ନିଜର ପାରିଶ୍ରମିକ ପାଇ ଯାଇଥିଲା, ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ।

ବୋର୍ଡ କାର୍ଯ୍ୟାଳୟରୁ ଜିତନ ପ୍ରଶ୍ନପତ୍ରକୁ ପେନ୍‌ଡ୍ରାଇଭରେ କପି କରି ଆଣିବା ପରେ ବିଜୟଙ୍କ ସହ ତାଙ୍କର ଫୋନ ଯୋଗେ ବାର୍ତ୍ତାଳାପ ହୋଇଥିଲା। ବିଜୟଙ୍କ ଯୋଜନା ମୁତାବକ ଜିତନ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରି ଏହା ଜାଣିବାକୁ ପାଇଛି।

**ସୁଭଦ୍ରା ପେଞ୍ଚ**

# ପ୍ରଥମ କିସ୍ତି ଦେଲେ; ଦ୍ୱିତୀୟ କିସ୍ତିକୁ ମାରିଦେଲେ

## ୨୧ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇଲା 'ସୁଭଦ୍ରା' ପୋର୍ଟାଲ

ସାକ୍ଷୀଗୋପାଳ,୧୩।୮ (ସମିସ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ସୁଭଦ୍ରା' ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ରେ। ଜୀବିତ ଥିବା ୨୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ପୋର୍ଟାଲ୍‌ରେ ମୃତ ବୋଲି ଦର୍ଶାଯାଇଛି। ଫଳରେ ଉକ୍ତ ୨୧ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ଉକ୍ତ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ତାଙ୍କର ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ସେ ପାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିଲା। ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିଥିଲେ ହେଁ ସେଠାରେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ଉକ୍ତ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକ୍‌ରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜଳି ପ୍ରଧାନ, ସିପ୍ରା ସାହୁ, ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ମୃତ ଦର୍ଶାଇ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯାଇଛି।

ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଉକ୍ତ ହିତାଧିକାରୀମାନେ ଏ ସମ୍ପର୍କରେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହା ମଧ୍ୟରେ ଗତ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଛି। ଏହି ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବାବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ୍‌ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବାବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ସଂଶୋଧନ କରାଯିବା ସହ ବାଦ୍ ପଡ଼ିଥିବା ଏହି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ସହାୟତା ଅର୍ଥ ପ୍ରଦାନ କରାଯିବ।

**ବୁର୍ଲା ଭିମସାରରେ ଅଘଟଣ**

## ପ୍ରଥମ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର, ୧୩।୮ (ସମିସ): ବୁର୍ଲା ଭିମସାରରେ ଏକ ଅଘଟଣ ଘଟିଛି। ଜଣେ ରୋଗୀ ଭିମସାର୍ ଡାକ୍ତରଖାନାର ପ୍ରଥମ ମହଲାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଓଁର ସୁବୀର ସିରଦାର (୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ରାତିରେ ଭାଟିଗାଓଁର ସୁବୀର ସିରଦାର ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ, ଅବସ୍ଥା ଗୁରୁତର ହେବାରୁ ଆଜି ଭୋର ସକାଳୁ ତାଙ୍କୁ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ତାଙ୍କୁ ଅଣାଯାଇଥିବା ସମୟରେ ସେଠାରୁ ସେ କୌଶଳକ୍ରମେ ଖସିଯାଇ ପ୍ରଥମ ମହଲା ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ।

## ମଦ ପିଆଇ ହାଣିଦେଲେ

କୋଦଳା, ୧୩।୮ (ସମିସ): ପୁଣି ଅଶାନ୍ତ ଗଞ୍ଜାମ। ଜିଲ୍ଲାରେ ଅପରାଧ କମିବାର ନାଁ ନେଉନି। ବୁଧବାର ବେଗୁନିଆପଡ଼ା ଥାନା ସୋରଡ଼ାପଲ୍ଲୀରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ସାଙ୍ଗହୋଇ ତିନିଜଣ ମଦପିଇ କୋଦାଳ ଓ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସେହି ଗ୍ରାମର କୈଳାସ ଶବରଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ କୋଦାଳରେ ମୁଣ୍ଡକୁ ହାଣିବା ପରେ ଧାରୁଆ ଅସ୍ତ୍ରରେ ବେକକୁ କାଟି ଦେଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଶ୍ରୀକ୍ଷେତ୍ର ଶବର ବେଗୁନିଆପଡା ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନେତୃତ୍ୱରେ ପୁଲିସ ଛାନଭିନ ଜାରି ରଖିଛି।

## ମେସ୍‌ରେ ଝୁଲିପଡ଼ିଲେ ଛାତ୍ରୀ

କେନ୍ଦୁଝର,୧୩।୮ (ସମିସ): କେନ୍ଦୁଝର ଧରଣୀଧର ବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣଙ୍କ ଧରଣୀଧର ବିଶ୍ୱ ବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଥମ ବର୍ଷର ପିଜି ଛାତ୍ରୀ ବୋଲି ଜଣାପଡ଼ିଛି। ପୁଲିସ୍ ପହଞ୍ଚି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ବେଳେ, ତେବେ ସେ କେଉଁ ପରିସ୍ଥିତିରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି, ତାହା ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା**

## ସିଡି ଦାଖଲ କରି ପାରିଲାନି ପୁଲିସ

ବାଲେଶ୍ୱର,୧୩।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଗତକାଲି ସ୍ଥାନୀୟ ଦୌରାଜଜ୍‌ଙ୍କ ଅଦାଲତରେ ବିଇଡି ବିଭାଗର ମୁଖ୍ୟ ଅଧ୍ୟାପକ ସମୀର ସାହୁଙ୍କ ଜାମିନ ଆବେଦନର ଶୁଣାଣି ହେବାର ଥିଲା। ହେଲେ ସହଦେବଖୁଣ୍ଟା ପୁଲିସ କେସ୍ ଡାଏରୀ ଦାଖଲ କରି ନପାରିବାରୁ ଶୁଣାଣି ହୋଇପାରିଲା ନାହିଁ। ଜିଲ୍ଲା ଦୌରା ଜଜ୍ ଆସନ୍ତା ୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ଜାମିନ ଆବେଦନର ଶୁଣାଣି କରିବାକୁ କୋର୍ଟ କହିଛନ୍ତି।

## ଝିଅକୁ ଖୋଜିବାକୁ ଟଙ୍କା ମାଗି ଏଏସ୍‌ଆଇ ନିଲମ୍ବିତ

ଭଦ୍ରକ,୧୩।୮ (ସମିସ): ଜଣେ ନିଖୋଜ ନାବାଳିକାକୁ ଖୋଜିବା ପାଇଁ ପରିବାରକୁ ଟଙ୍କା ମାଗିବା ଅଭିଯୋଗରେ ଧାମନଗର ଥାନା ଏଏସଆଇ ନେପାଳ ସାହାଙ୍କୁ ଏସ୍‌ପି ମନୋଜ କୁମାର ରାଉତ ନିଲମ୍ବନ କରିଛନ୍ତି। ଜୁନ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ପୁଲିସ ବିଳମ୍ବ କରୁଥିବା ଏବଂ ଖୋଜିବା ପାଇଁ ଟଙ୍କା ମାଗୁଥିବା ନେଇ ପରିବାରଲୋକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍‌ପି ଥାନା ଏଏସଆଇଙ୍କୁ ନିଲମ୍ବନ କରିଛନ୍ତି। ଗତ ୧୧ ତାରିଖରେ ନାବାଳିକାକୁ ପୁଲିସ ଉଦ୍ଧାର କରି ଭଦ୍ରକ ଆସିଆନାରେ ରଖିଛି।

**ପଞ୍ଚାୟତିରାଜ ବିଭାଗରେ ବାବୁ ପ୍ରୀତି**

# ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟରେ ବିଡିଓଙ୍କୁ କ୍ଷମତାଶାଳୀ କରାଇ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଫାଇଲରେ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ବାଧ୍ୟତାମୂଳକ ଥିଲା; ହେଲେ ଏବେ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ବିଡିଓଙ୍କ ଦସ୍ତଖତରେ ହେବ। ଏଥିପାଇଁ ଆଉ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଏପରି ନିଷ୍ପତ୍ତି ପରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟ ସରକାର ଭୟରେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଛନ୍ତି ବୋଲି ଉଭୟ ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟର ଅଧିକାଂଶ ବ୍ଲକରେ ଏବେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ତେଣୁ ତଳସ୍ତରରେ ବିଜେପି ସେମାନଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାରେ ବ୍ୟର୍ଥ ହୋଇଛି ଓ ବ୍ଲକ୍‌ଗୁଡ଼ିକରେ ବିଜେପିର କାଟତି ଚଳୁନାହିଁ। ତେଣୁ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାକୁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ନିୟମରେ ଏହି ବଡ଼ ପରିବର୍ତ୍ତନ କରି ବିଡ଼ିଓଙ୍କ ଜରିଆରେ କାମ ହାସଲ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

- ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି: ଅରୁଣ
- ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: ଭକ୍ତ

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିକୁ ମାରି ଦେବାକୁ ଯାଉଛନ୍ତି। ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି। ବ୍ଲକ୍ ପ୍ରତିନିଧିଙ୍କ କ୍ଷମତା କମାଇ ସମ୍ବିଧାନକୁ ହତ୍ୟା କରୁଛନ୍ତି। ଆମେ ବାବୁଙ୍କ କ୍ଷମତା ହ୍ରାସ କରି ଜନ ପ୍ରତିନିଧିଙ୍କୁ କ୍ଷମତା ଦେବୁ ବୋଲି କହୁଥିଲେ, ମାତ୍ର ଏବେ ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବାବୁମାନଙ୍କୁ କ୍ଷମତା ଦେଉଛନ୍ତି। ବର୍ତ୍ତମାନ ବିଜେଡିର ୯୦ ଭାଗ ବ୍ଲକ ଅଧ୍ୟକ୍ଷ। ସେମାନଙ୍କୁ ହଟାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ଅଧ୍ୟକ୍ଷମାନଙ୍କ କ୍ଷମତା ହ୍ରାସ ଯୋଜନା କରିଛନ୍ତି। ଏପରି କ୍ଷମତା ହ୍ରାସ କରିବା ହତ୍ୟା ସହ ସମାନ। ଏ ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ବ୍ଲକର ଅଧ୍ୟକ୍ଷ କୋର୍ଟର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲଂଘନ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି। ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ। ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ଭାବରେ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରି ଆସୁଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି।

# ୧୭ ଯାଏଁ ବର୍ଷା

ଭୁବନେଶ୍ୱର,୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ଯୋଗୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ବୁଧବାର କଟକ ଭୁବନେଶ୍ୱର ସମେତ ଭାବନୀପାଟଣା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲ୍ଲାରେ ବର୍ଷା ହୋଇଛି। ଗୁରୁବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ, ତେବେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୨-୨୩ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ବିସ୍ତୃତ ଓ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ସୃଷ୍ଟ ଲଘୁଚାପଟି ଉତ୍ତରକୁ ଗତି କରି ୧୬ରେ ଓଡ଼ିଶା ଉପକୂଳ ଏବଂ ୧୯ରେ ପଶ୍ଚିମ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଯିବାର ସମ୍ଭାବନା ରହିଛି। ଏହାଦ୍ୱାରା ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସହ ବଲାଙ୍ଗିର, ସମ୍ବଲପୁରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରୀଣରେ ରହିବ। ଏହାଦ୍ୱାରା ସେହି ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଅଗଷ୍ଟ ୧୫ରେ ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁର, ସକାଳ ଓଲି ପାଗ ଶୁଖିଲା ରହିବ। ଭୁବନେଶ୍ୱରରେ ସକାଳ ୧୦ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି ଓ ମଧ୍ୟାହ୍ନରେ ବର୍ଷାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଥିବା ଯୋଗୁଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

**ଆଗାମୀ ସପ୍ତାହରେ ପୁଣି ଏକ ଲଘୁଚାପ**

**ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି**

## ଚୂଡ଼ାନ୍ତ ପରୀକ୍ଷାଫଳ ପରେ ବି ମିଳୁନି ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୮ (ସମିସ): ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁନି। ପ୍ରାୟ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ପରୀକ୍ଷା ଫଳ ଗତ ଜୁନ୍ ୧୬ରେ ପ୍ରକାଶ ପାଇ ସାରିଛି। ଜିଲ୍ଲାୱାରୀ ନିଯୁକ୍ତି ତାଲିକା ସାର୍ବଜନୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନି। ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶନର ୨ ମାସ ପରେ ମଧ୍ୟ କାହିଁକି ନିଯୁକ୍ତି ଦିଆଯାଉନି ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ଡିସେମ୍ବର ୧୫ରେ ଆଶାର୍ଥୀଙ୍କ ଠାରୁ ପ୍ରାର୍ଥିପତ୍ର ଗ୍ରହଣ କରାଯାଇଥିଲା। ଏହାର ପ୍ରାୟ ୮ ମାସ ପରେ ପରୀକ୍ଷା ଏବଂ ଗତ ଜୁନ୍ ୧୬ରେ ଚୁଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କୁ କାହିଁକି ନିଯୁକ୍ତିପତ୍ର ପ୍ରଦାନ କରାଯାଉ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମୟ ଗଡୁଥିବାରୁ ସେମାନଙ୍କ ମଧ୍ୟରେ ଉଭୟ ମାନସିକ ଓ ଆର୍ଥିକ ଚାପ ବଢୁଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ କୃତୀ ପରୀକ୍ଷାର୍ଥୀ ଏବଂ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି।

**ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଅଜବ ନିୟମ**

# ୪୫ ବର୍ଷରୁ ଡେଇଁଲେ ହୋଇପାରିବେନି ଅତିଥି ଅଧ୍ୟାପକ

ଭୁବନେଶ୍ୱର,୧୩।୮ (ସମିସ): ଅତିଥି ଅଧ୍ୟାପକ ନିଯୁକ୍ତି କରିବା ପାଇଁ ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟ (ୟୁଏଲ୍‌ସି)ର ଅଜବ ନିୟମ। ୪୫ ବର୍ଷରୁ ଅଧିକ ହୋଇଥିଲେ ଆବେଦନ କରିପାରିବେ ନାହିଁ। ଏପରିକି ଅତିଥି ଅଧ୍ୟାପକଙ୍କୁ ପ୍ରତି ମାସରେ ପାରିଶ୍ରମିକ ମିଳିବ ନାହିଁ। ପ୍ରତି ୬ ମାସରେ ଥରେ ପାରିଶ୍ରମିକ ମିଳିବ। ଚଳିତ ଶିକ୍ଷାବର୍ଷରେ ଅତିଥି ଅଧ୍ୟାପକ ପାଇଁ ୟୁଏଲ୍‌ସି କରିଥିବା ଏପରି କିଛି ନିୟମ ବିବାଦ ଘେରକୁ ଆସିଛି। ଅପରପକ୍ଷରେ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଅତିଥି ଅଧ୍ୟାପକ ନିଯୁକ୍ତ ନ କରି ପୂର୍ବରୁ ନିଯୁକ୍ତ ହୋଇଥିବା ଅଧ୍ୟାପକଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହାକୁ ଅମାନ୍ୟ କରି ନୂତନ ନିଯୁକ୍ତି ପ୍ରକ୍ରିୟା କରିଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନୋଭାବ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅତିଥି ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବରିଷ୍ଠତା ଓ ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯାଏ। ଏପରିକି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପୂର୍ବରୁ ନିର୍ଦ୍ଦେଶ ଦେଇଛି। ହେଲେ ୟୁଏଲ୍‌ସି କାହିଁକି ବୟସସୀମା ୪୫ ବର୍ଷ ନିର୍ଦ୍ଧାରଣ କରିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବେ ନିଜର ପରିଚିତଙ୍କୁ ଥଇଥାନ କରିବା ପାଇଁ ଏପିରି ନିୟମ କରିଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ସମ୍ପ୍ରତି ଭାରପ୍ରାପ୍ତ ଅଧ୍ୟକ୍ଷ ଥିବା ଡ. ଜ୍ଞାନେନ୍ଦ୍ର ସାହୁଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି କରିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ବରିଷ୍ଠ ଅଧ୍ୟାପକ ଡ. ସତ୍ୟନାରାୟଣ ମଲ୍ଲିକଙ୍କୁ କାହିଁକି ପଦଚ୍ୟୁତ କରି କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ କରାଗଲା ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି। ଶିକ୍ଷାବିତ୍‌ଙ୍କ କହିବା କଥା, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ବର୍ଦ୍ଧିତ କାର୍ଯ୍ୟକାଳ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇପାରିବେ ନାହିଁ। ତାହାଲେ କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ବରିଷ୍ଠଙ୍କୁ ହଟାଇ କନିଷ୍ଠଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ବୋଲି ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ପ୍ରଶ୍ନ କରଛନ୍ତି। ଭାରପ୍ରାପ୍ତ କୁଳପତି କ୍ଷମତା ବହିର୍ଭୂତ କାର୍ଯ୍ୟ କରିଥିବାରୁ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ସମଗ୍ର ଘଟଣାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

- ପରିଚିତଙ୍କୁ ଥଇଥାନ, କନିଷ୍ଠଙ୍କୁ କରାଯାଇଛି ଅଧ୍ୟକ୍ଷ
- ୟୁଜିସି ନେଟ୍ ଯୋଗ୍ୟତା ନେଇ ଦର୍ଶାଯାଇଛି ମିଥ୍ୟା ତଥ୍ୟ

ଅପରପକ୍ଷରେ ଅଭିମନ୍ୟୁ ସେଠୀ ଓ ସୁଭଦ୍ରା ହାଁସଦା ଇସ୍ତଫା ଦେଇ ସାରିଥିଲେ ମଧ୍ୟ ମହାବିଦ୍ୟାଳୟ ୱେବସାଇଟ୍‌ରେ ତଥ୍ୟ ଅପଡେଟ୍ କରାଯାଉ ନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମସ୍ତ ୨୨ ଜଣ ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନେଟ୍ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ହେଲେ ବାସ୍ତବରେ ଇସ୍ତଫା ଦେଇସାରିଥିବା ସୁଭଦ୍ରା ହାଁସଦାଙ୍କ ବ୍ୟତୀତ ଅନ୍ୟ କେହି ୟୁଜିସି ନେଟ୍ ଉତ୍ତୀର୍ଣ୍ଣ ହୋଇ ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏପରିକି ବାର୍ କାଉଁସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଆଫିଲେସନ୍ କଟିଯିବା ବା ପୁନଃ ନବୀକରଣ ହୋଇ ନ ପାରିବା ଆଶଙ୍କାରେ ଏପରି ମିଥ୍ୟା ତଥ୍ୟ ଦର୍ଶାଯାଇଥିବା ଅଭିଯୋଗ ହୋଇଛି।

**ପରିବହନ ବିଭାଗ ବେଫିକର**

# ଦୁଇଗୁଣ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର, ୧୩।୮ (ସମିସ): ଦିନକେଇଟା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯିବ। ସହରରୁ ଗାଁ ଓ ଗାଁରୁ ସହରକୁ ଲୋକମାନଙ୍କ ଯାତାୟତ ବଢ଼ିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରୁ ଲୋକମାନେ ଗ୍ରାମାଞ୍ଚଳକୁ ବସ୍ ଯୋଗେ ଯିବେ। ଏହି ସମୟରେ ଯାତ୍ରୀଙ୍କ ଭିଡର ଫାଇଦା ଉଠାଉଛନ୍ତି କିଛି ଘରୋଇ ବସ୍। ଏଜେଣ୍ଟଙ୍କ ଜରିଆରେ ନିର୍ଦ୍ଧାରିତ ଭଡ଼ାଠୁ ଅଧିକ ନେଉଛନ୍ତି। ଏମିତିକି ଅନ୍‌ଲାଇନ୍ ଟିକଟ୍‌ରେ ଅଧିକାଂଶ ସମୟରେ ଯାତ୍ରୀଙ୍କଠୁ ଦୁଇଗୁଣା ଭଡ଼ା ନେବାକୁ ପଛାଉନାହାନ୍ତି। ନିୟମିତ ରାଜଧାନୀରୁ ଦୂରଦୂରାନ୍ତକୁ ଯାତ୍ରା କରୁଥିବା କିଛି ଯାତ୍ରୀ ଏଭଳି ଅଭିଯୋଗ କରିଛନ୍ତି।

ବସିବା ସିଟ୍ ଉପରେ ଥିବା ଏକମାତ୍ର ସ୍ଲିପର୍ ସିଟ୍‌ରେ ଦୁଇଜଣ ଲେଖାଏଁ ଯାତ୍ରୀଙ୍କୁ ନେଇ ଦୁଇଟି ଭଡା ଆଦାୟ କରୁଛନ୍ତି। ସ୍ଲିପର୍‌ରେ ଯେତିକି ଭଡ଼ା ରହିଛି, ତା'ଠୁ ଅଧିକ ଭଡା ଯାତ୍ରୀଙ୍କଠୁ ନିଆଯାଉଛି। ପାର୍ବଣ ସମୟ ଆସିଲେ, ଜାଣିଶୁଣି ଘରୋଇ ବସ୍ ମାଲିକ ଓ କିଛି ଏଜେଣ୍ଟ ବସ୍ ସିଟ୍‌ର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପରବର୍ତୀ ସମୟରେ ଯାତ୍ରୀମାନଙ୍କଠୁ ଅଧିକ ଭଡ଼ା ନେଇ ବସ୍‌ରେ ସେହି ସିଟ୍ ଦେଉଛନ୍ତି। କେବଳ ଏତିକି ନୁହେଁ; ନାଇଟ୍ କୋଚ୍ ବସ୍‌ରେ ଜଣେ ଯାତ୍ରୀଙ୍କ ପାଇଁ ସ୍ଲିପର୍ ବ୍ୟବସ୍ଥା ରହିଛି। ସିଟ୍ ଭଡ଼ାଠୁ ସାମାନ୍ୟ ଅଧିକ ନେଉଛନ୍ତି। ହେଲେ କିଛି ବସ୍‌ରେ ଗୋଟିଏ ସ୍ଲିପର୍ ସିଟ୍‌ରେ ଦୁଇଜଣ ଯାତ୍ରୀଙ୍କୁ ଦୈନିକ ରାଜ୍ୟର ପ୍ରମୁଖ ସହର ଓ ଗାଁରୁ ଶହ ଶହ ଯାତ୍ରୀ ଭୁବନେଶ୍ୱରକୁ ଆସୁଛନ୍ତି। ଭଦ୍ରକ, ଚାନ୍ଦବାଲି, ବାଲେଶ୍ୱର, ବାରିପଦା, ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କୋରାପୁଟ, ରାୟଗଡା, କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ଢ଼େଙ୍କାନାଳ ଆଦି ସହରକୁ ରାଜଧାନୀରୁ ଦୈନିକ ଶତାଧିକ ଘରୋଇ ନାଇଟ୍ କୋଚ୍ ବସ୍ ଯାତାୟାତ କରିଥାଏ। ବିଶେଷକରି ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ସମୟରେ ଦୁଇଗୁଣା ଯାତ୍ରୀ ଯାତାୟାତ କରିଥାନ୍ତି। କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଅନେକ ଯାତ୍ରୀ ଗାଁକୁ ଯାଇଥାନ୍ତି। ଏଥିପାଇଁ ଦେଢ଼ ମାସ ଆଗରୁ ଟିକଟ୍ ବୁକିଂ ହୋଇଥାଏ। ବିଶେଷକରି ଗ୍ରାମାଞ୍ଚଳକୁ ଯାତାୟାତ କରୁଥିବା ବସ୍‌ରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅଞ୍ଚଳକୁ ଯାଉଥିବା ବସ୍‌ରେ ଯାତ୍ରୀଙ୍କଠୁ ଭଡ଼ା ଅଧିକ ଆଦାୟ କରାଯାଇଥାଏ। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବା ଟିକଟ୍‌ରେ ଅଫ୍‌ଲାଇନ୍ ଟିକଟ୍‌ଠାରୁ ଢ଼େର ଅଧିକ ଯାତ୍ରୀଙ୍କଠୁ ନିଆଯାଉଛି। ବେଳେବେଳେ ଦୁଇଗୁଣା ଭଡା ମଧ୍ୟ ନିଆଯାଉଛି। ଏ ସଂକ୍ରାନ୍ତରେ ଯାତ୍ରୀମାନେ ଅନେକ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯାଉ ନଥିବାରୁ କିଛି ବସ୍ ମାଲିକ ମାସ ମାସ ଧରି ଯାତ୍ରୀଙ୍କଠୁ ଲୁଟି ଚାଲିଛନ୍ତି। ଯଦି କୌଣସି ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକଟ୍ ବାତିଲ କରିବାକୁ ଚାହୁଁଛି, ତାକୁ ତା'ର ଟିକଟ୍ ଅର୍ଥ ଫେରସ୍ତ କରାଯାଉ ନାହିଁ। ପାର୍ବଣ ସମୟରେ ଅଧିକ ଭଡ଼ା ନେଉଥିବା ବସ୍ ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ନିର୍ଦ୍ଧାରିତ ଭଡ଼ା**

| | |
|---|---|
| ସାଧାରଣ ବସ୍ | ଟ. ୦.୮୮/କିମି |
| ଦ୍ରୁତଗାମୀ ବସ୍ | ଟ. ୦.୯୨/କିମି |
| ଡିଲକ୍ସ ବସ୍ | ଟ. ୧.୨୭/ କିମି |
| ଏସି ଡିଲକ୍ସ ବସ୍ | ଟ. ୧.୫୫/କିମି |
| ସୁପର୍ ପ୍ରିମିୟମ୍ ବସ୍ | ଟ. ୨.୪୧/କିମି |

# ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏମ୍‌ଏଲ୍‌ଏ ଲ୍ୟାଡ୍ (ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି) ଓ ସିଏମ୍-ଏସ୍‌ଏ (ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା)ର ସରଳୀକୃତ ମାର୍ଗଦର୍ଶିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ।

ନୂଆ ମାର୍ଗଦର୍ଶିକାରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ପରିବର୍ତ୍ତିତ ସିଏମ୍-ଏସ୍‌ଏ ମାର୍ଗଦର୍ଶିକା ଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ।

■ ବଡ଼ମ୍ବା ଡାକ୍ତରଖାନାରେ ଅଭାବନୀୟ ଘଟଣା

## ଭୁଲ୍ ଇଞ୍ଜେକ୍ସନ୍ ପାଇଁ ଚାଲିଗଲା ଜୀବନ

ବଡ଼ମ୍ବା,୧୩।୮ (ସମିସ): ବଡ଼ମ୍ବା ଡାକ୍ତରଖାନାରେ ଅଭାବନୀୟ ଘଟଣା ଘଟିଛି। ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ୍ ଦିଆଯିବା ଫଳରେ ଜଣେ ରୋଗୀ ଅକାଳରେ ପ୍ରାଣ ହରାଇଥିବା ଅଭିଯୋଗ ଉଠିଛି। ଇଞ୍ଜେକ୍ସନ ନେବାର କିଛି ସମୟ ମଧ୍ୟରେ ସମ୍ପୃକ୍ତ ରୋଗୀଙ୍କ ମୃତ୍ୟୁ ଘଟିବା ପରେ ପରିବାର ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗରୁ ପ୍ରକାଶ ଯେ, ବଡ଼ମ୍ବା ଥାନା ଅଧୀନ ଦାଶରଥିପୁର ଗ୍ରାମପଞ୍ଚାୟତ ଖାରୋଡ଼ ଗ୍ରାମର ରାଜେଶ ବେହେରା (୨୪)ଙ୍କୁ ଜ୍ୱର ହେବାରୁ ବଡ଼ମ୍ବା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ମେଡିସିନ ବିଭାଗର ଡାକ୍ତର ସୁନୀଲ କୁମାର ସାହୁ ତାଙ୍କୁ ଏକ ଇଞ୍ଜେକ୍ସନ ନେବାକୁ ପ୍ରେସ୍କ୍ରାଇବ୍ କରିଥିଲେ। ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନର୍ସଙ୍କ ଦ୍ୱାରା ଇଞ୍ଜେକ୍ସନ ନେବା ପରେ ହଠାତ୍ ରାଜେଶଙ୍କ ରକ୍ତଚାପ ଲୋ ହୋଇଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। କିଛି ସମୟ ପରେ ସେ ପ୍ରାଣ ହରାଇଥିଲେ। ତେବେ ଭୁଲ୍ ଇଞ୍ଜେକ୍ସନ ଦିଆଯିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ରକରି ବଡ଼ମ୍ବା ମେଡିକାଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବଡ଼ମ୍ବା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଏ ନେଇ ବଡ଼ମ୍ବା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ

# ଗେରୁଆ ରଙ୍ଗ ପାଇଁ ବ୍ୟୟ ୩୦ ହଜାର କୋଟି

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟର ସମସ୍ତ ସରକାରୀ କୋଠାବାଡ଼ି ରଙ୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ରଙ୍ଗ କାର୍ଯ୍ୟକ୍ରମ ପାଇଁ ସରକାର ଅତ୍ୟନ୍ତ ଜରୁରୀ ମନ୍ତ୍ରିସ୍ତରୀୟ ମିଟିଂ ବସାଇ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚର ବରାଦ କରିଛନ୍ତି ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ ସରକାରଙ୍କ ଏହି ରଙ୍ଗ ବଦଳା ବଦଖର୍ଚ୍ଚକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମନ୍ତ୍ରିମଣ୍ଡଳର ଏକ ଜରୁରୀକାଳୀନ ସଭାରେ ସମସ୍ତ ସରକାରୀ କୋଠା ବାଡ଼ିର ରଙ୍ଗ ବଦଳାଇ ଗେରୁଆ ରଙ୍ଗରେ ପରିବର୍ତ୍ତିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ଜୁଲାଇ ୨୦ ତାରିଖ ସରକାରଙ୍କ ବିଭାଗକୁ ଦେଇଥିବା ଚିଠିରୁ ଜଣାପଡିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରଙ୍କ ଉପରେ ମୋଟ ଋଣର ପରିମାଣ ୧,୩୪,୯୧୪ ଟଙ୍କା ହୋଇଥିବା ବେଳେ ମୁଣ୍ଡପିଛା ଋଣର ଭାର ୨୦,୧୭୭ ଟଙ୍କା ଅଛି। ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଠାରୁ



ପ୍ରକାଶ ଯେ ରଙ୍ଗ କାମ ପାଇଁ ମୋଟ ୩୦ ହଜାର କୋଟି ଟଙ୍କା ସରକାର ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଯେଉଁ ଦଳ ପୂର୍ବ ସରକାରର ରଙ୍ଗ ମରା କାର୍ଯ୍ୟକ୍ରମକୁ ନେଇ ବିଧାନସଭାରେ ଗର୍ଜନ କରୁଥିଲା, ସେଇ ଦଳ ଶାସନକୁ ଆସିଲା ପରେ ସ୍ୱର ପରିବର୍ତ୍ତନ କିଭଳି ହୋଇଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ନୂତନ ରଙ୍ଗ କାର୍ଯ୍ୟକ୍ରମ କରି ୬-୭ ହଜାର କୋଟି ଟଙ୍କା ସରକାର ପିସି ମାଧ୍ୟମରେ ନିର୍ବାଚନ ଖର୍ଚ୍ଚ ସଂଗ୍ରହ କରିବାକୁ ଚାହୁଁଛନ୍ତି ବୋଲି ଶ୍ରୀ ମହାନ୍ତି ଆଶଙ୍କା

**ପଞ୍ଚାୟତ ନିର୍ବାଚନ ପାଇଁ ଚାଲିଛି ପାଣ୍ଠି ଯୋଗାଡ଼**

ପ୍ରକାଶ କରିଛନ୍ତି। ମୁଖପାତ୍ର କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ସରକାର ପୂର୍ବରୁ ବସ ରଙ୍ଗକୁ ଗେରୁଆରେ ପରିବର୍ତ୍ତନ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଓମଫେଡ୍ କ୍ଷୀର ପ୍ୟାକେଟର ରଙ୍ଗ ମଧ୍ୟ ବଦଳାଇ ଦିଆଯାଇଛି। ବର୍ତ୍ତମାନ ୩୦ ହଜାର କୋଟିର ରଙ୍ଗ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ଏବଂ ପ୍ରଦେଶ କଂଗ୍ରେସ ଏହାର ଦୃଢ ବିରୋଧ କରୁଛି ବୋଲି ମତ ପ୍ରକାଶ କରିଛନ୍ତି।

## ଭୁବନେଶ୍ୱରରେ ମୋହନ ଭାଗବତ



ଭୁବନେଶ୍ୱର,୧୩।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡାଙ୍କ ସୂଚନା ଅନୁସାରେ ଡ. ଭାଗବତ ଶ୍ରୀ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସିଛନ୍ତି। ଏହି ସମୟରେ ସେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ।୧୪ ତାରିଖ ଦିନ କଟକସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଯୋଗ ଦେବା ସହ ସଂଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟକରି ଭୁବନେଶ୍ୱର ଫେରି ଆସିବେ। ଏହାପରେ ୧୫ ତାରିଖ ଦିନ ଡ.ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ।

## ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସ୍ତାବ ଗ୍ରହଣୀୟ ନୁହେଁ: ବିଜେଡି

ଭୁବନେଶ୍ୱର,୧୩।୮ (ସମିସ): ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଯାଉଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି

■ ଏହା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି
■ ଗ୍ରହଣୀୟ ନୁହେଁ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୋଚନ

ଏହା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କହିଛି।

ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନିର୍ଦ୍ଦେଶନାମାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇଲରେ କେବଳ ବିଡିଓଙ୍କ ଦସ୍ତଖତ ରହିବ । ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ୨ଲକ୍ଷ ଟଙ୍କାରୁ ଉଦ୍ଧ୍ୱର୍ ହେଲେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା ଓ ଏହି ପ୍ରକଳ୍ପ ଗୁଡିକ ୧୦ ରୁ ୧୫ ଲକ୍ଷ ପର୍ଯ୍ୟନ୍ତ ରହୁଥିଲା । ତେଣୁ୨୦ ଲକ୍ଷ ପର୍ଯ୍ୟନ୍ତ କେବଳ ବିଡିଓଙ୍କ ଦସ୍ତଖତ ରହିବା ନିୟମ ହେଲେ ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତା କେବଳ ସଂକୁଚିତ ନୁହେଁ, ବରଂ ସଂପୂର୍ଣ୍ଣ ଶୂନରେ ପରିଣତ ହେବ। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶନାମା ଜାରି କରିବା ପଛରେ ରାଜ୍ୟ ସରକାରଙ୍କର କି ଆଭିମୁଖ୍ୟ ରହିଛି ତାହା ସ୍ପଷ୍ଟ ହେବା ଦରକାର। ଶ୍ରୀ ଅମାତ କହିଛନ୍ତି ଯେ ଏହି ପ୍ରସ୍ତାବିତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଲେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଉପରେ କୁଠାରଘାତ ହେବ। ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ ତୃଣମୂଳ ସ୍ତରକୁ କ୍ଷମତା ପ୍ରଦାନ କରାଯିବା କଥା। ମାତ୍ର ଏହି ନିର୍ଦ୍ଦେଶନାମା ମାଧ୍ୟମରେ ତୃଣମୂଳ ସ୍ତରରୁ ବିଶେଷକରି ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ କ୍ଷମତା କାଢି ନେବା ପାଇଁ ପ୍ରୟାସ କରାଯାଉଛି। ତେଣୁ ଏହି ନିର୍ଦ୍ଦେଶନାମା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ରାଜ୍ୟ ବିଜେପି ସରକାର ବାବୁରାଜ ବିରୋଧରେ ଯୁକ୍ତି ବାଢି ଆସୁଥିବା ବେଳେ ଏହି ନିର୍ଦ୍ଦେଶନାମା ବାବୁରାଜକୁ ପ୍ରୋତ୍ସାହନ ଦେଲାଭଳି ଲାଗୁଛି। ଏଥିରୁ ସ୍ପଷ୍ଟ ଭାବେ ବିଜେପିର ଦୋମୁହାଁ ନୀତି ପଦାକୁ ଆସୁଛି। ତେଣୁ ଏହି ପ୍ରସ୍ତାବିତ ନିର୍ଦ୍ଦେଶନାମାକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ଅମାତ ଦାବି କରିଛନ୍ତି।


## ପୁଲିସ ଡ୍ରାଇଭର ନିଯୁକ୍ତି ଲିଖିତ ପରୀକ୍ଷାରେ ୩୧୫୭ କୃତକାର୍ଯ୍ୟ

କଟକ,୧୩।୮ (ସମିସ): ରାଜ୍ୟ ପୁଲିସ ମୋଟର ଟ୍ରାନ୍ସପୋର୍ଟ ଅଧୀନରେ ଡ୍ରାଇଭର ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ମୋଟ୍ ୩୧୫୭ ଜଣ ପ୍ରାର୍ଥୀ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଧାରଣ ବର୍ଗରେ ୧୭୧୭, ଅନୁସୂଚିତ ଜାତି ବର୍ଗରେ ୪୨୮ ଓ ଅନୁସୂଚିତ ଜନଜାତି ବର୍ଗରେ ୧୦୧୨ ଜଣଙ୍କ ତାଲିକା ପୁଲିସ ମୋଟର ଟ୍ରାନ୍ସପୋର୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଏମାନେ ଆଗାମୀ ଶାରୀରିକ ଦକ୍ଷତା ପରୀକ୍ଷା ଓ ଡ୍ରାଇଭିଂ ଟେଷ୍ଟରେ ଅବତୀର୍ଣ୍ଣ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୪ ଅକ୍ଟୋବର ୭ରେ ଓଡ଼ିଶା ପୁଲିସ ମୋଟର ଟ୍ରାନ୍ସପୋର୍ଟ ରାଜ୍ୟ ଚୟନ ବୋର୍ଡ ପକ୍ଷରୁ ୪୦୫ଟି ଡ୍ରାଇଭର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଡିସେମ୍ବର ୨୦ ଓ ୨୮ ରେ ଏହାର ଲିଖିତ ପରୀକ୍ଷା କରାଯାଇଥିଲା। ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନ ଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସର୍ବୋଚ୍ଚ ବୟସ ସୀମା ୪ବର୍ଷ କୋହଳ କରାଯିବା ପରେ ନିକଟରେ ମାମଲାରେ ପୂର୍ଣ୍ଣଛେଦ ପଡ଼ିଥିଲା।

କେନିଆର ନାଇରୋବିଠାରେ ଉଇକିମାନିଆ ୨୦୨୫

## ଯୋଗଦେଲେ ଓଡ଼ିଆ ଓ ସାନ୍ତାଳୀ ଉଇକିଆଳି

ଭୁବନେଶ୍ୱର,୧୩।୮ (ସମିସ): ଉଇକିମିଡ଼ିଆ ସମୁଦାୟ ତଥା ଉଇକିପିଡ଼ିଆର ବାର୍ଷିକ ଉତ୍ସବ ଭାବରେ ପାଳନ କରାଯାଉଥିବା ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଉଇକିମାନିଆ, ଏଥର କେନିଆର ନାଇରୋବି ସହରରେ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାରୁ ଉଭୟ ଓଡ଼ିଆ ଓ ସାନ୍ତାଳି ଉଇକିଆଳିମାନେ (ଉଇକିପିଡ଼ିଆରେ ସ୍ୱେଚ୍ଛାସେବୀ ଭାବରେ ଲେଖୁଥିବା ବ୍ୟକ୍ତି) ଯୋଗ ଦେଇଛନ୍ତି। ପ୍ରତିବର୍ଷ



ଅଗଷ୍ଟ ମାସରେ ପାଳନ କରାଯାଉଥିବା ଏହି କାର୍ଯ୍ୟକ୍ରମ ୨୦ ବର୍ଷରେ ପଦାର୍ପଣ କରିବା ସହିତ ଏହି ବର୍ଷ ୬ ରୁ ୯ ଅଗଷ୍ଟ ଯାଏଁ ଚାରିଦିନ ବ୍ୟାପୀ ଚାଲିବ। ଓଡ଼ିଆ ଉଇକିମିଡ଼ିଆନ୍ସ ଇଉଜର୍ ଗ୍ରୁପ୍‌ର ସଦସ୍ୟ ଚିନ୍ମୟୀ ମିଶ୍ର ଓ ସଂଗ୍ରାମ କେଶରୀ ସେନାପତି ପ୍ରତିନିଧିତ୍ୱ କରିଥିଲେ। ଚିନ୍ମୟୀ ବୃତ୍ତିରେ ଜଣେ ଇଞ୍ଜିନିୟର ଏବଂ ୨୦୧୫ ମସିହାରେ ଉଇକିମିଡ଼ିଆରେ ଯୋଗ ଦେଇଥିଲେ। ଉଇକିମିଡ଼ିଆ ସମୁଦାୟରେ ସାଢ଼େ ପାଞ୍ଚ ଲକ୍ଷରୁ ଅଧିକ ସମ୍ପାଦନା ସହିତ ସଂଗ୍ରାମ ଏବେ ଓଡ଼ିଆ ଉଇକିପାଠାଗାରରେ ପରିଚ୍ଛା ଭାବରେ କାର୍ଯ୍ୟ କରୁଛନ୍ତି। ଏଥର ଉଇକିମାନିଆରେ ସାନ୍ତାଳୀ ଉଇକିପିଡ଼ିଆର ପ୍ରତିନିଧିତ୍ୱ କରୁଥିବା ଦୁର୍ଗା ସୋରେନ, ୨୦୧୭ ମସିହାରୁ ସାନ୍ତାଳୀ ଉଇକିପିଡ଼ିଆରେ ସକ୍ରିୟ ଭାବରେ କାମ କରୁଛନ୍ତି। ସେ ସାନ୍ତାଳୀ ଉଇକିପିଡ଼ିଆର ପ୍ରତିଷ୍ଠା ତଥା ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ, ସେ ଏନ୍ଆଇଟି ଜାମସେଦପୁରରେ ଜଣେ ପ୍ରକଳ୍ପ ସହାୟକ ଭାବରେ କାର୍ଯ୍ୟ କରୁଛନ୍ତି।

## ୧୬ରେ ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସମାବେଶ

ଭୁବନେଶ୍ୱର, ୧୩।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଆସନ୍ତା ୧୬ ତାରିଖରେ ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜଧାନୀ ଗାନ୍ଧିମାର୍ଗରେ ବିଶାଳ ଶିକ୍ଷକ ସମାବେଶ ଅନୁଷ୍ଠିତ ହେବ। ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଅହେତୁକ ବିଳମ୍ବର ପ୍ରତିବାଦ କରାଯିବ ।

ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନାରେ ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୩୦୧୨ଟି ବିଦ୍ୟାଳୟ ସରକାରୀକରଣ ହୋଇଥିଲା। ସେହିପରି ଆଉଏକ ନିଷ୍ପତ୍ତି ନେଲେ ସମସ୍ତ ସମସ୍ୟା ସମାଧାନ ହୋଇପାରିବ। ଏହାସହ ପୁରୁଣା ପେନସନ୍ ଲାଗୁ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ୨୦୦୪ରୁ ଅବସର ନେଇଥିବା ଶିକ୍ଷକ କର୍ମଚାରୀଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ, ଗ୍ରେଡ୍-ପେ ଅସଙ୍ଗତି ଦୂର, ଅବସର ବୟସ ୬୨କୁ ବୃଦ୍ଧି ଏବଂ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶିକ୍ଷାଉପକରଣ, ପୋଷାକ ଓ ସାଇକେଲ ପରି ସରକାରୀ ସହାୟତା ଯୋଗାଇବାକୁ ସମିତି ଦାବି ରଖିଛି। ରାଜ୍ୟ ସରକାର ଆଲୋଚନା କରି ସମାଧାନର ରାସ୍ତା ବାହାର କରିବା ପାଇଁ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି ଓ ମଧୁସୂଦନ ଦେ ପ୍ରମୁଖ ଦାବି କରିଛନ୍ତି।

## ଆତ୍ମହତ୍ୟା ରୋକିବାକୁ ଉଚ୍ଚଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୩।୮ (ସମିସ): ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପରେ ଗଠନ କରାଯାଇଥିବା ଶକ୍ତିଶ୍ରୀ ସ୍କିମ୍ ଅଧୀନରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ସେଫ କ୍ୟାମ୍ପେନ୍ କରାଯିବ ବୋଲି ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନ ଠିକ୍ ରଖିବାକୁ ଏବଂ କୌଣସି ପରିସ୍ଥିତିରେ ମଧ୍ୟ ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ସେଥିପାଇଁ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। ଏନେଇ କ୍ୟାମ୍ପସ୍‌ରେ ବ୍ୟାପକ ସଚେତନତା କରାଯିବ। ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ପରସ୍ପରକୁ ସାହାଯ୍ୟ କରିବା ମଧ୍ୟ ଆବଶ୍ୟକ। କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଥିଲେ ତାଙ୍କୁ ବୁଝେଇବା ଆବଶ୍ୟକ। ଏହାକୁ ଏକ ସାମାଜିକ ଦାୟିତ୍ୱ ଭାବେ ସମସ୍ତେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ କୌଣସି ଘଟଣା ସମ୍ପର୍କରେ ବିବ୍ରତ ନ ହୋଇ ଉପଯୁକ୍ତ ଫୋରମ୍‌ରେ ଅଭିଯୋଗ କଲେ ସମସ୍ତଙ୍କୁ ନ୍ୟାୟ ମିଳି ପାରିବ। ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ପିତାମାତା ଓ ଶିକ୍ଷକଙ୍କ ମାଧ୍ୟମରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରାଯିବ ବୋଲି ଶ୍ରୀ ସୂରଜ କହିଛନ୍ତି।

ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ତୁରନ୍ତ କାର୍ଯ୍ୟକ୍ଷମ କର ଶୀତଳ ଭଣ୍ଡାର

ଭୁବନେଶ୍ୱର, ୧୩।୮ (ସମିସ): ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ସଂକ୍ରାନ୍ତରେ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କୃଷି ଭିତ୍ତିଭୂମି ସୁଦୃଢ଼ ହେଲେ ହିଁ କୃଷକମାନେ ସଶକ୍ତ ହେବେ, ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ରାଜ୍ୟରେ ଶୀତଳ ଭଣ୍ଡାର ଏବଂ ଗୋଦାମର ବହୁତ ଆବଶ୍ୟକ ଥିବାରୁ ଏହାକୁ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଉପଖଣ୍ଡରେ ଅତିକମରେ ଗୋଟିଏ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ବହୁ ସଂସ୍ଥା ଆବେଦନ ମଧ୍ୟ କରିଛନ୍ତି। ବର୍ତ୍ତମାନ ଏସବୁ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଯଥାଶୀଘ୍ର ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ସାର ଯୋଗାଣର ସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରି କଳାବଜାରୀ ହ୍ରାସ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ ପଣ୍ଡା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀ ପଞ୍ଜିକରଣ ମନ୍ଥର

## ନିଯୁକ୍ତ ହେବେ ୨୦ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ

ଭୁବନେଶ୍ୱର, ୧୩।୮ (ସମିସ): ଚାଷୀ ପଞ୍ଜିକରଣରେ ସରକାର ଏକାଧିକ ପେଞ୍ଚ ରଖିଛନ୍ତି। ଯେଉଁଥିପାଇଁ ପୂର୍ବପୁରୁଷ ତଥା ବାପା, ଜେଜେବାପାଙ୍କ ନାମରେ ଥିବା ଜମିକୁ ଚାଷୀ ପଞ୍ଜିକରଣ କରିପାରୁ ନାହାଁ। ଯାହାଦ୍ୱାରା ପୂର୍ବାପେକ୍ଷା ପଞ୍ଜିକରଣ ହ୍ରାସ ପାଇଛି। ଗତବର୍ଷ ୧୭ଲକ୍ଷ ୭୨ହଜାର ୩୪୭ ଜଣ ଚାଷୀ ପଞ୍ଜିକରଣ କରିଥିଲେ ହେଁ ଚଳିତ ବର୍ଷ ଏଯାବତ୍ ୧୧ଲକ୍ଷ ୩୦ହଜାର ୧୨୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି।

**ଛୁଟି ଦିନରେ ବି ହେବ ଚାଷୀଙ୍କ ପଞ୍ଜିକରଣ କାମ**

ଅବଧି ଶେଷ ହୋଇ ଆସୁଥିବାରୁ ଏଣିକି ରବିବାର ଓ ଛୁଟି ଦିନରେ ବି ପଞ୍ଜିକରଣ ଚାଲୁ ରହିବ ବୋଲି ଆଜି ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୦ ତାରିଖରେ ଖରିଫ୍ ଚାଷୀ ପଞ୍ଜିକରଣ ଶେଷ ହେବ। ତେଣୁ ତା' ପୂର୍ବରୁ ଟାର୍ଗେଟ୍ ପୂରଣ କରିବା ପାଇଁ ଏଭଳି ନିଷ୍ପତ୍ତି ବିଭାଗ ନେଇଥିବା ଜଣାପଡ଼ିଛି। ଏବେବି ଅଧିକାଂଶ ଜିଲ୍ଲାରେ ୫୦ ପ୍ରତିଶତ ଟାର୍ଗେଟ୍ ପୂରଣ ହୋଇନି। ସମବାୟ କର୍ମଚାରୀଙ୍କ ସଂଖ୍ୟା, ଇଣ୍ଟରନେଟ୍ ସର୍ଭର ସମସ୍ୟା ଆଦି କାରଣ ବି ଚାଷୀ ପଞ୍ଜିକରଣରେ ବଡ଼ ବାଧକ ସାଜିଥିବା ଅଭିଯୋଗ ହେଉଛି। ସେହିଭଳି ବିଭାଗ ପକ୍ଷରୁ ଆଉଟ୍‌ସୋର୍ସିଂ ଜରିଆରେ ୨୦ ଜଣ ଗ୍ରୁପ୍-ଡି କର୍ମଚାରୀଙ୍କୁ ତତ୍କାଳନ ନିଯୁକ୍ତ କରିବାକୁ ବିଭାଗ ଚିଠି କରିଛି। ଏହାଦ୍ୱାରା କାମ ସରଳୀକରଣ ଓ ପଞ୍ଜିକରଣ ବୃଦ୍ଧି ହେବା ନେଇ ଆଶାପୋଷଣ କରାଯାଉଛି। ମାତ୍ର ଏକାଧିକ ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ପ୍ରମୁଖ ସମସ୍ୟା ହୋଇଥିବାରୁ ସମବାୟ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ତମାଖୁମୁକ୍ତ ଯୁବ ଅଭିଯାନରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର,୧୩।୮ (ସମିସ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପାଳିତ ବିଶ୍ୱ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଦିବସ-୨୦୨୫ ଏବଂ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ରେ ସର୍ବଶ୍ରେଷ୍ଠ ପୁରସ୍କାରରେ ଓଡ଼ିଶାକୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ଦିଲ୍ଲୀ ସ୍ଥିତ ଏମ୍ସରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟ ପରାମର୍ଶଦାତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ରେ (ସେପ୍ଟେମ୍ବର-ନଭେମ୍ବର ୨୦୨୪, ୬୦ ଦିନ ପାଇଁ) ରେ ଓଡିଶାଙ୍କୁ ସର୍ବଶ୍ରେଷ୍ଠ କାର୍ଯ୍ୟକୁଶଳ ରାଜ୍ୟ ଭାବେ ଚୟନ କରାଯାଇ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ରାଜ୍ୟର ଯୁବଶକ୍ତିଙ୍କ ଦ୍ୱାରା ସମାଜରେ ତମାଖୁ ବ୍ୟବହାରର କୁପ୍ରଭାବ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସଫଳ ପ୍ରୟାସ ପାଇଁ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ସମଗ୍ର ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବାରେ ନିରନ୍ତର ପ୍ରୟାସ ପାଇଁ ରାଜ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି।




'ଦିଶା' ବୈଠକରେ ପ୍ରତାପ ଷଡ଼ଙ୍ଗୀଙ୍କୁ ପ୍ରଶ୍ନବାଣରେ ଘାଇଲା କଲେ ବିଧାୟକ ଗୌତମବୁଦ୍ଧ

## ସାଂସଦଙ୍କ ହାତପାଣ୍ଠି ଖର୍ଚ୍ଚ ଅତ୍ୟନ୍ତ ନୈରାଶ୍ୟଜନକ

ବାଲେଶ୍ୱର,୧୩।୮ (ସମିସ): ଜିଲ୍ଲା ବିକାଶ କ୍ଷେତ୍ରରେ ସାଂସଦଙ୍କ ହାତପାଣ୍ଠି ଖର୍ଚ୍ଚ ଅତ୍ୟନ୍ତ ନୈରାଶ୍ୟଜନକ ଥିବା ଦର୍ଶାଇ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକରେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀ ତାଙ୍କ ନିଜ ହାତପାଣ୍ଠି କିଭଳି ଆଉ କେଉଁ ପ୍ରକାର ବିନିଯୋଗ କରିଛନ୍ତି, ତାହା ଆଜିର ବୈଠକରେ ପ୍ରମୁଖ ଆଲୋଚ୍ୟ ବିଷୟ ପାଲଟିଥିଲା। ଦିଶା ବୈଠକରେ ଦିଆଯାଇଥିବା ତଥ୍ୟ ଅନୁସାରେ, ସାଂସଦ ଶ୍ରୀ ଷଡଙ୍ଗୀ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୩୩.୩୩ ପ୍ରତିଶତ ତାଙ୍କ ସାଂସଦ ପାଣ୍ଠିରୁ ଖର୍ଚ୍ଚ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ତାହା କ୍ରମାଗତ ଖସି ମାତ୍ର ୧.୩୦ପ୍ରତିଶତ ଖର୍ଚ୍ଚ କରିଛନ୍ତି। ଏଥିରେ ୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବା ବେଳେ ସେଥିରେ ୩ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨ଟି ପ୍ରକଳ୍ପର କାର୍ଯ୍ୟ

■ ୨୭ଟି ବିଭାଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଆରମ୍ଭ ହୋଇପାରିନାହିଁ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତମାନ ପର୍ଯ୍ୟନ୍ତ ଖର୍ଚ୍ଚ କରିବାରେ ଖାତା ଖୋଲିପାରି ନାହାନ୍ତି। ଏହି ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ବୈଠକରେ ସାଂସଦଙ୍କୁ ଘେରିଥିଲେ। ଏହାର ପ୍ରତ୍ୟୁତ୍ତରରେ ସାଂସଦ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା)ର ଅଧ୍ୟକ୍ଷ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଗ୍ରାମୀଣ ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାର ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିଷୟରେ ତଥ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଉଥିବା ମୃତ୍ତିକା ସର୍ବେକ୍ଷଣ ଓ ମୃତ୍ତିକା ନମୁନା ସଂଗ୍ରହର ବିଶ୍ଳେଷଣ ରିପୋର୍ଟ ପ୍ରଦାନ କରିଥିଲେ, ଯାହାକି ସନ୍ତୋଷ ଜନକ ନଥିଲା।

## ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନଠୁ ମହତ କାର୍ଯ୍ୟ କିଛି ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତାମାନେ ନୂତନ ଜୀବନ ଭରି ଦିଅନ୍ତି। ମୃତ୍ୟୁ ପରେ ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। 'ବିଶ୍ୱ ଅଙ୍ଗଦାନ ଦିବସ' ଅବସରରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ୨୪ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିବା ସହ ୫ ଲକ୍ଷ ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ସୂଚନା ଅନୁସାରେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରି ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୂର୍ବତନ ରାଜ୍ୟ ସରକାର ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ




କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଏହି 'ସୂରଜ ପୁରସ୍କାର' ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ

■ ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫ ପାଳିତ
■ ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିଥିଲେ।



# ଉଠାଦୋକାନୀଙ୍କ ପେଟଗର୍ଜନ ସମାବେଶ

- ଉଚ୍ଛେଦ ପ୍ରତିବାଦରେ ଏକାଠି ହେଲେ ହଜାର ହଜାର ଉଠାଦୋକାନୀ
- ଆଗେ ଥଇଥାନ, ପରେ ଉଚ୍ଛେଦ ଚିନ୍ତା କରନ୍ତୁ ସରକାର: ମହାସଂଘ

ଭୁବନେଶ୍ୱର, ୧୩।୮ (ସମିସ): ଭୁବନେଶ୍ୱର ମହାନଗର ନିଗମ ମଧ୍ୟମ ଜୋନ ଅଞ୍ଚଳରେ ଥିବା ମାର୍କେଟ ବିଲ୍ଡିଂର ପଛପଟେ ହଠାତ କୌଣସି ସୂଚନା ନ ଥାଇ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିଲେ। ଉଚ୍ଛେଦକୁ ବିରୋଧ କରି ଶହ ଶହ ଉଠାଦୋକାନୀ ଏକାଠି ହେବା ଫଳରେ ବିଏମ୍‌ସିର ଉଚ୍ଛେଦକାରୀ ଦଳ ଭୟଭୀତ ହୋଇ ସେଠାରୁ ଚାଲିଯାଇଥିଲେ। ଏବେ ଶୁଣିବାକୁ ମିଳୁଛି ମାର୍କେଟ ବିଲ୍ଡିଂର ଉଠାଦୋକାନୀଙ୍କୁ ଉଚ୍ଛେଦ କରି ସେହି ଜାଗାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର ଅତିଥି ଭବନ ନିର୍ମାଣ ହେବ। ଯଦି ସେଠାରେ ଅତିଥି ଭବନ ନିର୍ମାଣ କରାଯାଏ, ତେବେ ମାର୍କେଟ ବିଲ୍ଡିଂ ଅଞ୍ଚଳର ପାଖାପାଖି ୧୫୦୦ ଉଠାଦୋକାନୀ ଉଚ୍ଛେଦ ହେବା ସହ ପାଖାପାଖି ଦଶହଜାର ଲୋକ କ୍ଷତିଗ୍ରସ୍ତ ହେବେ।

ଏହାର ପ୍ରତିବାଦରେ ମାର୍କେଟ ବିଲ୍ଡିଂ ଉଠାଦୋକାନ ଏକତା ମଞ୍ଚର ଡ଼ାକରାରେ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହାୟତାରେ ବୁଧବାର ପୁରୁଣା ବସଷ୍ଟାଣ୍ଡଠାରେ ଉଠାଦୋକାନୀମାନଙ୍କ ଏକ ପେଟଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସେଠାରୁ ମହାସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହିମାଂଶୁ ବଳିୟାରସିଂ, କଇମ୍ ଖାନ୍, ମାନସ କୁମାର ବଳିୟାରସିଂ, ଏମ୍‌ଡ଼ି ଗୁଲଜର, ଦେବାନନ୍ଦ ସାହାଣୀ, ଶ୍ୟାମସୁନ୍ଦର କୁଅଁର ଓ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ୭ ଜଣିଆ ପ୍ରତିନିଧି ଦଳ କ୍ୟାପିଟାଲ ଥାନା ପୋଲିସ୍ ସହାୟତାରେ ବିଏମ୍‌ସି କାର୍ଯ୍ୟାଳୟରେ ଭେଣ୍ଡିଂଜୋନ ଡେପୁଟି କମିସନର ଅଜୟ ମହାନ୍ତିଙ୍କୁ ଭେଟି ମାର୍କେଟ ବିଲ୍ଡିଂ ଅଞ୍ଚଳରେ ଥିବା ସମସ୍ତ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ / ମାର୍କେଟ କମ୍ପ୍ଲେକ୍ସ ମାଧ୍ୟମରେ ଥଇଥାନ କରିବା, ଯେପର୍ଯ୍ୟନ୍ତ ଥଇଥାନ କରା ନ ଯାଇଛି ସେ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା, ଯଦି କୌଣସି ଜାଗା ବିଏମ୍‌ସିର ଆବଶ୍ୟକ ପଡ଼ିଲା ସେ କ୍ଷେତ୍ରରେ ସ୍ଥାନୀୟ କମିଟି ମାର୍କେଟ ବିଲ୍ଡିଙ୍ଗ ଉଠାଦୋକାନୀ ଏକତା ମଞ୍ଚ ସହିତ ଆଲୋଚନା କରି ସମାଧାନ କରିବା, ନୂତନ ଦୋକାନ ପ୍ରବେଶକୁ ବନ୍ଦ କରିବା, ସମସ୍ତଙ୍କୁ ଟ୍ରେଡ ଲାଇସେନ୍ସ, ୟୁଜର ଫି, ଗ୍ରାଉଣ୍ଡ ରେଣ୍ଟ, ଭେଣ୍ଡିଂ ସାର୍ଟିଫିକେଟ, ଭେଣ୍ଡିଂ କାର୍ଡ଼ ପ୍ରଦାନ କରିବା, ସମସ୍ତ ଜାଗାରେ ପାଣି, ପାଇଖାନା, ବିଜୁଳି ବ୍ୟବସ୍ଥା କରିବା, ଗୁଣ୍ଡା, ବଦବାସ, ତସ୍କରମାନଙ୍କ କବଳରୁ ଉଠାଦୋକାନୀଙ୍କୁ ସୁରକ୍ଷା ଦେବା ସହିତ ମିଛ ଟ୍ରେଡ଼ ଲାଇସେନ୍ସ, ଏଲଓଆର, ଲୋନ, ସାର୍ଟିଫିକେଟ ପ୍ରଦାନ କରୁଥିବା ନକଲି କର୍ମଚାରୀଙ୍କୁ ଚିହ୍ନଟ କରିବା ଏବଂ ଦୋକାନଗୁଡ଼ିକ ଆଗରେ ଅନ୍ୟ କୌଣସି ଦୋକାନ ନ ରଖିବା ଆଦି ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ।




ଏହାପରେ ପୁରୁଣା ବସଷ୍ଟାଣ୍ଡଠାରେ ଆରୋଭାର ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ପେଟଗର୍ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭୁବନେଶ୍ୱରର ପାଖାପାଖି ୫୦ରୁ ଅଧିକ ସଂଗଠନର କର୍ମକର୍ତ୍ତା ଯୋଗଦେବା ସହ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ପାଣ୍ଡେ, ସୂର୍ଯ୍ୟମଣି ସାହୁ, କାଜଲ ଜେନା, ଲଲାଟ କୁମାର ଓଝା, ଶରତ କୁମାର ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ସୁଶାନ୍ତ କୁମାର ରାଉତ, ରଶ୍ମିତା ରାଉଳ, ଗୀତା ବିଶ୍ୱାସ, ଜଗବନ୍ଧୁ ବେହେରା ପ୍ରମୁଖ ଅଭିଭାଷଣରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ହାତ ଟେକିଦେଲା କମିସନରେଟ୍ ପୁଲିସ

# ଚୋର ଚିହ୍ନାଇଲେ ୫ ହଜାର ପୁରସ୍କାର

- ୨୦ ଲକ୍ଷର ଅଳଙ୍କାର ଚୋରି ଘଟଣା

ଭୁବନେଶ୍ୱର, ୧୩।୮ (ସମିସ): ଝରକା ଭାଙ୍ଗି ୨୦ ଲକ୍ଷର ସୁନାଗହଣା ଚୋରି ଘଟଣାର ତଦନ୍ତ କରୁଥିବା କମିସନରେଟ ପୁଲିସ ହାତ ଟେକି ଦେଇଛି। ଘଟଣାକୁ ୩ ମାସ ବିତିବାକୁ ବସିଥିବା ବେଳେ ଚୋରଙ୍କୁ ଧରିବା ତ ଦୂରରେ ଥାଉ, ଏପର୍ଯ୍ୟନ୍ତ ଚିହ୍ନଟ ମଧ୍ୟ କରିପାରିନାହିଁ। ଶେଷରେ ଚୋରଙ୍କୁ ଚିହ୍ନଟ କରିବାକୁ ୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି।




ପୂରା ଘଟଣା ଥିଲା ଏମିତି, ଟଙ୍କପାଣି ରୋଡ ସାଇ ରେସିଡେନ୍ସିରେ ରହୁଥିବା ପ୍ରୀତମ ପରିଡ଼ାଙ୍କ ପରିବାର ଲୋକେ ମେ ୧୭ ତାରିଖ ରାତିରେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କ ଝରକା ଭାଙ୍ଗି ଘରେ ପଶିଥିଲେ। ଘର ଭିତରେ ପଶି ଦୁର୍ବୃତ୍ତମାନେ ୧୮୦ ଗ୍ରାମ ଓଜନର ସୁନା ଗହଣା ଚୋରି କରି ନେଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ୨୬୯/୨୫ ନମ୍ବର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରଙ୍କ କଳା କାରନାମା ରେକର୍ଡ ହୋଇଥିବା ସିସିଟିଭି କ୍ୟାମେରା ଫୁଟେଜ ଜବତ କରିଥିଲା। ସ୍ପେଶାଲ ସ୍କ୍ୱାଡ ମଧ୍ୟ ତଦନ୍ତରେ ସହଯୋଗ କରିଥିଲା। ଚୋରଙ୍କୁ ଧରିବାକୁ ରାସ୍ତାଘାଟର ସିସିଟିଭି ଫୁଟେଜ ଠାରୁ ଆରମ୍ଭ କରି ଟାୱାର ଡମ୍ପ ପର୍ଯ୍ୟନ୍ତ, ବିଭିନ୍ନ ଆଧୁନିକ ପ୍ରଣାଳୀ ଆପଣାଇ ଥିଲା। ହେଲେ ସେସବୁରୁ କୌଣସି ସୁଫଳ ମିଳି ନ ଥିଲା। ଆଉ ୪ ଦିନ ପରେ ଘଟଣାକୁ ୩ ମାସ ପୂରିବ। ହେଲେ ଏପର୍ଯ୍ୟନ୍ତ ଲୁଟେରାଙ୍କର ପତ୍ତା ପାଇଁ ପାରିନାହିଁ ପୁଲିସ। ଶେଷରେ କମିସନରେଟ ପୁଲିସ ଏକ ପ୍ରକାର ଅସହାୟ ହୋଇ ହାତ ଟେକି ଦେଇଛି। ସିସିଟିଭି ଫୁଟେଜରୁ ମିଳିଥିବା ଚୋରଙ୍କ ଫଟୋଚିତ୍ରକୁ ସେୟାର କରିଛି। ଲୁଟେରାଙ୍କୁ ଚିହ୍ନଟରେ ସହଯୋଗ କରିଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି। ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ୍ 'ଏକ୍ସ' ହାଣ୍ଡେଲରେ ଏନେଇ ଆଜି ପୋଷ୍ଟ କରାଯାଇଛି। ଏଭଳି ଘୋଷଣା ରାଜ୍ୟର ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

# ୧୨୦ ବାଟାଲିୟନରେ ଚାକିରି ନାଁରେ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ୧୨୦ ବାଟାଲିୟନରେ ଚାକିରି କରାଇବା ନାଁରେ ଠକେଇ କରିଥିବା ଧୂର୍ତ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଞ୍ଚଳର ସନ୍ତୋଷ କୁମାର ସେଠୀ (୩୩)। ପୁଲିସ ସୂଚନା ଅନୁସାରେ, ଘାଟିକିଆରେ ରହୁଥିବା ସନ୍ତୋଷ କୁମାର ସ୍ୱାଇଁ ନାମକ ଜଣେ ଚାକିରି ଆଶାୟୀ ଜଣେ ଯୁବତୀଙ୍କ ମାଧ୍ୟମରେ ସନ୍ତୋଷ ସେଠୀଙ୍କ ସଂସ୍ପର୍ଶରେ ଆସିଥିଲେ। ସନ୍ତୋଷ ତାଙ୍କୁ ୧୨୦ ବାଟାଲିୟନରେ ଏକ ପଦବୀ ଖାଲି ଥିବା କହି ଡକାଇଥିଲେ। ସନ୍ତୋଷ ସ୍ୱାଇଁ ଓ ଭାଇ ସୁଧୀର ସ୍ୱାଇଁ ୧୨୦ ବାଟାଲିୟନ ପରିସରକୁ ଯାଇ ସନ୍ତୋଷ ସେଠୀଙ୍କୁ ଭେଟିଥିଲେ। ସନ୍ତୋଷ ସ୍ୱାଇଁ ତାଙ୍କ ଡକୁମେଣ୍ଟ ସହ ୫ ହଜାର ଟଙ୍କା ଦେଇଥିଲେ। ସନ୍ତୋଷ ସମସ୍ତ ଡକ୍ୟୁମେଣ୍ଟ ନେଇ ତାଙ୍କୁ ସେ ୟୁନିଫର୍ମ, ପରିଚୟପତ୍ର ଏବଂ ନିଯୁକ୍ତିପତ୍ର ମିଳିବ ବୋଲି କହିଥିଲା। ଏହାପରେ ନିଯୁକ୍ତିପତ୍ର ଦେବାକୁ କହି ଡକାଇଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲା। ଏନେଇ ସନ୍ତୋଷ କୁମାର ସ୍ୱାଇଁ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ତୋଷ ସେଠୀକୁ ଗିରଫ କରିଛି।

# ଶାଳୀକୁ ଦୁଷ୍କର୍ମ; ଭିଣୋଇ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଶାଳୀକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସମ୍ପର୍କୀୟ ଭିଣୋଇକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଶୁପାଳଗଡ଼ ନାହାକ ସାହିର ଆରତ ବେହେରା ଓରଫ୍ ବାପି (୨୩)।



ପୁଲିସ ସୂଚନା ଅନୁସାରେ, ଯୁବତୀ ଜଣକ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ସଂସ୍ଥାରେ ତାଲିମ ନେଉଥିବା ବେଳେ ନିଜ ସାନ ଭଉଣୀଙ୍କ ଶାଶୁ ଘରେ ରହୁଥିଲେ। ସେଠାରେ ରହିବା ମଧ୍ୟରେ ସାନ ଭଉଣୀର ଦେଢ଼ଶୁର ତଥା ବାପି ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ ବେଳର ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରି ନେଇଥିଲା। ଏହି ଫଟୋ ଓ ଭିଡିଓକୁ ମାଧ୍ୟମ କରି ପୀଡିତାଙ୍କୁ ବ୍ଲାକମେଲ କରିବା ସହ ତାଙ୍କ ନିକଟରୁ ଟଙ୍କା ନେଇ ଯାଇଥିଲା। ଇତିମଧ୍ୟରେ ପୀଡିତା ଜଣକ ଅନ୍ତଃସତ୍ତ୍ୱା ହେବା ନେଇ ବାପି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ବାପିର ପରିବାର ସଦସ୍ୟ ପୀଡିତାଙ୍କୁ ବୋହୂ କରିବା ଲାଗି ସମ୍ମତି ଜଣାଇବା ସହ ଗର୍ଭପାତ ଲାଗି କହିଥିଲେ। ସେମାନଙ୍କ କହିବା ମୁତାବକ ପୀଡିତା ନିଜର ଗର୍ଭ ନଷ୍ଟ କରିଥିଲେ। କିନ୍ତୁ ପରେ ବିବାହ ଲାଗି ବାପିର ପରିବାର ୨ ଲକ୍ଷ ଟଙ୍କା ଯୌତୁକ ସହ ଅନ୍ୟାନ୍ୟ ଆସବାବପତ୍ର ଦାବି କରିଥିଲେ। ପୀଡିତାଙ୍କ ପରିବାର ଏହି ଯୌତୁକ ଦେବା ଲାଗି ଅସହାୟ ପ୍ରକାଶ କରିବାରୁ ବାପିର ପରିବାର ବିବାହ ଲାଗି ରୋକଠୋକ ମନା କରିଦେଇଥିଲେ। ବାପିକୁ ଅନ୍ୟ ଏକ ଝିଅ ସହ ବିବାହ ଲାଗି ମସୁଧା କରିଥିବା ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ; ବିବାହିତ ପ୍ରେମିକ ଗିରଫ

ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ବିବାହିତ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ନୂଆ ସାହିରେ ରହୁଥିବା ବାଙ୍କୀ ତୁଳସୀପୁରର ଦିପୁ ମଲ୍ଲିକ (୨୫)। ପୁଲିସ ସୂଚନା ଅନୁସାରେ, ଦିପୁ ଏସି ମରାମତି କରିବାକୁ ଖଣ୍ଡଗିରି ଅଞ୍ଚଳକୁ ଯାଇଥିବା ବେଳେ ସେଠାରେ ଯୁବତୀଙ୍କୁ ଭେଟିଥିଲେ। ସମୟ କ୍ରମେ ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ହୋଇଥିଲା ଓ ଦିପୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଗତବର୍ଷ ଜୁଲାଇ ମାସରେ ଉଭୟ ଭୁବନେଶ୍ୱରରେ ଘରଭଡ଼ା ନେଇ ଏକାଠି ରହିଥିଲେ। ସେଠାରେ ରହଣି ସମୟରେ ଦିପୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ଫଳରେ ପୀଡିତା ଜଣକ ଅନ୍ତଃସତ୍ତ୍ୱା ହୋଇଯାଇଥିଲେ। ଏହା ଜାଣିବା ପରେ ଦିପୁ ତାଙ୍କୁ ଜୋରଜବରଦସ୍ତ ଔଷଧ ଦେଇ ଗର୍ଭପାତ କରାଇଥିଲେ। ପରେ ପୀଡିତା ଯୋଗାଯୋଗ କରିବାରୁ ଦିପୁ ବିବାହିତ ବୋଲି ଜାଣିବାକୁ ପାଇଥିଲେ। ଦିପୁର ପତ୍ନୀ ଓ ପରିବାର ଅନ୍ୟ ସଦସ୍ୟ ତାଙ୍କୁ ନାନାପ୍ରକାର ଧମକଚମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି।

# ସ୍ୱର ନକଲ କରି ଡାକ୍ତରଙ୍କୁ ଠକେଇ; ୩ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବନ୍ଧୁଙ୍କ ସ୍ୱର ନକଲ କରି ଡାକ୍ତରଙ୍କୁ ଚୂନ ଲଗାଇଥିବା ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ କାବୁ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବୈଦ୍ଧ ଇରିଗେସନ୍ କଲୋନୀର ଗଗନ ପାଣିଗ୍ରାହୀ (୩୦), ଅନୁଗୁଳ ରାଣିଆକଟା ଗାଁର ସୌମ୍ୟରଞ୍ଜନ ପ୍ରଧାନ (୩୨) ଓ ବୈଦ୍ଧ ଗମ୍ଭାରୀ ପଦରର ଦାସରଥି ପ୍ରଧାନ (୩୫)।



ପୁଲିସ ସୂଚନା ଅନୁସାରେ, ସୌମ୍ୟରଞ୍ଜନ ଗତ ୯ ତାରିଖ ଦିନ ଡାକ୍ତର ବିଶ୍ୱଜିତ ମିଶ୍ରଙ୍କୁ କଲ୍ କରିଥିଲା। ସ୍ୱର ନକଲ କରି ନିଜକୁ ତାଙ୍କର ଘନିଷ୍ଠ ଜଣେ ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଇ ଗୌହାଟିର କାମାକ୍ଷା ମନ୍ଦିରରେ ପୂଜା ଖର୍ଚ୍ଚ ପାଇଁ ୪୧ ହଜାର ଟଙ୍କା ମାଗିଥିଲା। ଡାକ୍ତର ମିଶ୍ର କ୍ଲିନିକରେ ବ୍ୟସ୍ତ ଥିବାରୁ ଗଗନ ପାଣିଗ୍ରାହୀଙ୍କ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ ୟୁପିଆଇକୁ ଟଙ୍କା ପଠାଇବାକୁ ସହାୟକ ରାଜେଶ ସାହୁଙ୍କୁ କହିଥିଲେ। ଦାସରଥି ସେହି ଦିନ ରାତିରେ ଡାକ୍ତର ଶ୍ରୀ ମିଶ୍ରଙ୍କୁ ଫୋନ୍ କରି ପୂଜା ଲାଗି ଆହୁରି ୩୫ ହଜାର ଟଙ୍କା ପଠାଇବା ଲାଗି କହିଥିଲେ। ଡାକ୍ତର ଶ୍ରୀ ମିଶ୍ରଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ଯାଞ୍ଚ କରିଥିଲେ ଓ ଠକେଇର ଶିକାର ହୋଇଥିବା ଜାଣି ସହିଦନଗର ଥାନାରେ ଏତଲା ଦେଇଥିଲେ। ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଯୁବତୀଙ୍କୁ ଅସଦାଚରଣ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବିଫଳ ପ୍ରେମିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାରାଦ୍ୱୀପ ସେକ୍ଟର ୨୧ର ସୁରଜ କୁଣ୍ଡୁ (୨୪)। ପୁଲିସ ସୂଚନା ମୁତାବକ, ସୁରଜ ଓ ଯୁବତୀ ଜଣକ ଗୋଟିଏ ସ୍ଥାନରେ କାମ କରିବା ବେଳେ ପରସ୍ପରଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପରେ ସୁରଜ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ଯୁବତୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେହିଦିନ ଠାରୁ ଅର୍ଥାତ ଗତ ପାଞ୍ଚ ମାସ ହେବ ସୁରଜ ଏକ ପାଖିଆ ଭଲ ପାଇ ଆସୁଥିବା ସହ ତାଙ୍କ ଉପରେ ନିୟମିତ ଭାବେ ନଜର ରଖୁଥିଲା। ଯୁବତୀଙ୍କୁ ତାଙ୍କ ଅଫିସ ଯିବାଆସିବା ରାସ୍ତାରେ ନିୟମିତ ଭାବେ ହଇରାଣ ହରକତ କରୁଥିଲେ। ସୁରଜ ଗତକାଲି ସକାଳେ ଯୁବତୀ ରହୁଥିବା ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲା। ବଳପୂର୍ବକ ଟଣାଓଟରା କରି ଅସଦାଚରଣ କରିଥିଲା। ବିବାହ ପ୍ରସ୍ତାବରେ ରାଜି ନହେଲେ ଜୀବନରୁ ମାରିଦେବ ବୋଲି ଧମକ ମଧ୍ୟ ଦେଇଥିଲା। ଯୁବତୀ ଏନେଇ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ସୁରଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଖାଇବା ଟଙ୍କା ମାଗିବାରୁ ଦୋକାନୀଙ୍କୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଖାଇବା ଟଙ୍କା ମାଗିବାରୁ ଜଳଖିଆ ଦୋକାନୀଙ୍କୁ ଆକ୍ରମଣ ହୋଇଛି। ତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ମଦ୍ୟପ ଛାଡ଼ିନାହିଁ। ଅଶୋକ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫାଲିକିଆ ବସ୍ତିର ସୀମାଞ୍ଚଳ କୁଞ୍ଜି (୨୯)। ପୁଲିସ ସୂଚନା ଅନୁସାରେ, ଚିନ୍ତାମଣି ବେହେରା ଅଶୋକ ନଗରରେ ଜଳଖିଆ ଦୋକାନ ରହିଛି। ଆଜି ସକାଳେ ସୀମାଞ୍ଚଳ ନିଶାସକ୍ତ ଅବସ୍ଥାରେ ତାଙ୍କ ଜଳଖିଆ ଦୋକାନକୁ ଖାଇବା ଲାଗି ଯାଇଥିଲା। ଜଳଖିଆ ଖାଇ ସାରିବା ପରେ ଟଙ୍କା ନଦେଇ ପଳାଉଥିବା ବେଳେ ଚିନ୍ତାମଣି ଟଙ୍କା ମାଗିବାରୁ ସୀମାଞ୍ଚଳ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଚିନ୍ତାମଣି ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ସୁରଜ ଅଧି ନାୟକ ଘଟଣାସ୍ଥଳକୁ ଯାଇ ଚିନ୍ତାମଣିଙ୍କୁ ଉଦ୍ଧାର କରିଥିଲେ ଓ ଟଙ୍କା ନଦେଇ ସେ ସ୍ଥାନ ଛାଡ଼ି ପଳାଇବା ଲାଗି ଅଭିଯୁକ୍ତ କୁଞ୍ଜିଙ୍କୁ ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ସୁରଜ ଯିବାକୁ ବାହାରିବା ବେଳେ ସୀମାଞ୍ଚଳ ପଛପଟରୁ ଇଟାରେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା।

# ଚଳନ୍ତା ଟ୍ରେନ୍‌ରୁ ଡକାୟତି ଉଦ୍ୟମ; ୬ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଚଳନ୍ତା ଟ୍ରେନରୁ ଡକାୟତି ଉଦ୍ୟମ ପାଇଁ ଚାଲିଥିବା ଯୋଜନାକୁ ପଣ୍ଡ କରିଛି ଭୁବନେଶ୍ୱର ସରକାରୀ ରେଲବାଇ ପୁଲିସ (ଜିଆରପି)। ରେଳ ଧାରଣାରୁ ୬ ଜଣଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଧବଳାପୁରର ହିନ ପ୍ରଧାନ ଓରଫ୍ ଚନ୍ଦନ ପାତ୍ର (୩୧), ବଡ଼ଚଣା ଥାନା ଧର୍ମଶାଳାର ବିଶ୍ୱଜିତ ସ୍ୱାଇଁ (୨୧), ଧରାକୋଟର ପ୍ରତାପ କୁମାର ସ୍ୱାଇଁ (୨୩), ଏରସମାର ଲିପୁ ସେଠୀ (୨୮), ଚାନ୍ଦପୁରର ସିଲୁ ନାୟକ (୩୬) ଓ ବେଲଗୁଣ୍ଠାର ଦୀପକ କୁମାର ପାତ୍ର (୨୮)।

ଗତକାଲି ବିଳମ୍ବିତ ରାତିରେ କଳ୍ପନା ଫ୍ଲାଏ ତଳ ରେଳ ଧାରଣା କଡ଼ରେ ଡକାୟତି ଯୋଜନା ଚାଲିଥିବା ନେଇ ଭୁବନେଶ୍ୱର ଜିଆରପି ଥାନା ଖବର ପାଇ ଚଡ଼ଉ କରି ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଛୁରି, ସ୍କ୍ରୁ ଡ୍ରାଇଭର, ଲୁହା ଛଡ଼, ଲଙ୍କା ଗୁଣ୍ଡ, ମୁଖା, ଗ୍ଲୋବସ, ଗାମୁଛା, ସିମ୍ କାର୍ଡ ଓ ଲାଇଟର୍ ଜବତ କରିଥିଲା। ଏନେଇ ଜିଆରପି ଥାନା ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବାଇକ୍ ଓ ବ୍ୟାଟେରି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାୟାବାବା ବସ୍ତିର ତପନ ନାୟକ ଓରଫ୍ କାଳନ୍ଦୀ (୨୪) ଓ ଜିଜିପି କଲୋନୀ ଜଗନ୍ନାଥ ନଗରର କିଶାନ ନାୟକ (୨୧)। ପୁଲିସ ସୂଚନା ଅନୁସାରେ, ତ୍ରିଲୋଚନ ସାହୁ ଗତ ୫ ତାରିଖ ଦିନ ନିଜ ବାଇକକୁ ପଲ୍ ହାଇଟ ପଛ ପାଖରେ ଥିବା ପ୍ଲଟ୍ ନଂ - ୨୪୫ ର ଗେଟ ନିକଟରେ ପାର୍କିଂ କରିଥିଲେ। ତପନ ନକଲି ଚାବି ଦ୍ୱାରା ବାଇକ୍ ଚୋରି କରି ନେଇଥିଲା। ଏନେଇ ତ୍ରିଲୋଚନ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତପନକୁ ଚିହ୍ନଟ କରିଥିଲା। ଆଜି ସିଆରପି ଛକରୁ ତପନକୁ କାବୁ କରିବା ସହ ୩ଟି ଗାଡ଼ି ଜବତ କରିଥିଲା। ଅନ୍ୟ ଦୁଇଟି ଗାଡ଼ି ସେ ପୂର୍ବରୁ ଆଇଡି ମାର୍କେଟ ଓ ପିଡି ମାର୍କେଟ ଅଞ୍ଚଳରୁ ଚୋରି କରିଥିବା କହିଥିଲା। ସେହିପରି ଗତ ୬ ତାରିଖ ରାତିରେ କିଶାନ ଜାଗମରା ଏସ୍‌ବିଆଇ ଏଟିଏମରୁ ୪ଟି ବ୍ୟାଟେରି ଚୋରି କରି ନେଇଥିଲା। ଟିଏସ୍‌ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ସଞ୍ଜୀବ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ କିଶାନକୁ ଚିହ୍ନଟ କରିବା ପରେ ଆଜି ତା'କୁ ଗିରଫ କରିବା ସହ ବାଇକ୍ ଜବତ କରିଛି।

# ବେଆଇନ ବାଲି ଚାଲାଣ; ୨ ଗିରଫ

ହଂସପାଳ, ୧୩।୮ (ସମିସ): ବେଆଇନ ବାଲି ଚାଲାଣ ଅଭିଯୋଗରେ ପାହାଳ ଥାନା ପୋଲିସ ପୁରୀ ଜିଲ୍ଲା ହିରନ୍ୟପଦା ଗ୍ରାମର ଦାଶରଥି ସେଠୀ(୩୨) ଏବଂ କଟକ ଜିଲ୍ଲା ନିଆଳି ଖଡିବିଲ ଗ୍ରାମର ମନୋରଞ୍ଜନ ସାମଲ(୫୨) ଦୁଇ ହାଇୱା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଦୁଇଟି ପୃଥକ ଟିମ୍ ନିଜ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଙ୍ଗ ତଥା ବ୍ଲକିଂ ଡ୍ୟୁଟି ସମ୍ପାଦନ କରୁଥିବା ସମୟରେ ଦୁଇଟି ହାଇୱା ଟ୍ରକ ଦ୍ରୁତଗତିରେ ଆସୁଥିବାର ଦେଖି ତାହାକୁ ଅଟକାଇଥିଲେ। ଛାନଭିନ ସମୟରେ ଉଭୟ ଟ୍ରକରେ ବେଆଇନ ଭାବରେ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାଲିଅନ୍ତା, ୧୩।୮ (ସମିସ): ବାଲକାଟି ଫାଣ୍ଡି ଅଧୀନ ସାଇଫନ ଛକ ନିକଟ ପୁରୀ ମୁଖ୍ୟ କେନାଲରୁ ବୁଧବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବାଲିପାଟଣା ଥାନା ଗିରଙ୍ଗ ଗ୍ରାମର ଦିବାକର ମହାନ୍ତି (୭୬)। ଦିବାକର ୨ ଦିନ ତଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବାଲିପାଟଣା ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉପରକୁ ଆଣିଥିଲେ। ବାଲକାଟି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନା ଅନୁସାରେ ଦିବାକର ଗତ ୧୧ ତାରିଖ ରେ ଘରୁ ନିଖୋଜ ହୋଇଯାଇଥିଲେ। ଘରୋଇ କଳହ ଯୋଗୁଁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ଚୁଲିକୁ ଗଲାଣି 'ଫ୍ରି ଲେଫ୍ଟ ପାସେଜ୍' ନିୟମ

- ଜରୁରିକାଳୀନ ଗାଡ଼ିକୁ ମିଳୁନି ବାଟ
- ସଚେତନ ହେଉନାହାନ୍ତି ଅମାନିଆ ଚାଳକ

ଭୁବନେଶ୍ୱର, ୧୩।୮ (ସମିସ): ରାଜଧାନୀର ଟ୍ରାଫିକ ପୋଷ୍ଟ ନିକଟରେ ପାଦ ଚଲାରାସ୍ତାକୁ ଲାଗିକି ରହିଥିବା ବାମ ପାର୍ଶ୍ୱ ରାସ୍ତା ତଥା ଫ୍ରି ଲେଫ୍ଟରେ କୌଣସି ଗାଡି ରହିପାରିବ ନାହିଁ। ଗାଡ଼ିଗୁଡ଼ିକ କେବଳ ମଝି ରାସ୍ତାରେ ଛିଡା ହୋଇ ସିଗ୍‌ନାଲ୍‌କୁ ଅପେକ୍ଷା କରିବେ। ଉକ୍ତ ବାମପଟ ରାସ୍ତା ଆମ୍ବୁଲାନ୍ସ, ଅଗ୍ନିଶମ, ପୁଲିସ ଭଳି ଜରୁରିକାଳୀନ ଯାନବାହନ ଲାଗି ସବୁ ସମୟରେ ଖାଲି ରହିବ। ଏଥିସହିତ ବାମ ପଟକୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ଟ୍ରାଫିକ ସିଗ୍ନାଲକୁ ଅପେକ୍ଷା ନ କରି ସିଧାସଳଖ ଯାଇପାରିବେ। ଏହାଦ୍ୱାରା ସମୟ ବଞ୍ଚିବା ସହ ଟ୍ରାଫିକ ଭିଡ଼ ମଧ୍ୟ କମିବ। ଉକ୍ତ ରାସ୍ତାକୁ ଅବରୋଧ କରୁଥିବା ଗାଡିଗୁଡିକ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଥିଲା ପୁଲିସ।




ପ୍ରାଥମିକ ପର୍ଯ୍ୟାୟରେ ଟ୍ରାଫିକ ପୁଲିସ ପକ୍ଷରୁ ସଚେତନତା କରାଯାଇଥିଲା। ଏଜି, ନାଲ୍‌କୋ, କିଟ୍ ଓ କ୍ୟାପିଟାଲ ହସ୍ପିଟାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଛକରେ ଏହାକୁ ପ୍ରାଥମିକ ଭାବେ ଲାଗୁ ହୋଇଥିଲା। ପରବର୍ତ୍ତୀ ସମୟରେ ବାମପାର୍ଶ୍ୱ ରାସ୍ତାକୁ ମାଡି ବସୁଥିବା ଅମାନିଆ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ସେଠାରେ ଉପସ୍ଥିତ ରହୁଥିବା ଏନ୍‌ଫୋର୍ସମେଣ୍ଟ ଟିମ୍ ଅମାନିଆ ଚାଳକଙ୍କ ଠାରୁ ୫୦୦ ଲେଖାଏଁ ଜରିମାନା ଆଦାୟ କରିଥିଲା। ୩ମାସରେ ୧୫ ଶହରୁ ଊର୍ଦ୍ଧ୍ୱ ନିୟମ ଉଲ୍ଲଙ୍ଘନକାରୀ ଚାଳକ ଧରା ପଡ଼ିଥିଲେ। ଗାଡି ଚାଳକ କିଛିଦିନ ସଚେତନ ହୋଇ ଟ୍ରାଫିକର ବାମପାର୍ଶ୍ୱ ରାସ୍ତାରୁ ଛାଡ଼ି ମଝି ଲେନ୍‌ରେ ଗାଡି ରଖିଲେ। ସବୁଜ ସଙ୍କେତକୁ ଅପେକ୍ଷା କରି ନିୟମ ମାନିଲେ। କିନ୍ତୁ ଏବେ ଏହାକୁ ବନ୍ଦ କରି ଦିଆଯାଇଛି।

ପୁଣି ଭୁବନେଶ୍ୱରରେ ଟ୍ରାଫିକ ଯନ୍ତ୍ରଣା ଦେଖିବାକୁ ମିଳୁଛି। ଜଟିଳ ଟ୍ରାଫିକ ବ୍ୟବସ୍ଥାରେ ଫସି ନାକେଦମ୍ ହେଉଛନ୍ତି ଗାଡି ଚାଳକ। ଏବେ ଯିଏ ଯେଉଁଠି ପାରିଲା ଗାଡି ରଖି ଛିଡା ହୋଇଯାଉଛନ୍ତି। ଜରୁରିକାଳୀନ ଗାଡିଗୁଡିକୁ ରାସ୍ତାରେ ବହୁ ସମୟ ଅପେକ୍ଷା କରିବାକୁ। ବାମ ପାର୍ଶ୍ୱ ରାସ୍ତାରେ ଗାଡି ରଖୁଥିଲେ କିଛି ସ୍ଥାନରେ କେବଳ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା କରାଯାଉଛି। ଜରୁରିକାଳୀନ ସେବା ପ୍ରଦାନକାରୀ ଗାଡି ଲାଗି ବାମ ପାର୍ଶ୍ୱ ଛାଡ଼ିବା ଲାଗି କହିବା ସହ ଗୁରୁତ୍ୱପୂର୍ଣ୍ଣ ଛକରେ ସଚେତନତା ଲଗା ଯାଇଥିବା ଫଳକ ମଧ୍ୟ ଆଉ ଦିଶୁନି। ଏପରିକି ହସ୍ପିଟାଲ ଥିବା ଛକଗୁଡ଼ିକରେ କୋନ୍ (ସିଗ୍‌ନାଲ) ରଖାଯାଇ ବାମପଟ ଛାଡ଼ିବାକୁ କୁହାଯାଉଛି। ମାତ୍ର ରାତି ସମୟରେ କିଛି ଅସାମାଜିକ ଯୁବକ ଜାଣିଶୁଣି କୋନ୍ ଉପରେ ଚଢ଼ାଇ ଭାଙ୍ଗି ଦେଉଛନ୍ତି। ବାମପଟ ରାସ୍ତା ମାଡ଼ି ରହିବା ଯୋଗୁଁ ପଛପଟୁ ବାମପଟକୁ ଯିବାକୁ ଥିବା ଗାଡ଼ି ଚାଳକମାନେ ରାସ୍ତା ଉପରେ ଦୀର୍ଘସମୟ ଧରି ଛିଡ଼ା ହୋଇ ରହୁଛନ୍ତି। ଏହାଦ୍ୱାରା ମୁଖ୍ୟ ରାସ୍ତାରେ ଭିଡ଼ ବଢ଼ିବା ସହ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇ ରହୁଛି। ପରବର୍ତ୍ତୀ ସମୟରେ ଟ୍ରାଫିକ୍ ମୁଖ୍ୟ ରାସ୍ତା ପାଇଁ ସବୁଜ ସଙ୍କେତ ଦେବା ବେଳକୁ ଭିଡ଼ ହେଉଛି ଏବଂ ତାହା ହିଁ ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି।

ସେପଟେ ଏନେଇ ଟ୍ରାଫିକ ପୁଲିସ ପକ୍ଷରୁ ଆଉ ସଚେତନତା କରାଯାଉନାହିଁ କି ଏନଫୋର୍ସମେଣ୍ଟ ମଧ୍ୟ ହେଉନାହିଁ। ପୂର୍ବଭଳି ଫ୍ରି ଲେଫ୍ଟ ପ୍ୟାସେଜ ନିୟମକୁ ଭାଙ୍ଗିଲେ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଉନାହିଁ। ଫଳରେ ପରିସ୍ଥିତି ଏମିତି ଯେ, ଲୋକ ଏଭଳି ନିୟମକୁ ପାସୋରି ଗଲେଣି।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ମେଲେରିଆ କମ୍ପନ

ରୋଗ ସଂକ୍ରମଣକୁ ଏକ ନିୟନ୍ତ୍ରିତ ସ୍ଥିତିରେ ରଖିବାକୁ ହେଲେ ନିବାରଣ ବା ନିରାକରଣକୁ ଅଧିକ ପ୍ରାଧାନ୍ୟ ଦେବା ଜରୁରୀ। ମେଲେରିଆ ଓ କଲେରା (ହଇଜା) ଭଳି ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରିଛି କେବଳ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶଗତ ସନ୍ତୁଳନ ରକ୍ଷା ମାଧ୍ୟମରେ। ଏକ୍ଷେତ୍ରରେ ଆମ ରାଜ୍ୟ କିନ୍ତୁ ଏକ ବ୍ୟତିକ୍ରମ। ନିକଟରେ ଯାଜପୁର ଜିଲ୍ଲାରେ ଦୂଷିତ ପାନୀୟ ଜଳ ଯୋଗୁଁ ଝାଡ଼ାବାନ୍ତି ସହ ହଇଜା ସଂକ୍ରମିତ ହୋଇଥିଲା। ନିକଟରେ ହସ୍ତଗତ ହୋଇଥିବା ଏକ ରିପୋର୍ଟରୁ ପ୍ରକାଶ ଯେ ଆମ ରାଜ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦେଶରେ ସର୍ବାଧିକ। ଜୁନ ଶେଷସୁଦ୍ଧା ୬ ମାସ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୩୬,୩୮୮ ଅତିକ୍ରମ କରିଛି। ଏହି ରୋଗ ସଂକ୍ରମଣର ବାହକ ହେଲେ ମଶା। ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ଘଟିଥାଏ। ଏବେ ଯେଉଁ ପରିସଂଖ୍ୟାନ ସାମ୍ନାକୁ ଆସିଛି ଆସନ୍ତା ଦୁଇତିନିମାସ ମଧ୍ୟରେ ତାହା କେତେ ବୃଦ୍ଧି ପାଇବ ଆକଳନ କରିବା କଷ୍ଟକର।

ଜାତୀୟ ସଞ୍ଚାରଧର୍ମୀ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଭିବିଡିସି) ରିପୋର୍ଟରୁ ପ୍ରକାଶ ଯେ କିଛି ବର୍ଷ ତଳେ ମେଲେରିଆ ରୋଗ ସଂକ୍ରମଣ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟି କଲା ଭଳି ରାଜ୍ୟ ହୋଇଥିବା ବେଳେ ହଠାତ୍ ଏହି ପରିବର୍ତ୍ତନ ଉଦ୍‌ବେଗର କାରଣ ହୋଇଛି। ଏଥିଲାଗି କେନ୍ଦ୍ରର ଅସହଯୋଗ ଦର୍ଶାଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲେ ଯେ ପରିସ୍ଥିତି ସୁଧୁରିଯିବ ଏକଥା ନୁହେଁ। ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲ୍ଲାରେ ମେଲେରିଆ ସଂକ୍ରମଣ ବୃଦ୍ଧି ପାଇଛି ସେଠାକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ମୁଖ୍ୟ କାରଣ। ପରିବର୍ତ୍ତିତ ଜୀବନ ଧାରାରେ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବା ସଚେତନତା କ୍ରମେ ଗୁରୁତ୍ୱ ହରାଇଥିବାରୁ ମେଲେରିଆ ବଢ଼ିଚାଲିଛି। ସେହିଭଳି ମଶା ନିରାକରଣ ପାଇଁ ଔଷଧଯୁକ୍ତ ମଶାରି ବ୍ୟବହାର କ୍ରମେ ଗୁରୁତ୍ୱ ହରାଇଛି। କେନ୍ଦ୍ରସରକାରଙ୍କ ପକ୍ଷରୁ ଔଷଧଯୁକ୍ତି ମଶାରି (ଏଲଏଲଆଇଏନ) ଯୋଗଣ କ୍ରମାଗତ ଭାବେ ବନ୍ଦ ରହୁଛି। ଏକ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଚାହିଁଥିଲେ ନିଜସ୍ୱ ସୂତ୍ର ଓ ସମ୍ବଳରୁ ଔଷଧଯୁକ୍ତ ମଶାରି ସଂଗ୍ରହ କରି ବଣ୍ଟନ କରିପାରିଥା'ନ୍ତେ। ଏଥିଲାଗି ଯେ ଏକ ବଡ଼ଧରଣର ବ୍ୟୟଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ି ଥା'ନ୍ତା, ଏକଥା ନୁହେଁ। ବରଂ ଏହାକୁ ସଚେତନା ଓ ଦୂରଦୃଷ୍ଟିର ଅଭାବ କୁହାଯାଇପାରେ। ଅବଶ୍ୟ ବିଭାଗୀୟ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ଗତବର୍ଷ କେନ୍ଦ୍ରୀୟ ଯୋଗାଣରେ ବିଳମ୍ବ ଘଟିବାରୁ ରାଜ୍ୟସରକାର ୫୬ ଲକ୍ଷ ଔଷଧଯୁକ୍ତ ମଶାରି କ୍ରୟ କରିଥିଲେ। ଗତ ନଭେମ୍ବର ଓ ଡିସେମ୍ବର ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ଏହି ମଶାରି ବଣ୍ଟନ କରାଯାଇଛି। ଛାତ୍ରଛାତ୍ରୀ ଆବାସସ୍ଥଳ ସକାଶେ ଆଉ ୩ ଲକ୍ଷ ଔଷଧଯୁକ୍ତ ମଶାରି ସଂଗ୍ରହ କରାଯାଇଛି।

ଓଡ଼ିଶା ପଛକୁ ଯେଉଁ ରାଜ୍ୟରେ ମେଲେରିଆ ପ୍ରାଦୁର୍ଭାବ ବୃଦ୍ଧିପାଉଥିବାର ପରିଲକ୍ଷିତ ହେଉଛି ସେଗୁଡ଼ିକ ହେଲା – ଝାଡ଼ଖଣ୍ଡ (୧୪,୭୮୧), ଛତିଶଗଡ଼(୧୪,୭୧୩), ମହାରାଷ୍ଟ୍ର (୬,୮୧୭), ପଶ୍ଚିମବଙ୍ଗ(୩,୭୬୨), ଉତ୍ତର ପ୍ରଦେଶ(୨,୮୫୧), ମିଜୋରାମ (୪,୯୯୯) ଓ ତ୍ରିପୁରା (୩,୪୫୬)। ସଂପୃକ୍ତ ରାଜ୍ୟଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ମନେହୁଏ ଅନଗ୍ରସରତା ଓ ସଚେତନତାର ଅଭାବ ହିଁ ମେଲେରିଆ ସଂକ୍ରମଣର ମୁଖ୍ୟ କାରଣ। ଆମ ରାଜ୍ୟ ଏବେ ମଧ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ମିଜୋରାମ ଓ ତ୍ରିପୁରା ଭଳି ରାଜ୍ୟଠାରୁ ଏ କ୍ଷେତ୍ରରେ ପଛରେ ପଡ଼ିଛି। ଋତୁକାଳୀନ ବର୍ଷାଜଳ ଦିନ ଦିନ ଧରି ଜମି ରହିବା, ଅଳିଆ ଓ ଅବର୍ଜନା ପଡ଼ି ରହୁଥିବାରୁ ଅସମ୍ଭବ ଭାବେ ମଶାବଂଶ ବୃଦ୍ଧିପାଉଛି। ମେଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ପଛରେ ଏହାର ଭୂମିକା ରହୁଥିଲେ ମଧ୍ୟ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପଛରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ପାର ଅଭାବ ସାଙ୍ଗକୁ ନାଗରିକମାନଙ୍କର ମଧ୍ୟ ସେଭଳି ସଚେତନା ଥିବା ଭଳି ମନେ ହେଉନାହିଁ। କିନ୍ତୁ ଏକଥା ସତ ଯେ ବର୍ଦ୍ଧିତ ମେଲେରିଆ ପ୍ରାଦୁର୍ଭାବ ପାଇଁ ଆମ ରାଜ୍ୟ ଏକ ନିନ୍ଦିତ ସ୍ଥିତିରେ ରହିଛି।

ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହିଁ ସବୁଠାରୁ ଅଧିକ ମେଲେରିଆ ପ୍ରବଣ ଅଞ୍ଚଳ ରୂପେ ପରିଗଣିତ ହେଉଛି। କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୮,୦୨୯ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରେ ୭୦୮୧, କନ୍ଧମାଳରେ ୪୩୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩୮୯୬ ଓ ମୟୂରଭଞ୍ଜରେ ରୋଗୀସଂଖ୍ୟା ୩,୪୨୧। ଆମେ ଏଠାରେ ଯେଉଁ ୬ଟି ଜିଲ୍ଲା କଥା ଉଲ୍ଲେଖ କରୁଛୁ ତାହା ମୁଖ୍ୟତଃ ଆଦିବାସୀ ଓ ଜନଜାତି ଅଞ୍ଚଳ ରୂପେ ପରିଗଣିତ। ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ ରୋଗ ସଚେତନତା କମ। ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ନିୟମିତ ସଚେନତା ସୃଷ୍ଟି ସାଙ୍ଗକୁ ରକ୍ତ ପରୀକ୍ଷା କରି ଔଷଧ ବଣ୍ଟନ କରିବାର ଆବଶ୍ୟକତା ରହିଛି। ଅଥଚ ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ସତେଯେପରି ଏହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ନୁହେଁ। ଏହି ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ହେଉନାହିଁ। ଏମିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସବୁ ସ୍ତରରେ ପଦ ପଦବୀ ଖାଲି ପଡ଼ିଛି। ପାରାମେଡିକାଲ କର୍ମଚାରୀ ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। କେବଳ ମେଡିକାଲ କଲେଜ ଖୋଲି ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ଏକଥା ନୁହେଁ। ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ, ଯାହା ଉପରେ ରାଜ୍ୟବାସୀଙ୍କ ଭରସା ଓ ବିଶ୍ୱାସ ରହିଛି ସେଠାରେ ମଧ୍ୟ ଠିକଣା ଭାବେ ଚିକିତ୍ସା ସୁବିଧା ମିଳୁନି। ନୂଆ ମେଡିକାଲ କଲେଜକୁ ସକ୍ରିୟ କରିବା ସକାଶେ ପୁରୁଣାରୁ ନୂଆକୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନାନ୍ତର କରାଯାଥିବାରୁ ଦୁଇ ବ୍ୟବସ୍ଥା ଏକାବେଳେ ଭୁଶୁଡ଼ି ପଡ଼ିଛି।

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କ୍ରମେ ନିର୍ଭରଶୀଳତା ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି। ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ପାଇଥିବା ଉପଭୋକ୍ତାଙ୍କୁ ଲୁଟିବା ସକାଶେ ଅପେକ୍ଷା କରି ବସିଛନ୍ତି କର୍ପୋରେଟ ହସପିଟାଲ। ବିଭିନ୍ନ ସ୍ତରରେ ବୀମା ଅର୍ଥ ଲୁଟପାଟ ଚାଲିଛି। ପାଞ୍ଚ ପଇସାର ରୋଗ ପାଇଁ ଦଶ ପଇସାର ଚିକିତ୍ସା। ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରାଯାଇଥିବାରୁ ବୀମା ସରହଦ ମଧ୍ୟରେ ତାହାକୁ ଭରଣା କରଯାଇପାରୁନି। ତେଣୁ ଦିନକୁ ଦିନ ଜନ ଯନ୍ତ୍ରଣା ଓ ଜଞ୍ଜାଳ ବଢ଼ିବାର ଲାଗିଛି। ଯେଉଁ ନିମ୍ନ-ମଧ୍ୟବିତ୍ତ ବର୍ଗ ଲୋକ ସରକାରୀ ସୁବିଧାରୁ ବଞ୍ଚିତ, ସେମାନଙ୍କୁ ଆହା କହିବାକୁ କେହି ନାହିଁ। ଜିଲ୍ଲା ଜିଲ୍ଲାରେ ମେଡିକାଲ କଲେଜର ସୁଦୃଶ୍ୟ କୋଠା ଦେଖି ରାଜ୍ୟବାସୀଙ୍କ ପେଟ ପୂରିଯାଇଛି ସିନା ଚିକତ୍ସା ଓ ନିଦାନ ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଯାଇଛି।

## ସମାଜ-ବିରୋଧୀ ବ୍ୟକ୍ତିତ୍ୱ

ପ୍ରଫେସର ଫକୀର ମୋହନ ସାହୁ



ଆମର ସମସାମୟିକ ଜୀବନରେ ଯେଉଁ ବିଷବଳୟ କ୍ରମପ୍ରସାରିତ ହେବାରେ ଲାଗିଛି, ସେହି ଜୀବନମଞ୍ଚର ମୁଖ୍ୟ ଖଳନାୟକ ହେଉଛି ସମାଜ-ବିରୋଧୀ ବ୍ୟକ୍ତିତ୍ୱ। ପ୍ରତିଦିନ ସକାଳବେଳାର ମୁହଁରେ ଚା'ର ତୃପ୍ତିକର ଆସ୍ୱାଦନର ଅନୁଭବ ପୂର୍ବରୁ ନାରୀ ନିର୍ଯାତନା ଏବଂ ମଣିଷ ଚରିତ୍ରର ନଗ୍ନ ଦୃଶ୍ୟାବଳୀ ମନପ୍ରାଣକୁ ବିଷାକ୍ତ କରିଦେଉଛି। ଓଡ଼ିଶା ପରି ପରମ୍ପରାପ୍ରିୟ ରାଜ୍ୟରେ ମଧ୍ୟ ନାରକୀୟ କାର୍ଯ୍ୟକଳାପର ମାତ୍ରା ବଢ଼ି ଚାଲିଛି।

ସବୁସମୟରେ ମନୋବିଜ୍ଞାନୀ ଏବଂ ମନୋଚିକିତ୍ସକମାନେ ମାନସିକ ବିପର୍ଯ୍ୟୟର ଏ ଦିଗଟି ପ୍ରତି ସଚେତନ ଥିଲେ। ଅତୀତରେ ଏ ଦିଗରେ ବିଶେଷ ଚର୍ଚ୍ଚା ହୋଇଛି ଏବଂ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ମଧ୍ୟ ଦିଆଯାଇଛି। କିନ୍ତୁ ଏବେ ଅଧୋଗତିର ମାତ୍ରା ଏତେ ଅଧିକ ଯେ ପ୍ରତିକାର ବ୍ୟବସ୍ଥା ଆଶାନୁରୂପ ଭାବରେ ସଫଳ ହେଉନାହିଁ। ମାନସିକ ବିପର୍ଯ୍ୟୟର ଯେଉଁ ମାର୍ଗଦର୍ଶକ ପୁସ୍ତିକା ରହିଛି, ତାହାର ସୂଚନା ଅନୁଯାୟୀ ସମାଜବିରୋଧୀ ବ୍ୟକ୍ତିତ୍ୱର ମୁଖ୍ୟ ଲକ୍ଷଣ ହେଉଛି ଅନ୍ୟର ଅଧିକାର ପ୍ରତି ଅସମ୍ମାନ ଏବଂ ଅନ୍ୟର ଅଧିକାରକୁ ବିପର୍ଯ୍ୟସ୍ତ କରିବା। ଏହି ମାନସିକତା ନେଇ ସେମାନେ ଦାୟିତ୍ୱହୀନ, ଆକ୍ରମଣାତ୍ମକ ଓ ଛଳନାପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଅନ୍ୟକୁ କ୍ଷତିଗ୍ରସ୍ତ କରନ୍ତି। ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୁଏ। କିନ୍ତୁ ଶଠତା, ନାଟକୀୟତା ଓ ଛଳନା ମାଧ୍ୟମରେ ନିଜକୁ ରକ୍ଷା କରିବାର ଉଦ୍ୟମ କରନ୍ତି।

ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ସମାଜବିରୋଧୀ ବ୍ୟକ୍ତିତ୍ୱ ଚିହ୍ନଟ କରିବା ସମୟରେ କେତେଗୁଡ଼ିଏ ତାଲିକାଭୁକ୍ତ ଖରାପ ବ୍ୟବହାର ମଧ୍ୟରୁ ଅନ୍ତତଃ ତିନୋଟିର ଉପସ୍ଥିତି ଠାବ କରି ବିପର୍ଯ୍ୟୟର ଚିହ୍ନଟ କରନ୍ତି। ସେହି ଲକ୍ଷଣସମୂହ ହେଉଛି ସମାଜର ମାନଦଣ୍ଡକୁ ମାନିନେବାରେ ବିଫଳତା, ମିଥ୍ୟାଚାର, ମାତ୍ରାଧିକ ଆବେଗପ୍ରବଣତା, ଆକ୍ରମଣାତ୍ମକ ବ୍ୟବହାର, ନିଜର ଓ ଅନ୍ୟର ସୁରକ୍ଷା ପ୍ରତି ଅବହେଳା, ଶିକ୍ଷାର୍ଥୀ ହୋଇଥିଲେ ଶିକ୍ଷାନୁଷ୍ଠନରେ ଏବଂ କର୍ମଚାରୀ ହୋଇଥିଲେ କର୍ମସଂସ୍ଥାରେ ରୀତିମତ ଅବହେଳା, ଦୋଷକରି ଅନୁତାପ ନ କରିବା ଏବଂ କୌଣସି ପ୍ରକାର ସାମାଜିକ କଟକଣା କିମ୍ବା ଶାସ୍ତିବିଧାନକୁ ଭ୍ରୂକ୍ଷେପ ନ କରିବା।

ସମାଜବିରୋଧୀ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ ସମସ୍ତ ମନସ୍ତାତ୍ତ୍ୱିକ ଗବେଷଣା ହୋଇଛି, ତାହାର ଫଳସ୍ୱରୂପ ଏହି ବିପର୍ଯ୍ୟୟର ଦୁଇଟି ପୃଥକ୍ ଉପାଦାନକୁ ଚିହ୍ନଟ କରାଯାଇଛି। ପ୍ରଥମଟି ହେଉଛି ଆବେଗିକ ଓ ସାମାଜିକ ଦିଗ। ଏପରି ବିକୃତିସମ୍ପନ୍ନ ଲୋକମାନଙ୍କର କୌଣସି ଅପରାଧବୋଧ ନ ଥାଏ। ସମାନାନୁଭୂତି ଓ ସମ୍ବେଦନଶୀଳତା ପ୍ରାୟ ନ ଥାଏ। ବହୁ ସମାଜବିରୋଧୀ ବ୍ୟକ୍ତିଙ୍କର ବାଲ୍ୟକାଳୀନ ଇତିହାସରୁ ଦେଖାଯାଏ ଯେ କୌଣସି ଦୁଃଖଦ ଘଟଣା ସମୟରେ କାନ୍ଦିବା କିମ୍ବା ଦୁଃଖପ୍ରକାଶ କରିବାର ଉଦାହରଣ ବିରଳ। ନିଜର ଉପରଠାଉରିଆ ଆକର୍ଷଣଶୀଳତାର ସୁଯୋଗ ବ୍ୟବହାର କରି ଏମାନେ ଅନ୍ୟମାନଙ୍କୁ ପ୍ରତାରିତ କରନ୍ତି। ଦ୍ୱିତୀୟ ଉପାଦନଟି ବ୍ୟବହାରିକ ଦିଗ। ସମାଜବିରୋଧୀ କାର୍ଯ୍ୟ (ଯଥା- ଚୋରିକରିବା, ଜାତୀୟ ସମ୍ପତ୍ତି ନଷ୍ଟ କରିବା) କରିଥା'ନ୍ତି। ଦାୟିତ୍ୱହୀନ ଭାବରେ ଆତ୍ମନିୟନ୍ତ୍ରଣ ହରାଇବସନ୍ତି। ଅତିମାତ୍ରାରେ ପରନିର୍ଭରଶୀଳତା ଓ ଉତ୍ତେଜନାପ୍ରବଣ କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର କାରଣ ଅନୁସନ୍ଧାନ କରିବା ସମୟରେ ଗବେଷକମାନେ ଅଳ୍ପକିଛି ପରିମାଣର ବଂଶାନୁଗତର ପ୍ରମାଣ ପାଇଥିଲେ ମଧ୍ୟ ଯେଉଁ ମୂଳ ଉପାଦାନଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ଭୟ ସମ୍ପର୍କିତ ସିଦ୍ଧାନ୍ତ। ଆମେ ସମସ୍ତେ ଜାଣୁ ଯେ, ଭୟ ଏକ ନକାରାତ୍ମକ ଆବେଗ। ସବୁ ସମୟରେ ଆମକୁ ନିର୍ଭୀକ ରହିବା ପାଇଁ ଉପଦେଶ ଦିଆଯାଏ। ଏହା ସତ ହେଲେ ମଧ୍ୟ କିଛି ପରିମାଣରେ ଭୟ ପ୍ରାଣୀଜୀବନରେ ସକାରାତ୍ମକ ଭୂମିକା ନିଏ। ମନୁଷ୍ୟ ଭୟପାଇ ହିଂସ୍ର ଜୀବଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଉଦ୍‌ବର୍ତ୍ତନ ତା' ମଧ୍ୟରେ କିଛି ଭୟ ଦେଇଛି। ଫଳରେ ମନୁଷ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେଇପାରୁଛି। ଠିକ୍ ସେହିପରି ଆମେ ଭୟ ପ୍ରଦର୍ଶନର ସହାୟତା ନେଇ ଲୋକମନରେ ବାଞ୍ଛନୀୟ ବ୍ୟବହାର ଗଠନ କରୁ। ତୁମେ ଅଧିକ ଧୂମପାନ କଲେ ହୃଦ୍‌ଘାତର ଶିକାର ହେବ - ଏପରି ଭୟ ଦେଖାଇ ବ୍ୟକ୍ତିକୁ ସୁସ୍ଥ ରଖିବାର ପ୍ରୟାସ କରୁ। ଜୀବନର ଆରମ୍ଭରୁ ପରିବାର ଓ ସମାଜରେ ଯେଉଁ ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ, ତାହା ମଧ୍ୟ ଭୟ ଓ ଶାସ୍ତିବିଧାନର ନୀତିଉପରେ ପ୍ରତିଷ୍ଠିତ। ନିୟମକୁ ମାନିବା ପାଇଁ ପୁରସ୍କାର ସହିତ ନିୟମର ଅବମାନନାରେ ଶାସ୍ତିର ବ୍ୟବସ୍ଥା ଥାଏ।

ଗବେଷଣାରୁ ଦେଖାଯାଉଛି ଯେ ସମାଜବିରୋଧୀ ଶିଶୁ, କିଶୋର/କିଶୋରୀ ଏବଂ ଯୁବକଯୁବତୀ ମଧ୍ୟରେ ଏପରି ସକାରାତ୍ମକ ଭୟର ମାତ୍ରା କମ୍। ଏହାଫଳରେ ସେମାନଙ୍କର ବିବେକ (ଭଲମନ୍ଦର ଜ୍ଞାନ) ମନ୍ଥର ହୁଏ। ଅନୈତିକ କାର୍ଯ୍ୟ ନ କରିବା ପାଇଁ ଯେଉଁ ଅନ୍ତର୍ବୋଧ ଓ ସଂଯମ ଆବଶ୍ୟକ, ତାହାର ଅଭାବ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ ପାଇଁ ମନୋଚିକିତ୍ସକମାନେ କେତେକ ଔଷଧପତ୍ରର ଉପଯୋଗ କରୁଥିଲେ ମଧ୍ୟ ସଫଳତା ସେପରି ପ୍ରଶଂସନୀୟ ନୁହେଁ। ଔଷଧ ମାଧ୍ୟମରେ ମୁଖ୍ୟତଃ ଅତିଚଞ୍ଚଳତା, ଆବେଗପ୍ରବଣତା ଏବଂ ଆକ୍ରମଣାତ୍ମକ ମନୋଭାବର ହ୍ରାସ କରିବାର ପ୍ରୟାସ କରାଯାଏ। ମନୋବିଜ୍ଞାନୀମାନେ ସେମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଆତ୍ମସଂଯମ, ସମାନୁଭୂତି ବା ଏମ୍ପାଥି, ଅନ୍ୟର ଦୃଷ୍ଟିଭଙ୍ଗୀକୁ ବିଚାର କରିବାର ଉଦାରତା ଶିକ୍ଷା ଦିଅନ୍ତୁ। ସମାଜବିରୋଧୀ ମାନସିକତା କିପରି ନିଜର ଓ ଅନ୍ୟର କ୍ଷତିସାଧନ କରିବ, ତାହାର ବିଶଦ ବ୍ୟାଖ୍ୟା ଦିଅନ୍ତୁ। ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ କ୍ଷେତ୍ରରେ ସମ୍ମିଳିତ ଭାବରେ ଏକାଧିକ ପନ୍ଥା ଏବଂ ଏକାଧିକ ବିଶେଷଜ୍ଞଙ୍କ ସହାୟତା ଉପଯୋଗୀ ମନେ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ସମୃଦ୍ଧ ଓଡ଼ିଶାର ପ୍ରତୀକ: କୋଟପାଡ଼ ହସ୍ତତନ୍ତ

ରାଜେଶ ରାୟ



ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ। ଜିଲ୍ଲାର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା, ଯାହା ବିଶ୍ୱବିଦିତ। ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉଙ୍କିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କୋଟପାଡ଼ର ହସ୍ତତନ୍ତ।

କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି କୋଟପାଡ଼। ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶବିଦେଶରେ ବେଶ୍ ପରିଚିତ। କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ, କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣି ଆଦି ବୁଣିଥା'ନ୍ତି, ଯାହା ଓଡ଼ିଶା ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥା'ନ୍ତି। ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦି ବ୍ୟବହାର କରନ୍ତି। ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳାମାନେ ଭାଗ ନିଅନ୍ତି, ଯାହା ନାରୀ ସଶକ୍ତୀକରଣର ଛବିକୁ ଉପସ୍ଥାପନ କରେ ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି। ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ଆକର୍ଷଣୀୟ। ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର ବ୍ଲିଚିଂ ଏଜେଣ୍ଟ ପରି କାମକରେ)। ସୂତାଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତା'କୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନ ଯାଏଁ ରଖାଯାଏ। ସୂତାକୁ ନାଲିରଙ୍ଗ ଦେବା ପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ। ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣର ବ୍ୟବହାର କରାଯାଏ ଏବଂ ସୂତାକୁ କଳା ରଙ୍ଗ ଦେବା ପାଇଁ ହରିଡ଼ା, ହୀରାକଷି(ଏକ ଗଛର ମଞ୍ଜି) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି। ସୂତାଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ।

କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ, ବେଙ୍ଗ, ହରିଣ, ଗଛ ଓ ମୟୂର ଆଦି ପ୍ରତିଛବିଗୁଡ଼ିକୁ ବୁଣିଥା'ନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲ ଜଙ୍ଗଲ ସୃଷ୍ଟି କରାଯାଇଛି। କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଓ ଦୀର୍ଘସ୍ଥାୟୀ। ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ। ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି।

ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି। ସେଥିପାଇଁ ଏକ ବୁଣାକାର ସମିତି ଗଠନ କରାଯାଇଛି। ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇ ପାରୁଛନ୍ତି। ଅନ୍ୟ ରାଜ୍ୟ ଓ ଦେଶରୁ ଆଗନ୍ତୁକମାନେ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି। ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ି ମଧ୍ୟ ଏହି କୌଳିକ ବୃତ୍ତିକୁ ଆଦରି ନେଲେଣି। ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା, ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ ଯଦି କିଛି ସୁବିଧା ସୁଯୋଗ କରାଯା'ନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା। ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡ଼ିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

## ଗୋଦାବରୀର ପବିତ୍ର ପ୍ରବାହ: ଗୋଦାବରୀଶ ମିଶ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସୁପ୍ରସିଦ୍ଧ, ସୁପ୍ରଶସ୍ତ, ସୁବିଶାଳ ଗୋଦାବରୀ ନଦୀର ପବିତ୍ରତା, ଉଦାରତା, ଚିର ପ୍ରବହମାନତା ଯେ ମାନବୀୟ ବିଗ୍ରହରେ ହୋଇପାରେ ଆବିର୍ଭୂତ, ଏହି ଅନ୍ତଃସତ୍ୟ ପ୍ରଦର୍ଶିତ ହୋଇଯାଇଛି ଗୋଦାବରୀଶ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସର୍ଜନାରେ। ସତ୍ୟବାଦୀ ବନବିଦ୍ୟାଳୟର ତ୍ୟାଗପୂତ ଆଦର୍ଶ ଶିକ୍ଷକ ଭାବରେ ସେ ସୃଷ୍ଟି କରିଥିଲେ ଯେଉଁ ଜାତୀୟତାର ଭାବସ୍ରୋତ, ତାହା କ୍ରମଶଃ ଅଧିକ ପ୍ରଭାବଶାଳୀ, ଚେତନାଦୀପ୍ତ ଓ ପ୍ରେରଣାପୂର୍ଣ୍ଣ ହୋଇ ସମଗ୍ର ଓଡ଼ିଶାର ଜନମାନସକୁ ପରିପ୍ଳାବିତ କରିଦେଇଛି ଅସାମାନ୍ୟ ଶକ୍ତି ବହନ କରି। ଜଣେ ସ୍ୱଦେଶାନୁରକ୍ତ ସାହିତ୍ୟ ସ୍ରଷ୍ଟା ଭାବେ କବିତା, ଗଳ୍ପ, ନାଟକ-ଯାହା ବି ସେ ଲେଖନ୍ତୁ ନା କାହିଁକି ସର୍ବତ୍ର ଜାତୀୟ-ଗୌରବ ସ୍ପନ୍ଦିତ ହୋଇ ଉଠିଲା ଗଭୀର ଉଚ୍ଛ୍ୱାସ ବହନ କରି। 'କିଶଳୟ', 'କୁସୁମ', 'ଗୀତାୟନ', 'କବିତାୟନ', 'ଗୀତିଗୁଚ୍ଛ', 'ଚୟନିକା' ଆଦି କବିତା ଗ୍ରନ୍ଥରେ ତାଙ୍କ ପ୍ରାଣାବେଗ କି ମର୍ମସ୍ପର୍ଶୀ! ମନ୍ମୟଧର୍ମୀ ସ୍ନିଗ୍ଧତା କି ସୁଷମାମଣ୍ଡିତ! ସେହିପରି ସେ ଲେଖନ୍ତି 'ଆଲେଖିକା'। ସେଥିରେ ଅତୀତ ଓଡ଼ିଶାର କାରୁଣ୍ୟ ବିଜଡ଼ିତ ଜୀବନ ସହ ଗୌରବମୟ ଅମଳିନ ବୀରତ୍ୱ ଓ ସାହସିକତା କିପରି ମର୍ମରିତ ହୋଇ ନ ଉଠିଛି! 'କାଳିଜାଈ' ଓ 'ଦୁଃଖୀଧନ' କବିତାର କରୁଣ ମୂର୍ଚ୍ଛନା ସାମାନ୍ୟ ସମ୍ବେଦନାସିକ୍ତ ପାଠକ ଅନ୍ତରରେ ଆଜି ବି ବାରମ୍ବାର ସୃଷ୍ଟି କରି ଆସୁ ଛି ଅସଂଖ୍ୟ ଅଶ୍ରୁକଣା।

'ଧୀରେ କରି ନାଆ ବୁହାରେ ନାଉରି, ଝିଅକୁ ମାଡୁଚି ଡର, ଗଡ଼େ ଗଡ଼ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୂ ଘର' କିମ୍ବା 'ବାପା ପଚାରନ୍ତି ଖୋଜି ନାଉରିରେ ଝିଅ ମୋର ଗଲା କାହିଁ?, ବୁଜି ଆଖି ଠିଆ ନାଉରି ନିଜେ ଲୋ ତୁଣ୍ଡ ତା ଫିଟଇ ନାହିଁ'। ଯେତେଦିନ ପର୍ଯ୍ୟନ୍ତ ଚିଲିକାର ନୀଳ ଜଳରାଶି ଲହରାୟିତ ସେ ପର୍ଯ୍ୟନ୍ତ ଏହି ପଦଗୁଡ଼ିକର ଗୁଞ୍ଜରଣ ଛାତି ଥରାଇ ଦେଉଥିବ ନିଶ୍ଚୟ।

ସେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ। ଅଥଚ ଗାଥା ବା ବାଲାଡ଼ ରଚନାର ପାଶ୍ଚାତ୍ୟ ପ୍ରଣାଳୀକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନ କରିବାର କାରଣ ହେଉଛି ତାଙ୍କର ଏହି ଅନ୍ତଃଆହ୍ୱାନ। 'ମୁକୁନ୍ଦଦେବ', 'ପୁରୁଷୋତ୍ତମଦେବ' ନାଟକ ରଚନା ପଶ୍ଚାତରେ ମଧ୍ୟ ଏହି ଆତ୍ମିକ ସମ୍ବନ୍ଧର ପ୍ରଗାଢ଼ତା ହିଁ କ୍ରିୟାଶୀଳ। 'ପୁରୁଷୋତ୍ତମଦେବ' ନାଟକରେ ଯେଉଁ ଉଦ୍‌ବୋଧନ ସଂଗୀତ ସେ ସଂଯୁକ୍ତ କରିଛନ୍ତି ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସଂଗୀତ ଭାବରେ ପ୍ରତିଟି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ସମ୍ମିଳିତ କଣ୍ଠରେ ଗାନ କରାଯାଏ - 'ତୁଙ୍ଗ ଶିଖରୀ-ଚୂଳ କୁଞ୍ଜ କାନନ-ମାଳ ପୁଣ୍ୟ ଜଳଧି-ଜଳ ଖେଳିଉଠୁ ସଘନେ / ପ୍ରାଚୀ ଗଗନ-ଶିରେ ଭାସି କନକ-ନୀରେ ଆସ ତପନ ଉଇଁ ଏ ଉତ୍କଳ ଭୁବନେ।' ଏ ସଂଗୀତର ଶବ୍ଦ-ସଂଯୋଜନା, ସାଙ୍ଗୀତିକ ମୂର୍ଚ୍ଛନା, ଉଦବୋଧନକ୍ଷମ ଭାବ ଓ ଭାଷାର ବୈଭବ ଯେକୌଣସି ତରୁଣପ୍ରାଣରେ ସୃଷ୍ଟି କରେ ସାମୁଦ୍ରିକ ଉତ୍ତାଳ ତରଙ୍ଗ।

କବିତା, ନାଟକ ରଚନାରେ ଗୋଦାବରୀଶ ଯେପରି ସୁନୀଳ ଆକାଶତଳେ ସୃଷ୍ଟି କରିପାରିଛନ୍ତି ଗୋଦାବରୀର ଆବେଗମୟ ଲହରୀ, ଠିକ ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନାରେ ପ୍ରସ୍ଫୁଟିତ କରିଦେଇଛନ୍ତି ଦୁର୍ଲଭ ମାନବିକତାର ମହାମନ୍ତ୍ର। 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସରେ ବାହ୍ୟ ଶିଳ୍ପକଳାଠାରୁ ଅଧିକ ମହିମାନ୍ୱିତ ମାନବତାର ଅନ୍ତଃସ୍ୱର। ମାନବ-ସଂପ୍ରୀତି, ପ୍ରକୃତି ସହ ନିବିଡ଼ ଆତ୍ମୀୟତା ଓ ବିଶ୍ୱଚେତନା ତାଙ୍କ ସାହିତ୍ୟକୁ କରିଛି ଏପରି ରସୋଚ୍ଛଳ ଯେ, ବାସ୍ତବିକ ଗୋଦାବରୀର ସମ୍ପ୍ରସାରିତ ବକ୍ଷସ୍ଥଳ ସଦୃଶ ସେ ପରିଣତ ହୋଇଯାଇଛନ୍ତି ନିର୍ମଳ ଭାବସ୍ରୋତରେ। ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ତାଙ୍କ ସଂଘର୍ଷମୟ ଅଥଚ ସଚ୍ଚୋଟ ଜୀବନଧାରା ସ୍ୱାଭାବିକ ଛନ୍ଦରେ ଗତିଶୀଳ। ଜୀବନୀମୂଳକ ପ୍ରବନ୍ଧ ରଚନା କରି ସେ ପ୍ରଦର୍ଶିତ କରିଛନ୍ତି ଆଲୋକର ପଥ। ତାଙ୍କ ରଚିତ 'ନେପୋଲିଅନ' ଓ 'ଦାସତ୍ୱ-ମୋଚନ' ଦୁଇଟି ଉଚ୍ଚକୋଟୀର ଜୀବନୀ ଗ୍ରନ୍ଥ। 'ଅସମ୍ଭବ' ଶବ୍ଦଟି ନେପୋଲିଅନଙ୍କ ଅଭିଧାନରେ ନଥିବା ପ୍ରସଙ୍ଗ ଚିରସ୍ମରଣୀୟ।

ବୁକର ଟାଲିଆ ଫେରୋ ୱାସିଂଟନଙ୍କ ଦାରିଦ୍ର୍ୟ ନିପୀଡ଼ିତ ଜୀବନ ଗୋଦାବରୀଶଙ୍କୁ ପ୍ରେରଣାପ୍ଲୁତ କରିଥିବା ଉପଲବ୍ଧି କରାଯାଇପାରେ ଏଥିରୁ। ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ତାଙ୍କ ଆଲୋକପାତ ବହୁଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। 'ସମ୍ବୋଧ ଗୀତିକା'ରେ ତାଙ୍କ ନଦୀ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ହୃଦୟସ୍ପର୍ଶୀ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାଧନାମଗ୍ନ ସାହିତ୍ୟଶିଳ୍ପୀର ଉତ୍ସର୍ଗୀକୃତ ପ୍ରାଣ ଥିଲା ଅନୁରୂପ ଭାବରେ ଅନନ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ ସମ୍ପ୍ରସାରିତ

**ମହୋଦଧି ସହ ଯୋଡ଼ିହେବ ମରୁଭୂମି**

ପୁରୀ,୧୩।୮ (ସମିସ): ମହୋଦଧି ସହ ଯୋଡ଼ିହେବ ମରୁଭୂମି। ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡ଼ିହେବ। ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ। ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ବୁଧବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି



ନିକଟରେ ଥିବା ଶ୍ରୀଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ସାପ୍ତାହିକ ଏହି ଟ୍ରେନ୍‌ଟି ପ୍ରତି ବୁଧବାର ସକାଳ ୬ଟା ୩୫ରେ ପୁରୀ ଷ୍ଟେସନ୍ ଛାଡ଼ି ତା' ପରଦିନ ରାତି ୮ଟା ୩୫ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଷ୍ଟେସନ୍‌ରେ ପହଞ୍ଚିବ। ପୁରୀ ଏବଂ ଶ୍ରୀଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ଟି ଷ୍ଟପେଜ୍‌ରେ ରହିବ। ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ନବୀକରଣ କରାଯିବ। ରାଜ୍ୟସଭା ସାଂସଦ ତଥା ରେଲ୍‌ୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକଟ୍ କାଉଣ୍ଟର କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲ୍‌ଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବ। ଏହି ଅବସରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ୟବସ୍ଥାଗତ ବିଫଳତାକୁ ସ୍ୱୀକାର କଲେ ସରକାର: ବିଜେଡି

**୨୦୨୩ରୁ କାର୍ଯ୍ୟକ୍ଷମ ହୋଇସାରିଛି ମୁଖ୍ୟମନ୍ତ୍ରୀ ଡ୍ୟାସ୍‌ବୋର୍ଡ**

ଭୁବନେଶ୍ୱର,୧୩।୮ (ସମିସ): ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ୧୦ଟି ଦିଗ ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁଥିରେ ରାଜ୍ୟ ସରକାରଙ୍କ ୧୪ ମାସର ବ୍ୟବସ୍ଥାଗତ ବିଫଳତାକୁ ସ୍ୱୀକାର କରାଯାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ୟୁଆଇ ନୋଟର ତୁରନ୍ତ ଉତ୍ତର ଓ ନିଆଯାଇଥିବା ପଦକ୍ଷେପ ସଂପର୍କିତ ତଥ୍ୟ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସରକାରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମଧ୍ୟ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ ଏଆଇ କ୍ୟାମେରା ଲଗାଇବା ନିଷ୍ପତ୍ତିକୁ ନେଇ ମଧ୍ୟ ବିଜେଡି ପ୍ରଶ୍ନ କରିଛି। ପୁରୀ ରଥଯାତ୍ରାରେ ସରକାର ୨୪୩ଟି ଏଆଇ କ୍ୟାମେରା ଲଗାଇଥିଲେ। ଏହା ସତ୍ତ୍ୱେ ରଥଯାତ୍ରରେ ବ୍ୟାପକ ଅବ୍ୟବସ୍ଥା ହେଲା। ଏଣୁ ଏଆଇ କ୍ୟାମେରା ଲଗାଇବାର ଫଳ କ'ଣ ହେଲା ରାଜ୍ୟବାସୀ ଦେଖିଛନ୍ତି। ଲୋକଙ୍କୁ ସେବା ପ୍ରଦାନରେ ବିଳମ୍ବର ଅନୁଧ୍ୟାନ କରାଯିବ ବୋଲି ସରକାର କହିଛନ୍ତି। ଏହାର ଅର୍ଥ ଲୋକମାନେ ସାଧାରଣ ସେବା ପାଉନାହାନ୍ତି ବୋଲି ପ୍ରରୋକ୍ଷରେ ସରକାର ସ୍ୱୀକାର କରିଛନ୍ତି। ସେହିପରି ୨୦୨୩ ମେ' ମାସରୁ ମୁଖ୍ୟମନ୍ତ୍ରୀ ଡ୍ୟାସବୋର୍ଡ କାର୍ଯ୍ୟକ୍ଷମ ହୋଇସାରିଥିଲେ ମଧ୍ୟ ବର୍ତ୍ତମାନ ସରକାର ଆଗାମୀ ଅକ୍ଟୋବର ମାସରୁ ଏହା ଆରମ୍ଭ କରାଯିବ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କ୍ଷମତାକୁ ଆସିବାର ୧୪ ମାସ ପରେ କେନ୍ଦ୍ରୀୟ ସ୍କିମ୍ ସଠିକ ଭାବେ କାର୍ଯ୍ୟ କରୁନାହିଁ ବୋଲି ସରକାର ବୁଝି ପାରିଛନ୍ତି। ପୂର୍ବରୁ ବିଜେଡି କରିଥିବା ଏହି ଅଭିଯୋଗ କରି ଆସୁଥିଲା, ଆଜି ଏବର ସରକାର ତାହାକୁ ସ୍ୱୀକାର କରିଛନ୍ତି। କ୍ଷେତ୍ର ପରିଦର୍ଶନ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ବିଜେଡି ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ପୁଣି ସ୍ମରଣ କରାଇ ଦେଇଛି। କ୍ଷମତାକୁ ଆସିବା ପରେ ବିଜେପି ସରକାର ବନ୍ଦ କରିଦେଥିବା ବିଜେଡି ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ରିଅଲ ଟାଇମ ମନିଟରିଂକୁ ବର୍ତ୍ତମାନ ପୁଣି ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ତେଣୁ ନବୀନ ବାବୁଙ୍କ ନେତୃତ୍ୱରେ ବିଜେଡି ସରକାର ଦେଖାଇଥିବା ରାସ୍ତାରେ ଅଗ୍ରସର ହେବାକୁ ବିଜେପି ସରକାର ବାଧ୍ୟ ହୋଇଛନ୍ତି ବୋଲି ଲେନିନ କହିଛନ୍ତି।

## ଋଣ ଚାପ
# ବିଷ ପିଇଲେ ଚାଷୀ

ଟିଟିଲାଗଡ଼, ୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଚାଷରେ କ୍ଷତି ହେବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ଗାଚରଣ ଗ୍ରୁପରଣ ଆଣି ଚାଷରେ ଲଗାଇଥିଲେ। ଚାଷରେ କ୍ଷତି ହେବା ଦେଖି ମାନସିକସ୍ତରରେ ଭାଙ୍ଗିପଡି ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଟିଟିଲାଗଡ଼ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ଚାଷୀଙ୍କ ଭାଇ ଭାସ୍କର ଭୋଇ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂଘକୁ ସରକାରଙ୍କ...

ଚିଠିରେ ମଧ୍ୟ ଅନୁରୂପ କଥା ଉଲ୍ଲେଖ ରହିଛି । ଅନଧିକୃତ ଭାବରେ ଅନୁପସ୍ଥିତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ସେମାନଙ୍କର ଦରମା ସ୍ଥଗିତ ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଅବଧିକୁ ସେବା ବିରତି ଭାବରେ ବିବେଚନା କରାଯିବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ସେବା ପୁସ୍ତିକାରେ ମଧ୍ୟ ଏହା ରେକର୍ଡ କରାଯିବ । ଏହା ବ୍ୟତୀତ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ସେବା ସର୍ତ୍ତାବଳୀ ଏବଂ ଆଚରଣର ଉଦ୍ଦେଶ୍ୟମୂଳକ ଏବଂ ଗମ୍ଭୀର ଉଲ୍ଲଙ୍ଘନ ପାଇଁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ରାଜସ୍ୱ ବିଭାଗ ଓ ମନ୍ତ୍ରୀଙ୍କ ନାଲିଆଖିକୁ ସଂଘ ଡରିବ ନାହିଁ ବୋଲି ଘୋଷଣା କରିଛି । ସଂଘ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି କାହାକୁ ଚେତାବନୀ ଦେଇପାରିବେ ନାହିଁ। ସରକାରଙ୍କର ଆମେ ପରିବାର ଲୋକ। ତେଣୁ ଆମକୁ ଡାକିକି ଆଲୋଚନା କରିବା ପରିବର୍ତ୍ତେ ଦରମା ବନ୍ଦ ଓ ନାଲି ଆଖି ଦେଖାଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିରେ ସଂଘ ପଛକୁ ହଟିବ ନାହିଁ। ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜସ୍ୱ ଅମଲାଙ୍କ ନ୍ୟାଯ୍ୟ ଦାବି ପୂରଣ ହୋଇପାରୁ ନାହିଁ। ସେଥିପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି। ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ମଧ୍ୟ ଦିଆଯାଇଥିଲା।। ଏହା ସ।ତ୍ତ୍ୱେ ଦାବି ପୂରଣ ହେଉନାହିଁ। ଯେପର୍ଯ୍ୟନ୍ତ ସରକାର ସଂଘର ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ୭ ପ୍ରସ୍ତାବକୁ...

କରିଛନ୍ତି । ସେ କହିଛନ୍ତି ଯେ ପ୍ରସ୍ତାବିତ ମଡେଲ ମଣ୍ଡି ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ରହିବ। ରାଜ୍ୟର ସମସ୍ତ ଜିଲ୍ଲାରେ ମଡେଲ ମଣ୍ଡି ସ୍ଥାପନ ନେଇ ସର୍ଭେ ସରିବା ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୩୮ଟି ମଣ୍ଡି ସ୍ଥାପନ ହେବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏଥିପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ବ୍ୟୟ ଅଟକଳ କରିଛି। ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ।

ସେହିପରି ଓଡ଼ିଶାର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏଲଇଡି ସାର୍ବଜନୀନ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ମୋଟ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି। ଅବଶିଷ୍ଟ ୨୦୦ କୋଟି ଟଙ୍କା ପାଇଁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଉପଲବ୍ଧ ଥିବା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ବ୍ୟବହାର ହେବ। ଅନୁରୂପ ଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ବିମାନ ଚଳାଚଳ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହାଲ (ଏମ୍‌ଆରଓ) ସୁବିଧା ପ୍ରତିଷ୍ଠାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କର୍ସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ସେହିପରି ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି । ୩୮୨.୪୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ମହାରାଷ୍ଟ୍ରର ଏମ/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶେଷ ହେବ। ପୁନଶ୍ଚ ଓଡ଼ିଶା ନର୍ସିଂ ଶିକ୍ଷା ସେବା ନିୟମାବଳୀ, ୨୦୨୫ ତିଆରି ପାଇଁ ଉପସ୍ଥାପିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଗଠନ ହେବା ଦ୍ୱାରା ଏହି କ୍ୟାଡର ଅଧୀନରେ ଖାଲି ପଡ଼ିଥିବା ମୂଳ ଟ୍ୟୁଟର ପଦବୀ ଗୁଡ଼ିକ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ । ଏହାବ୍ୟତୀତ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫କୁ କ୍ୟାବିନେଟ ଅନୁମୋଦନ ମିଳିଛି ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ । ୮୦ ପ୍ରତିଶତ ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦ ପ୍ରତିଶତ ଗ୍ରୁପ-ଡି କର୍ମଚାରୀଙ୍କଠାରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ରାଜ୍ୟର ସଂଗ୍ରହାଳୟ ଗୁଡ଼ିକର ସୁପରିଚାଳନା ଓ ସମନ୍ୱୟ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଏହି ନିର୍ଦ୍ଦେଶାଳୟର ପରିଚାଳନା ପାଇଁ କ୍ୟାଡର ନିୟମାବଳୀକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ମୋଟ ୪୦ଟି ପଦବୀ ରହିବ ବୋଲି ଜଣାପଡ଼ିଛି।

## ଭୋଟରଙ୍କ ହିତରେ...

ହେଉଛି ଯେ ଭୋଟର ତାଲିକାରେ ଅଧିକରୁ ଅଧିକ ଲୋକମାନଙ୍କୁ ସାମିଲ କରିବା ଲାଗି ନିର୍ବାଚନ କମିସନ ଅଧିକ ଦସ୍ତାବିଜର ବିକଳ୍ପ ଦେଇଛନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚି କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ କମିସନର କ୍ଷମତା ରହିଛି। ସଂଶୋଧନ କରାନଗଲେ ମୃତକଙ୍କ ନାମ କେମିତି କଟିବ। ଯେଉଁମାନେ ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାଇଛନ୍ତି ସେମାନଙ୍କର ନାମ କିପରି କଟିବ। ତେବେ ଏହି ପ୍ରକ୍ରିୟାରେ ଏମିତି କିଛି ବ୍ୟବସ୍ଥା କରାଯାଇଛି, ତାହାର ଯାଞ୍ଚ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି। ଆବେଦନକାରୀ ଏଡିଆର ପକ୍ଷରୁ ବରିଷ୍ଠ ଓକିଲ ଶଙ୍କର ନାରାୟଣନ କହିଲେ ଯେ ଭୋଟର ତାଲିକା ସଂଶୋଧନ ପାଇଁ କମିସନଙ୍କର କ୍ଷମତା ରହିଛି। କିନ୍ତୁ ଏବେ ଯେଉଁ ଢଙ୍ଗରେ କରାଯାଉଛି, ତାହା ଏହାପୂର୍ବରୁ କେବେ ହୋଇନଥିଲା। ସାରା ଭାରତରେ ଏଭଳି ପ୍ରକ୍ରିୟା ଆରମ୍ଭ ହେଲେ ସମସ୍ୟା ସୃଷ୍ଟି ହେବ। କାରଣ ଏଭଳି ସଂଶୋଧନ ଲାଗି କୌଣସି ଆଇନ କମିସନକୁ କ୍ଷମତା ଦେଇନାହିଁ। ଅଭିଯୋଗକାରୀଙ୍କ ପକ୍ଷର ଅନ୍ୟତମ ଓକିଲ ଅଭିଶେକ ସିଂହଭୀ କହିଲେ ଯେ ଭୋଟର ତାଲିକା ସଂଶୋଧନ ନାମରେ କମିସନ ନାଗରିକତ୍ୱ ଉପରେ ପ୍ରଶ୍ନ ଉଠାଇବାରେ ଲାଗିଛି। ଜଣେ ଭୋଟର ଭାରତୀୟ ନାଗରିକ ନୁହେଁ ବୋଲି କେହି ଅଭିଯୋଗ କଲେ କମିସନ ତାଙ୍କୁ ନୋଟିସ ଜାରି କରିବେ ଏବଂ ଦୁଇ ମାସ ମଧ୍ୟରେ ପ୍ରମାଣ ଦେବାକୁ କହିବେ। ଏହା କେମିତି ସମ୍ଭବ ବୋଲି ପ୍ରଶ୍ନ କରି ସେ କହିଛନ୍ତି ଯେ ଡିସେମ୍ବର ମାସ ପରେ ମଧ୍ୟ ଏସଆଇଆର ପ୍ରକ୍ରିୟା ଚାଲିଲେ କୌଣସି ଆପତ୍ତି ନାହିଁ। ସେ କହିଲେ ଯେ ସଂସଦ ନିର୍ବାଚନର ଏକ ବର୍ଷ ପୂର୍ବରୁ ୨୦୦୩ରେ ଏସ୍‌ଆଇଆର୍ କରାଯାଇଥିଲା। କିନ୍ତୁ ଏଥର ବିହାର ବିଧାନସଭା ନିର୍ବାଚନ ନଭେମ୍ବରରେ ଥିବା ବେଳେ ଜୁଲାଇ ମାସରେ କାହିଁକି ଏସ୍‌ଆଇଆର୍ କରାଯାଉଛି। ଏହାପଛରେ କମିସନଙ୍କର କିଛି ଚାଲ ଅଛି ବୋଲି ସେ ସନ୍ଦେହ ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ କୋର୍ଟ ସ୍ପଷ୍ଟ କରିଥିଲେ ଯେ ଏସଆଇଆର୍ ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇଥିବାର ପ୍ରମାଣ ମିଳିଲେ ଏହାକୁ ରଦ୍ଦ କରାଯାଇପାରିବ। କୋର୍ଟ ଆହୁରି କହିଥିଲେ ଯେ ଜଣେ ବ୍ୟକ୍ତି ଭାରତର ନାଗରିକ କି ନୁହେଁ, ସେନିଷ୍ପତ୍ତି ନେବାର କ୍ଷମତା ନିର୍ବାଚନ କମିସନଙ୍କର ଅଛି କି ନାହିଁ ତାହାର ତର୍ଜମା କରାଯିବ। ଆସନ୍ତାକାଲି ମଧ୍ୟ ସର୍ବୋଚ୍ଚ ଅଦାଲତରେ ଶୁଣାଣି ଜାରି ରହିବ।


**SALE**

1 Number of TRACTOR – MAHINDRA 605 DI ARJUN NOVO-50 HP 4 WD/ 2023, Registration No.- OD-11-AB-8519, Model-2023, ENGINE NO – NMJ4WBE0028, CHASSIS NO -MBNWHBDWFMNJ01002, For Details, contact – 7978329379, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ, 757001, PH. NO-06792-253348

**AFFIDAVIT**

I, Dinesh Chandra Khimji Nanda S/o Khimji Dayabhai, Resident At Plot No-515, Ambika House, BJB Nagar, PS-Badagada, Bhubaneswar, Dist-Khordha PIN-751014, Odisha declare by this affidavit No.7138 dated 13.08.2025 that now onwards I shall be known as **DINESH KHIMJI** for all future purposes.

**FORM No.1**
**SUMMONS/NOTICES FOR SERVICE BY ADVERTISEMENT IN NEWSPAPER**
(Order - 5 Rule 20)
(Succession Case)
**IN THE HON'BLE COURT OF THE CIVIL JUDGE SENIOR DIVISION, KORAPUT**
**I.C case No.01/2025**

Application for grant of Succession Certificate
Indrani Namdeo & 2 others ... Petitioners
Vs
Relationship Mangeer, Retail Sales
ICICI Prudential Assy. Management Company Limited & others ... Opposite Parties

Notice:
To
1. Relationship Manager, Retail Sales, ICICI Prudential Asset Management Company Limited, At; Ground Floor, Dharma Nagar, lane 5Berhampur, Dist; Ganjam, Odisha, PIN: 760002
2. Manager, Retail sales, ICICI Prudential Asset Manager, Po/Ps: SemiligudaDist; Koraput
3. Rambhubati, aged about 62 Years,S/O; Bhingu Saanta,Vill; Gopabandu Nagar, PO/Ps; Semiliguda, Dist; Koraput,

General Public

WHEREAS the petitioners Indrani Namdeo & 2 others have filed the above petition before this Court for the grant of succession certificate regarding the assets left by the deceased, (Ramayan Prasad Namdeo, S/O; Chooteal Namdeo of Gopabandu Nagar, Semiliguda, Po/Ps; Semiliguda, Dist; Koraput) who died on 22.8.2020.

Notice is issued in the name of respondent(s) that in case anybody has any objection for grant of succession certificate, he/she can file objection to the same on or before 06.09.2025, failing which the petition will be decided in accordance with law.

Given under my hand and seal of the Court, this **08th day of Aug, 2025.**
**Civil Judge (Sr. Division),Koraput.**

eMail: se_nerwkjr@rediffmail.com O-586
GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
*****
No. 3204/Date 12.08.2025

**1st Corrigendum Notice**

Under unavoidable circumstances, **the availability of tender online for bidding & opening of Technical Bids** of the tender invited vide eProcurement Notice No. 3001 Dtd: 22.07.2025 / Bid Identification No. **NCB-10 / RWCKJR / 2025-26** of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10 / RWCKJR / 2025-26 | Dt.30.07.25 at 11.00 A.M. | Dt.29.08.25 up to 5.00 P.M. | Dt.26.08.25 up to 5.00 P.M. | Dt.30.08.25 at 11.00 A.M. | Will be intimated later |

All other contents remain unchanged.
OIPR-25177/11/0084/2526
Chief Construction Engineer, R.W. Circle, Keonjhar.

**PM SHRI SCHOOL JAWAHAR NAVODAYA VIDYALAYA, TARBHA, DIST: SONEPUR (ODISHA)**
(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT OF INDIA)
Dated: 13.08.2025
**WALK IN INTERVIEW**

PM SHRI SCHOOL Jawahar Navodaya Vidyalaya, Tarbha, Dist-Sonepur (Odisha) is inviting qualified and experienced teacher/person/expert purely on Part time/Contract basis for the session 2025-26 under PM Shri Scheme. Interested candidates can attend the Walk-in-Interview in the Vidyalaya on 21-08-2025 Thursday at 11.00 A.M. along with their educational qualification certificates/experience certificates and other relevant documents.

| Sl. No. | Teacher/ Coach/Expert & No. of posts | Essential Qualification/Certificate | Remuneration | For the session 2025-26 |
|---|---|---|---|---|
| 1. | Yoga Teacher 01(One) | M.P.Ed. with Yoga is compulsory subject in M.P.Ed. & B.P.Ed. OR M.A./M.Sc. in Yoga OR Graduate with 01 year Post Graduate Diploma/Certificate in Yoga OR Bachelor Degree in Yoga with 2 year work experience. (Upper Age limit upto 50 years) | Rs.34125/- per month. | 08 months. |
| 2. | Yoga Trainer (Preference will be given to female) 01(One) | Graduate with PG Diploma in Yoga or M.P.Ed with Yoga Specialization from recognized University. Priority will be given on the basis of experience. | Per month Rs. 12500/- (for 08 month) | 03 Session Per Week |
| 3. | Sports Teacher/ Coach (Football & Handball) 02(Two) | Bachelor Degree in Physical Education or equivalent from recognized University/Institution. Priority will be given on the basis of experience. | Per month Rs. 20000/- (for 05 month) | 04 Session in a week X 04 weeks = 16 session in a month, Rs. 1250 per session |
| 4. | Music Expert 01(One) | Skilled in instruments like Guitar, Tabla, Keyboard Congo, Flute, Octopad etc., Certificate/Diploma/Degree in Music with professional experience etc. Priority will be given on the basis of experience. | Per month Rs. 20000/- (for 05 month) | 06 Session Per Week |
| 5. | Dance Expert 01(One) | Certificate/Diploma/Degree in Classical/Folk/Modern Dance/Local/Traditional with performance experience etc. specialized in Odishi/ Kathak Dance/Bharat Nattiyam/Kuchipudi. Priority will be given on the basis of experience. | Per month Rs. 20000/- (for 05 month) | 06 Session per Week |
| 6. | Self Defense Trainer (Female) 01(One) | Expert in Judo/Karate (Relevant Degree/Certificate from recognized institute) Priority will be given on the basis of experience. | Per month Rs. 12500/- (for 08 month) | 04 Times in a month |
| 7. | Atal Tinkering Lab. Facilitator 01(One) | M.Sc. in Physics with Specialization in Electronics/ Robotics/ IT or MCA in related trade | Per week Rs.2500/- | 03 days in a week. |

The candidate should attend the walk-in-interview on the above scheduled date and time alongwith the self attested Xerox copies of certificates and a pass port size photograph. The attending of walk-in-interview does not confirm any candidate for selection or appointment. No T.A./D.A. will be given to the candidate by the Vidyalaya for attending the said interview. The undersigned reserve the rights to cancel part or whole of the Walk-in-Interview. Willing candidates can submit their Bio-data, certificates/documents by hand OR through Email ID: jnvsonepur.rect@gmail.com

Sd/- PRINCIPAL, PM SHRI SCHOOL JNV SONEPUR (ODISHA)

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 12.08.2025, I Basanti Behera resident at Qr.No- Type-II/A, Census Campus Colony, Bhoinagar,Bhubaneswar Khurdha, PIN-751022 , declare that I have changed the name of my Son from Badal Behera to Badal Naik . Henceforth, He shall be known as **BADAL NAIK** for all future purposes.
BASANTI BEHERA

**AFFIDAVIT**

By virtue of an affidavit sworn before Executive Magistrate, Pipili, AF.NO-2975, dated 12-08-2025 I, **Dhadu Swain**, permanent resident of Village At- Maligaon, PO- Sadangoi, PS- Delang, Dist- Puri, State- Odisha, PIN- 752015, declare that I have changed my name from **DHADIA SWAIN** (Old name) to **DHADU SWAIN** (New name), Henceforth, I shall be known as **DHADU SWAIN** for all purposes.
Sd-( **Dhadu Swain** )

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 12.08.2025, I Krushna Das resident At-Khurtia Sahi, Po- Balisahi, Dist-Puri, Odisha, PIN-752001 declare that I have changed my name from Krushnachandra Das to Krushna Das. Henceforth, He shall be known as **KRUSHNA DAS** for all future purposes.
KRUSHNA DAS

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Kamalu Krishani, S/o- Late Dhan Krishani, resident of Vill./Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Kamala Lochan Kirsani** to **Kamalu Krishani**. Henceforth I shall be known as **Kamalu Krishani** for all future purposes.

**AFFIDAVIT**

By virtue of an affidavit sworn before Notary Public, Bargarh vide No. 504 dated 12.08.2025 I Sankalp Sarangi, S/o- Sanjib Kumar Sarangi resident of Ward No.9, Bandutikira, Bargar, Po./ Ps./Dist.- Bargarh state that, in my voter I. Card my name has been mentioned as Sankalp Sarangi but in my Aadhar Card my name has been mentioned as Sankalpa Sarangi. Both the names **Sankalp Sarangi** and **Sankalpa Sarangi** is of same and one person.

**AFFIDAVIT**

By virtue of an affidavit sworn before Executive Magistrate, Jatni, AF.NO-07, dated 12-08-2025 I, **Abdul Rauf Khan**, S/o Abdul Ishaque Khan, permanent resident of At- Raja Bazar, Fakada Basti (Part) PO- Jatni, PS- Jatni, Dist- Khordha, State- Odisha, PIN- 752050, declare that I have changed my name from **RAUF KHAN** (Old name) to **ABDUL RAUF KHAN** (New name), Henceforth, I shall be known as **ABDUL RAUF KHAN** for all purposes.
Sd-( **ABDUL RAUF KHAN** )

**AFFIDAVIT**

I, Kajipopy Khatun, D/O- Kazi Sorabuddin, residence of Vill: Barbil, Ward No- 07, PO/PS: Barbil, Dist: Keonjhar, Pin- 758035, Odisha, India, declare by this affidavit No- 02 dated 07.08.2025 that now onwards I shall be known as **Popy Mondal** for all future purposes.

**AFFIDAVIT**

I, **Ashis Kumar Sahu**, S/o Gouranga Chandra Sahu, resident of HIG-1/77, BDA Colony, Kapilaprasad, Bhubaneswar - 751002 by affidavit No- 503, dtd- 12/08/2025 state that my father's name is recorded as Gouranga Chandra Sahu in PAN, but in my HSC Certificate it is reflected as Gouranga Charan Sahu. **Gouranga Chandra Sahu** & **Gouranga Charan Sahu** refer to one and same person. The correct legal name of my father is **Gouranga Chandra Sahu** for all purposes.
Sd- ( **Ashis Kumar Sahu** )

**AFFIDAVIT**

I, Prasana Kumar Rout, S/o- Bhikari Charan Rout, resident of At- Duburi, Po- Duburi, Dist- Jajpur, PIN- 755026, Odisha declared by this affidavit No. 882, dtd- 05/06/2024 that now onwards I shall be known as **PRASANNA KUMAR ROUT** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Arjuna Pradhani** (Applicant name), S/O- Purnananda Pradhani, Permanent resident of At- Tentulipada, P.O. Katarkela, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Pihoo Pradhani** (old name) to **Pihu Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Pihu Pradhani** (new name).
**Arjuna Pradhani**

**AFFIDAVIT**

I, Shantanu Sarkar, aged about 38 years, S/o- Sudhansu Sekhar Behera, resident of At- DDL-1145, Phase-2, Housing Board Colony, Dumduma, Ps- Khandagiri, Bhubaneswar, Dist- Khurda, Odisha, Pin- 751019 declare by this affidavit No. 1616, dtd- 13/08/2025, that now onwards I shall be known as **SANTANU SARAKAR** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 30/072025. I **Sushil Kumar Sahu,** S/o- Gouranga Charan Sahu, resident of Village- Gangarampur, Po- Jaria, P.S/Tahasil- Pattamundai, Dist-Kendrapada, Odisha. My Name has been mentioned **Sushil Sahoo** instead of **Susil Kumar Sahu** in postal savings account No- 010010882445 of Jaria Post Office branch. I declare that my self **Susil Kumar Sahu** and **Sushil Sahoo** is one and same person for all purposes.
**Sushil Kumar Sahu**

**AFFIDAVIT**

I, Sidhee Mangaraj, aged about 31 years, W/o- Sumit Kumar Mangaraj, resident of At- Kudiary, Dolamandap Sahi, Street No- 30Q, Ward No- 23, Ps- Jatni, Dist- Khurda, Odisha, Pin- 752050 declare by this affidavit No. 1606, dtd. 12/08/2025, that now onwards I shall be known as **SIDHEE** for all future purposes.

**AFFIDAVIT**

I, Susama Panda, aged about 41 years, W/o- Muna Panda, resident of At- Bajarakbati Road, Professor pada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare by this affidavit No. 1617, dtd- 13/08/2025, that now onwards I shall be known as **SUSHAMA PANDA** for all future purposes.

**AFFIDAVIT**

I, Shaikh Rahim Bakhas, S/o- Late Shaikh Ibrar Bakhas, resident of At/Po-Gop, Ps- Gop, Dist- Puri, PIN- 752110, Odisha declared by this affidavit No-2921, dtd- 19/07/2025 that now onwards I shall be known as **SK RAHIM BAKHAS** for all future purposes.

**AFFIDAVIT**

I, Suryamani Barik, H/o- Puspa Nayak, resident of At- L-345, Phase-4, HB Colony, Dumduma, Bhubaneswar, Dist- Khurda, PIN- 751019, Odisha declared by this affidavit No. 640, dtd- 11/08/2025 that now onwards I shall be known as **SURYAMANI BARICK** for all future purposes.





ଟ୍ରମ୍ପଙ୍କ ଶୁଳ୍କ ଧମକ ଓ ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତିକୁ ବିରୋଧ

# କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ରାଜଧାନୀରେ ବିକ୍ଷୋଭ

ଭୁବନେଶ୍ୱର, ୧୩।୮ (ସମିସ): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ, ଜରିମାନା ୨୫% ଏପରି ୫୦% ଟାରିଫ୍ ଓ ରୁଷ୍ ସହ ତୈଳ ବାଣିଜ୍ୟ ଚୁକ୍ତି ପାଇଁ ଦଣ୍ଡନୀୟ ଟିକସ ଲଗାଇବା ଧମକ ଏବଂ ଭାରତ-ବ୍ରିଟେନ୍ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି (ସିଇଟିଏ) ବିରୋଧରେ ବୁଧବାର ଭୁବନେଶ୍ୱରରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଭୂମି ଅଧିକାର ଆନ୍ଦୋଳନର ପକ୍ଷରୁ ଜାତୀୟ ସାର୍ବଭୌମତ୍ୱ ରକ୍ଷା ଓ କର୍ପୋରେଟ୍ ଲୁଟ୍ ବନ୍ଦ ଦାବିରେ ବିକ୍ଷୋଭ ଓ ପଟୁଆର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଭୂମି ଅଧିକାର ଆନ୍ଦୋଳନ ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଶୁଳ୍କ ନୀତିକୁ ଦୃଢ଼ ନିନ୍ଦା କରିଛନ୍ତି।




ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ଜେନା, ଦୁଷ୍ମନ୍ତ କୁମାର ଦାଶ, ସୁରେଶ କୁମାର ରାଉତରାୟ, ଭୁବନାନନ୍ଦ ମହାପାତ୍ର, ଜୟସେନ ମେହେର, ମହେନ୍ଦ୍ର ପରିଡ଼ା, ଜ୍ୟୋତି ରଞ୍ଜନ ମହାପାତ୍ର, ମଧୁ ସୁଦନ ପ୍ରଧାନ, ପ୍ରମିଳା, ଶଶୀ ଭୂଷଣ ସ୍ୱାଇଁ, ଅଶୋକ ପ୍ରଧାନ, ନରେନ୍ଦ୍ର ମହାନ୍ତି, କିଶୋର ଜେନା, ସତ୍ୟ ତ୍ରିପାଠୀ, ବିଜୟ ଦ୍ୱିବେଦୀ, ନାରାୟଣ, ରେଣ୍ଟୀ ସୁର ଜେନା, ପ୍ରଦୀପ୍ତ ନାୟକ, ସନ୍ତୋଷ ରଥ, ବଂଶୀଧର ପରିଡ଼ା, ନିରଞ୍ଜନ ମହାନ୍ତି, ଲକ୍ଷ୍ମୀ ଦୋରା ଏବଂ ବିଜୟ ସାହୁ ପ୍ରମୁଖ ଶ୍ରମିକ- କୃଷକ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ ଏବଂ ବିକ୍ଷୋଭକାରୀଙ୍କୁ ଉଦବୋଧନ ଦେଇଥିଲେ।

ଟ୍ରମ୍ପଙ୍କ ଶୁଳ୍କ ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷ୍ ସମେତ ସମସ୍ତ ରାଷ୍ଟ୍ର ସହ ବାଣିଜ୍ୟ କରିବାର ସାର୍ବଭୌମ ଅଧିକାର ସୁରକ୍ଷିତ କରାଯାଉ, ଭାରତ-ବ୍ରିଟେନ୍ ସିଇଟିଏ ଚୁକ୍ତିର ତୁରନ୍ତ ସମୀକ୍ଷା ଓ ପ୍ରତ୍ୟାହାର କରାଯାଉ, ସଂସଦରେ ଏହା ଅନୁମୋଦନ ହେବା ବନ୍ଦ ହେଉ ଏବଂ ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ବନ୍ଦ କରାଯାଉ, ଗୁପ୍ତ ବାଣିଜ୍ୟ ଚୁକ୍ତି ବନ୍ଦ ହେଉ ଏବଂ ଭବିଷ୍ୟତ ଚୁକ୍ତି ସଂସଦୀୟ ଯାଞ୍ଚ ଓ ଜନପରାମର୍ଶ ମାଧ୍ୟମରେ କରିବା ଆଦି ଦାବି କରାଯାଇଛି।

ଅବସରପ୍ରାପ୍ତ ୱାର୍କଚାର୍ଜଡ ଓ ନିୟମିତ କର୍ମଚାରୀଙ୍କୁ ପେନ୍ସନ୍ ଦାବି

## ବିଚାର ନିମନ୍ତେ ରାଷ୍ଟ୍ରପତିଙ୍କୁ ଆବେଦନପତ୍ର




ଭୁବନେଶ୍ୱର, ୧୩।୮ (ସମିସ): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ପତ୍ର ସଂଖ୍ୟା-୨୨୭୬୪ରେ ଜିଏନ୍ଆର / ଏନ୍ଏମ୍ଆର / ଜେସି ଆଦି ତିନୋଟି ବର୍ଗର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ରେଜୋଲ୍ୟୁସନ୍ ପ୍ରକାଶ କରିଥିଲେ। ମୂଳ ରେଜୋଲ୍ୟୁସନ୍ରୁ ଜେସି ବର୍ଗର କର୍ମଚାରୀଙ୍କୁ ବାଦ ଦିଆଗଲା। କିନ୍ତୁ ଜେସି ବର୍ଗର କର୍ମଚାରୀମାନେ ତା ୧୫.୦୫.୧୯୯୭ ମୂଳ ରେଜୋଲ୍ୟୁସନ୍ର ନୀତି ନିୟମ ଅନୁସାରେ ସ୍ଥାୟୀ ନିଯୁକ୍ତି ଓ ପେନ୍ସନ୍ ପାଇବେ ବୋଲି ଅର୍ଥ ବିଭାଗ ତା ୦୪.୦୪.୨୦୦୭ରିଖ ପତ୍ରରେ ସ୍ୱଷ୍ଟୋକ୍ତି କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଏହି ନିୟମ ଆଧାରରେ ୧୨.୦୪.୧୯୯୩ ପୂର୍ବରୁ ଏନଏମ୍ଆର ଭାବରେ କାର୍ଯ୍ୟ କରି ଆସିଥିବା ଚାକିରି ସମୟକୁ ଯୋଗ୍ୟତା ସେବା ୱାର୍କଚାର୍ଜନ୍ ଚାକିରି ସମୟକୁ ସାମିଲ୍ କରି ପେନ୍ସନ୍ ପାଇବା ସପକ୍ଷରେ ଆଦେଶ ଦେଇଛନ୍ତି। ବିଚାରଯୋଗ୍ୟ ନୁହେଁ ଦର୍ଶାଇ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ କାଏମ୍ ରଖିଛନ୍ତି। ଓଡ଼ିଶା ସରକାରଙ୍କ ଅଧୀନରେ ଉପରୋକ୍ତ ବର୍ଗର କର୍ମଚାରୀମାନେ ୩୫ ରୁ ୪୨ ବର୍ଷ ସେବା ଦେଇଛନ୍ତି। କିନ୍ତୁ ସେବା ଯୋଗ୍ୟ ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଲୋକପ୍ରିୟ ବିଜେପି ସରକାର ପେନ୍ସନ୍ ନଦେଇ ଓ ପରିଣତ ବୟସରେ ସେମାନେ କେମିତି ବଞ୍ଚିବେ ବିଚାର ନ କରି ପେଟକୁ ଲାତ ମାରୁଛନ୍ତି। ଗରିବ କର୍ମଚାରୀମାନେ ଶେଷ ଜୀବନରେ ବଞ୍ଚିବାର ରାହା ନେଇ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ପେନ୍ସନ୍ ବିଚାର ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବେଦନ କରାଯାଇଛି।

## ବିଏମ୍ସି ଦ୍ୱାରା ସୃଷ୍ଟି ହେଲା ଆଉ ଏକ ମିଆୱାକି ଜଙ୍ଗଲ

ଭୁବନେଶ୍ୱର, ୧୩।୮ (ସମିସ): ବିଏମ୍ସି ଓ ଚନ୍ଦକା ବନଖଣ୍ଡର ମିଳିତ ସହଯୋଗରେ ୬ ନମ୍ବର ୱାର୍ଡରେ ୧.୫ ଏକର ଜମିରେ ମିଆୱାକି ଜଙ୍ଗଲର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର, ଡେପୁଟି ମେୟର, କମିସନର, ଅତିରିକ୍ତ କମିସନର, ଚନ୍ଦକା ଡିଏଫଓ, ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ଟିମ୍ ବିଏମ୍ସି ଓ ବନ ବିଭାଗ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଉଦ୍ୟମ ସହରୀକରଣ ଏବଂ ତାପମାତ୍ରା ବୃଦ୍ଧି ହେତୁ ଆବଶ୍ୟକ ପରିବେଶ ସନ୍ତୁଳନରେ ସହାୟକ ହେବ। ଏଠାରେ ଥିବା ସରକାରୀ ପଡ଼ିଆ ଜମିରେ ମିଆୱାକି ପଦ୍ଧତିରେ ୧୧ ହଜାର ବୃକ୍ଷ ରୋପଣ ପାଇଁ ଯୋଜନା କରାଯାଇଛି। ତେବେ ଗଛ ପୋତା ନୁହଁ, ଏହି ସ୍ଥାନରେ ପ୍ରାତଃ ଭ୍ରମଣର ସୁବିଧା ଇତ୍ୟାଦି କରାଯିବ। ସହର ମଧ୍ୟରେ ଆଇନ ଅନୁଯାୟୀ ଏହିପରି ସ୍ଥାନ ଗୁଡିକର ବିକାଶ କରାଯିବ ବୋଲି ବିଏମ୍ସି ପକ୍ଷରୁ କୁହାଯାଇଛି।

## ଉଚ୍ଚଶିକ୍ଷାନୁଷ୍ଠାନରେ ରକ୍ତଦାନ ସଂକ୍ରାନ୍ତ ସଚେତନତା ସୃଷ୍ଟି କର: ରାଜ୍ୟପାଳ

ଭୁବନେଶ୍ୱର, ୧୩।୮ (ସମିସ): ରକ୍ତ ଦାନର ଗୁରୁତ୍ୱ ସମ୍ପର୍କରେ ଯୁବଗୋଷ୍ଠୀ ବିଶେଷକରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ ସୋସାଇଟି, ରାଜ୍ୟ ଶାଖାର ଅଧ୍ୟକ୍ଷ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ରାଜଭବନର ନ୍ୟୁ ଅଭିଷେକ ହଲ୍ଠାରେ ଆୟୋଜିତ କାର୍ଯ୍ୟନିର୍ବାହୀ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଉଚ୍ଚ ଶିକ୍ଷାନୁଷ୍ଠାନରେ ବର୍ଷକୁ ୨ ରୁ ୩ ଥର ରକ୍ତଦାନ ଶିବିର ଆୟୋଜନ କରିବା ଏବଂ ଏଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ରକ୍ତଦାନ ଅଭିଯାନରେ ସାମିଲ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ରେଡକ୍ରସ ସୋସାଇଟି, ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ଷାଠିଏ ଶିଳ୍ପୀଙ୍କ ତୂଳୀରେ ଦେଶ ପାଇଁ ବଳିଦାନର ଚିତ୍ର



ଭୁବନେଶ୍ୱର, ୧୩।୮ (ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟ ଏବଂ ରାଷ୍ଟ୍ରୀୟ ଲଳିତକଳା କେନ୍ଦ୍ର, ଭୁବନେଶ୍ୱର ମିଳିତ ସହଯୋଗରେ ଧଉଳିଠାରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୬୦ ଜଣ ଯୁବ ଶିଳ୍ପୀଙ୍କୁ ନେଇ 'ଭାରତ ସ୍ୱାଧୀନତା' ଶୀର୍ଷକ ଏକ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ସାମଲ ଶିଳ୍ପୀମାନଙ୍କୁ ନିଜ ଚିତ୍ରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିତ୍ର ସହ ଭାରତ ସ୍ୱାଧୀନତାର ମହାନ୍ ନେତାମାନଙ୍କ ଚିତ୍ର ସ୍ଥାନ ଦେବାକୁ ଉତ୍ସାହିତ କରିଥିଲେ।

## ସୁସ୍ଥ ପରିବେଶ ଗଠନ ପାଇଁ ଚାରାରୋପଣ



ଭୁବନେଶ୍ୱର, ୧୩।୮ (ସମିସ): ମହାଲେଖାକାର ଅଡିଟ ୨ କାର୍ଯ୍ୟାଳୟ ଓ ଭୁବନେଶ୍ୱର ନଗର ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ପରିବେଶ ସୁସ୍ଥ ଓ ନିର୍ମଳ ରଖିବା ନିମନ୍ତେ ପାତ୍ରପଡ଼ା ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ନଗର ବନ ପରିସର ଓ ଯାଆଁଳାସ୍ଥିତ ଅମ୍ରିତା ବିଦ୍ୟାଳୟ ପରିସରରେ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାଲେଖାକାର ଅତୁଲ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ମହାଲେଖାକାର ଶୁଭମ ସ୍ୱାମୀ ଭୈଜନଥ, ସୁଶ୍ରୀ ପ୍ରଥମା ପ୍ରତୀକ୍ଷା ପ୍ରଧାନ, ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ଫରେଷ୍ଟର ଅର୍ଚ୍ଚନା ପାତ୍ର, ସୁମିତ୍ରା ମିଶ୍ର, ମହାଲେଖାକାର କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସୁସ୍ଥ ପରିବେଶ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ସିଏଜି ପ୍ରଶାସନ ପକ୍ଷରୁ ବଉଳ, ମେହଗାନି, ଓଉ, ନିମ ଓ ଅଁଳା ଆଦି ବୃକ୍ଷରୋପଣ କରାଯାଇଥିଲା

## ଅରୁଣଙ୍କ 'ବେହାଲ ବର୍ଷା'ରେ ଭିଜିଲେ ଦର୍ଶକ



ଭୁବନେଶ୍ୱର, ୧୩।୮ (ସମିସ): ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ଯୁଗଳବନ୍ଦୀ ଡ଼ ଅରୁଣ କୁମାର ସାହୁଙ୍କ ସମ୍ପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ୍ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ୍ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗ ଦେଇଥିଲେ। ପ୍ରକାଶକ ବିଜୟ ମହାପାତ୍ରଙ୍କ ବି. କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାରକଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ, ତାହା ଉପସ୍ଥାପିତ ହୋଇଛି। ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଡ଼ ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି ଦୁନିଆର ପ୍ରଖ୍ୟାତ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଉପଭୋଗ କରିଥିଲେ। ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଡ଼ ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ୍ ସନ୍ଧ୍ୟା ୬.୧୮ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭.୩୩ରେ ଶେଷ ହେବାକୁ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ।



## 'ବଳଭଦ୍ର ସଂସ୍କୃତି ହେଉଛି ଓଡ଼ିଶାର ଅସ୍ମିତା'




ଭୁବନେଶ୍ୱର, ୧୩।୮ (ସମିସ): ଜଗନ୍ନାଥ ଓ ବଳଭଦ୍ର ସଂସ୍କୃତି ଯେପରି ଓଡ଼ିଆ ଅସ୍ମିତା ବା ସ୍ୱାଭିମାନର ପ୍ରାଣକେନ୍ଦ୍ର ଠିକ ସେହିପରି କୃଷି ଓ ଗୋପାଳନ ହେଉଛି ଓଡ଼ିଆ ସଂସ୍କୃତି ଓ ଅର୍ଥନୀତିର ମୌଳିକ କ୍ଷେତ୍ର। ବୁଦ୍ଧ ମନ୍ଦିରରେ ଆୟୋଜିତ ପ୍ରତୀକାତ୍ମକ ଗହ୍ମା ପର୍ବରେ ବକ୍ତାମାନେ ଜଗନ୍ନାଥ ଓ ବଳଭଦ୍ର ତତ୍ତ୍ୱ ସମ୍ପର୍କରେ ଏଭଳି ଅନେକ କଥାର ଅବତାରଣା କରିଛନ୍ତି। ପାଟରା ଜାତିର ଇଷ୍ଟ ହେଉଛନ୍ତି ପ୍ରଭୁ ବଳଭଦ୍ର। ନିଖିଳ ଉତ୍କଳ ପାଟରା ସମିତି ତରଫରୁ ବଳଭଦ୍ର ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସମିତିର ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ଅମରନାଥ ପରିଡ଼ା, ଆଇନଜୀବୀ ବୀରନାରାୟଣ ପାତ୍ର, ଯୁବନେତା ଆଶିଷ ସାହୁ, ସରୋଜ ପାତ୍ର, ଶିକ୍ଷାବିତ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବ୍ୟତୀତ କଟକ କର୍କଟ ପ୍ରତିଷ୍ଠାର ଡାକ୍ତର ଏସଏନ ସେନାପତିଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪ ଜଣ ବ୍ୟକ୍ତି ତଥା ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା। ଜଣେ ମେଧାବୀ ମେଡିକାଲ ଛାତ୍ର ରଘୁନାଥ ବେହେରାଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଟରା ସମିତିର ଉପସଭାପତି ସଞ୍ଜୟ ପାତ୍ର, ଆଲୋକ ସାହୁ, ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ସେନାପତି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ପ୍ରାୟ ୩୦୦ ପାଟରା ପ୍ରତିନିଧି ଯୋଗ ଦେଇଥିଲେ।

## ହଟିଲା ଜବରଦଖଲ; ଭାଙ୍ଗିଲା ପରିବା ଗୋଦାମ

ଭୁବନେଶ୍ୱର, ୧୩।୮ (ସମିସ): ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ମୌଜାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲରେ ଥିବା ପରିବା ଗୋଦାମ ଏବଂ ଭଡା ଘରକୁ ବିଡିଏର ଏନ୍ଫୋର୍ସମେଣ୍ଟ ଟିମ୍ ଭାଙ୍ଗି ଦେଇଛି। ଏହି ଉଚ୍ଛେଦରେ ୬ଟି ଆଜବେଷ୍ଟ ଘର, ପାଚେରି ଏବଂ ଗୋଦାମ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଏହି ଆଇଗିଣିଆରେ ଥିବା ଖାତା ନମ୍ବର ୨୭୭ ର ପ୍ଲଟ୍ ନମ୍ବର ୩୪୮ ସାଧାରଣ ପ୍ରଶାସନ ବିଭାଗର ଜମି ରହିଛି। ଏହାକୁ ବନମାଳୀ ସୁଆଳସିଂ ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ସେ ଏଠାରେ ଆଜବେଷ୍ଟସ୍ ଘର କରି ପରିବା ଗୋଦାମ କରିଥିଲେ। ଏହା ସହିତ ୨ଟି ଘର ଲୋକଙ୍କୁ ଭଡା ସୂତ୍ରରେ ଦେଇଥିଲେ। ଏନେଇ ଜିଏକୁ ଜଣା ପଡ଼ିବା ପରେ ବିଭାଗ ମାମଲା ରୁଜୁ କରିଥିଲା। ରାୟ ଜିଏ ବିଭାଗ ସପକ୍ଷରେ ଆସିବା ପରେ ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ଜିଏ ପକ୍ଷରୁ ବିଡିଏକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଏ ଟିମ୍ ବିନା କୌଣସି ପୁଲିସ ସହାୟତାରେ ଏଠାରୁ ଜବରଦଖଲ ଉଚ୍ଛେଦ କରିଥିଲା। ଏହି ଉଚ୍ଛେଦରେ ବିଡିଏ ଏନ୍ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଏବଂ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ବିଜୁଳି ସମସ୍ୟା ସଂକ୍ରାନ୍ତ ଜନଅଭିଯୋଗ ଦାଖଲ ତାରିଖ ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୧୩।୮ (ସମିସ): ଗତ ଜୁଲାଇ ୧୮ ତାରିଖ ଦିନ ବିଜୁଳି ସମସ୍ୟା ନେଇ ଜନ ଅଭିଯୋଗ ଦାଖଲ କରିବା ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସ୍ୱାଗତ କରୁଛି। କିନ୍ତୁ ଆସନ୍ତା ଅଗଷ୍ଟ ୧୬ ତାରିଖ ସୁଦ୍ଧା ଅଭିଯୋଗଗୁଡ଼ିକ ଦାଖଲ ପାଇଁ ଆୟୋଗ ଯେଉଁ ବିଜ୍ଞପ୍ତି ଦେଇଛନ୍ତି, ତାହାକୁ ଅନ୍ତତଃ ଅଗଷ୍ଟ ୩୧ତାରିଖକୁ ଘୁଞ୍ଚାଇବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବୁଧବାର ଏକ ପତ୍ର ମାଧ୍ୟମରେ ଆୟୋଗଙ୍କ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଛି। ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା ଆୟୋଗର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କୁ ପତ୍ର ମାଧ୍ୟମରେ ଏ ନେଇ ଅବଗତ କରିଛନ୍ତି।

# ଅନ୍ନପ୍ରସାଦ ପାଇଁ ଅନ୍‌ଲାଇନ୍ ଭରସା

ପାର୍ବଣ ସମୟରେ ଦୁଇ ଦିନ ଆଗରୁ ବୁକିଂ

ଭୁବନେଶ୍ୱର, ୧୩।୮ (ସମିସ): ଏବେ ଘରେ ବସି ସବୁ ସାମଗ୍ରୀ ଆସି ପହଞ୍ଚିଯାଉଛି। ଆଉ ବାହାରକୁ ଯିବାକୁ ପଡୁନି। ଖାଦ୍ୟ ଠାରୁ ଆରମ୍ଭ କରି ପରିବା, ଔଷଧ, ଲୁଗାପଟା ସମସ୍ତ ଜିନିଷ ମାତ୍ର ଅଧଘଣ୍ଟା ଭିତରେ ଆସିଯାଉଛି। ବିଶେଷକରି ସହରର ବ୍ୟସ୍ତବହୁଳ ଜୀବନ ଭିତରେ ପାର୍ବଣ ଏବଂ ଓଷା ପର୍ବରେ ରାଜଧାନୀବାସୀ ଆଉ ଘରେ ରୋଷେଇବାସ କରୁନାହାନ୍ତି। ଅନ୍‌ଲାଇନ୍‌ରେ ମଗାଉଛନ୍ତି ଅରୁଆ ଅନ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିର ପ୍ରସାଦ।

ଏହିପରି ମଧ୍ୟ ପୂଜାପର୍ବ ହେଉକି ପାର୍ବଣ ସମୟରେ କାମରୁ ଫୁରସତ୍ ପାଇବା ସହ ବୁଲାବୁଲି କରିବା ପାଇଁ ଲୋକମାନେ ଆଉ ରୋଷେଇ କରିବାକୁ ପସନ୍ଦ କରୁନାହାନ୍ତି। ଯାହା ଫଳରେ ଅନ୍‌ଲାଇନ୍ ପ୍ରସାଦ ଉପରେ ନିର୍ଭର କରୁଛନ୍ତି। ପାର୍ବଣ ସମୟରେ ମନ୍ଦିର ପ୍ରସାଦ ଆଣିବା ପାଇଁ ହେଲେ ମନ୍ଦିର ଯିବା ସହ ଧାଡ଼ିରେ ଠିଆକୁ ପଡୁଥିଲା। ଏଥିସହିତ ଅଧିକ ସମୟ ମଧ୍ୟ ଯାଉଥିଲା। ହେଲେ ପାର୍ବଣ ସମୟରେ ଯେଉଁ ମନ୍ଦିରରୁ ଚାହିଁବେ ସେହି ମନ୍ଦିରରୁ ପ୍ରସାଦ ଅର୍ଡ଼ର କରି ହୋଇପାରୁଛି। ବିଶେଷ କରି ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର, କାଳୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର ପରି ପ୍ରମୁଖ ମନ୍ଦିରର ପ୍ରସାଦ ଆସି ହାତ ପାହାନ୍ତାରେ ପହଁଚି ଯାଉଛି।



ମନ୍ଦିରର ପ୍ରସାଦ ପାଇଁ ମୋ ଆହାର ଆପ୍ ମାଧ୍ୟମରେ ସମସ୍ତେ ଅର୍ଡ଼ର କରୁଛନ୍ତି। ଏଥିରେ ୫ଟା ଆଇଟମ୍ ଅନ୍ନ, ଡ଼ାଲି, ବେସର, ଶାଗ, ଖଟାକୁ ଦର ୧୫୦ ରହିଥିବା ବେଳେ ୮ ଟା ଆଇଟମ୍ ପାଇଁ କାନିକା, ଡ଼ାଲି, ବେସର, ଖିରି ଶାଗ, ଖଟା, ଅନ୍ନ, ଚଣାପୋଟଳ ୨୫୦ ଟଙ୍କା ଦର ରହିଛି। ହେଲେ ପାର୍ବଣ ସମୟରେ ତିନି ରୁ ଚାରି ଦିନ ଆଗରୁ ଅର୍ଡ଼ର କରିବାକୁ ପଡ଼ିବ। ଯେଉଁଦିନ ପ୍ରସାଦ ଦରକାର ସେହି ଦିନର ତାରିଖ ପାକାଇବାକୁ ପଡ଼ିବ। ତେବେ ଯେଉଁଦିନ ଆପଣଙ୍କର ପ୍ରସାଦ ଦରକାର ଥିବ ସେହିଦିନ ମିଳିଯିବ। ପ୍ରସାଦର ଅର୍ଡ଼ର ବେଳେ ବେଳେ ଅଧିକ ହୋଇଥାଏ ତ ଆଉ କେତେବେଳେ କମ୍ ହୋଇଥାଏ। କିନ୍ତୁ ପୂଜା ପର୍ବ କିମ୍ବା ପାର୍ବଣ ସମୟରେ ଅର୍ଡ଼ର ଟିକେ ଅଧିକ ହୋଇଥାଏ। ଏହି ସମୟରେ ଅନେକ ଲୋକ ବ୍ରତ ରଖନ୍ତି। ଏଥିପାଇଁ ପ୍ରସାଦ ଉପରେ ନିର୍ଭର କରିଥାନ୍ତି। ଏହି ସମୟରେ ଆମେ ଯଥା ସମ୍ଭବ ଚେଷ୍ଟା କରିଥାଉ କି ପ୍ରସାଦ ଶିଘ୍ର ପହଞ୍ଚାଇବା ପାଇଁ ବୋଲି ମୋ ଆହାର ଆପ୍ର ଜଣେ କର୍ମଚାରୀ କହିଛନ୍ତି।

### ୧୦ ମିନିଟ୍‌ରେ ଲେମ୍ବୁ, ଲଙ୍କା, କଦଳୀପତ୍ର

ଆଜିର ଦିନକୁ ଅନ୍‌ଲାଇନ୍ ଯୁଗ ବୋଲି କହିପାରିବେ। ଆପଣ ଘରେ ବସି ଘର କରଣା ସାମଗ୍ରୀଠାରୁ ଆରମ୍ଭ କରି ଲୁଗାପଟା ନିଜର ପସନ୍ଦ ଅନୁଯାୟୀ ପହଞ୍ଚି ଯାଉଥିଲା। କିନ୍ତୁ ଆପଣ ଆଶ୍ଚର୍ଯ୍ୟ ହେବେ ଏବେ ଅନ୍‌ଲାଇନ୍ ଯୁଗରେ ଏବେ ଆଉ ପାଦେ ଆଗେଇଛି। ଆପଣ ଖାଇ ବସିଛନ୍ତି ପାଖରେ କଦଳିପତ୍ର, ଲେମ୍ବୁ କିମ୍ବା କଞ୍ଚାଲଙ୍କା ନାହିଁ। ବ୍ୟସ୍ତ ହେବାର ନାହିଁ। ମାତ୍ର କିଛି କ୍ଷଣ ଅର୍ଥାତ୍ ୧୦ ମିନିଟ ଭିତରେ ଘରେ ପହଞ୍ଚି ଯାଉଛି ଏସବୁ ଜିନିଷ। ଏସବୁ ଜିନିଷ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ କର୍ପୋରେଟ୍ ହାଉସ୍‌ମାନେ ଆପ୍ ବ୍ୟବସ୍ଥା କରିଛନ୍ତି। ଏହି ଆପ୍‌କୁ ଡାଉନ୍‌ଲୋଡ଼ କରିବା ପରେ ଆପଣ ତତ୍କାଳ ଜିନିଷ ଘରକୁ ମଗାଇପାରିବେ। ଗୋଟିଏ କି ଦୁଇଟି ନୁହେଁ ବହୁ ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥା ଏ ଦିଗରେ ନିଜର ଏଜେଣ୍ଟମାନଙ୍କୁ ରଖିଛନ୍ତି। ଯେଉଁମାନେ ଲୋକଙ୍କ ଚାହିଦା ମୁତାବକ ସାମଗ୍ରୀ ଆଣି ଘର ପାଖରେ ପହଞ୍ଚାଇ ଦେଉଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୪୫
- ପାଉଣ୍ଡ ୧୧୮.୧୧
- ୟୁରୋ ୧୦୨.୦୯
- ୟେନ୍ ୦.୫୯




**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୪୦ (ନୂଆଦିଲ୍ଲୀ)
- ରୁପା : ୧,୧୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୫୩୯.୦୦
- ନିଫ୍ଟି ୨୪,୬୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଠକେଇରେ ଲାଗିବ ଲଗାମ୍

# ୟୁପିଆଇରୁ ପଠାଇହେବନି ଟଙ୍କା ପାଇଁ ଅନୁରୋଧ



**ଅକ୍ଟୋବରରୁ ପି-ଟୁ-ପି କଲେକ୍ଟ ରିକ୍ୱେଷ୍ଟ ବନ୍ଦ କରିବାକୁ ଏନ୍‌ପିସିଆଇର ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୧୩।୮ (ଏଜେନ୍ସି):** ଏଣିକି ଆଉ ୟୁପିଆଇରୁ ଟଙ୍କା ପାଇଁ କାହାକୁ ଅନୁରୋଧ ପଠାଇ ହେବନାହିଁ। କାରଣ ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ୍ (ଏନ୍‌ପିସିଆଇ) ଅକ୍ଟୋବର ପହିଲାରୁ ୟୁପିଆଇ ରେ ପିଅର-ଟୁ-ପିଅର (ପି-ଟୁ-ପି) କଲେକ୍‌ସନ୍ ଅନୁରୋଧକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଯେ ଏବେ ଜଣେ ବ୍ୟକ୍ତି ୟୁପିଆଇ ମାଧ୍ୟମରେ ଅନ୍ୟ ବ୍ୟକ୍ତିଙ୍କଠାରୁ ଟଙ୍କା ମାଗିବା ପାଇଁ ଅନୁରୋଧ ପଠାଇପାରିବ ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ ପି-ଟୁ-ପି କଲେକ୍‌ସନ୍ ଅନୁରୋଧ କିମ୍ବା 'ପୁଲ୍ ଟ୍ରାଞ୍ଜାକ୍ସନ୍' ଏକ ସୁବିଧା ଯେଉଁଥିରେ ଜଣେ ୟୁପିଆଇ ବ୍ୟବହାରକାରୀ ଅନ୍ୟ ଜଣେ ବ୍ୟବହାରକାରୀଙ୍କଠାରୁ ଟଙ୍କା ମାଗିବା ପାଇଁ ଅନୁରୋଧ ପଠାଇଥାନ୍ତି। ଅନୁରୋଧ ପାଇବା ପରେ, ଦେୟ ପ୍ରଦାନ କରୁଥିବା ବ୍ୟକ୍ତି ତାଙ୍କ ୟୁପିଆଇ ପାନ୍ ମାଧ୍ୟମରେ ଦେୟ ଅନୁମୋଦନ କରନ୍ତି।ତେବେ ଠକମାନେ ଏହି ବୈଶିଷ୍ଟ୍ୟର ଅପବ୍ୟବହାର କରି ୟୁପିଆଇ ବ୍ୟବହାରକାରୀଙ୍କୁ ଲୁଟୁଥିଲେ। ସେମାନେ ଅଜଣା ଅନୁରୋଧ ପଠାଇ ଲୋକଙ୍କୁ ଭୁଲରେ ଟଙ୍କା ସ୍ଥାନାନ୍ତର କରିବାକୁ ବାଧ କରୁଥିଲେ। ବର୍ଦ୍ଧିତ ସାଇବର ଠକେଇକୁ ରୋକିବା ପାଇଁ ଏନ୍‌ପିସିଆଇ ଏହି ନିଷ୍ପତ୍ତି ନେଇଛି।ଏହି ନିଷେଧାଦେଶ କେବଳ ପି-ଟୁ-ପି କଲେକସନ୍ ଅନୁରୋଧ ଉପରେ ଅର୍ଥାତ୍ ବ୍ୟକ୍ତିଗତ ବ୍ୟବହାରକାରୀଙ୍କ ମଧ୍ୟରେ ଲାଗୁ ହେବ। ଫ୍ଲିପ୍‌କାର୍ଟ, ଆମାଜନ୍, ସ୍ୱିଗୀ ଏବଂ ଆଇଆର୍‌ସିଟିସି ଭଳି ମର୍ଚ୍ଚାଣ୍ଟଙ୍କ କ୍ଷେତ୍ରରେ ବୈଧ ବ୍ୟବସାୟ ପାଇଁ କଲେକ୍‌ସନ୍ ଅନୁରୋଧ ବ୍ୟବହାର କରିପାରିବେ, ଯଦି ବ୍ୟବହାରକାରୀ ପେମେଣ୍ଟକୁ ଅନୁମୋଦନ କରନ୍ତି। ଏନ୍‌ପିସିଆଇ ସମସ୍ତ ବ୍ୟାଙ୍କ ଏବଂ ୟୁପିଆଇ ଆପ୍‌କୁ ଅକ୍ଟୋବର ପହିଲା ସୁଦ୍ଧା ପି-ଟୁ-ପି ସଂଗ୍ରହ କାରବାର ଆରମ୍ଭ କରିବା, ରାଉଟିଂ କରିବା କିମ୍ବା ପ୍ରକ୍ରିୟାକରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି।

# ବିକ୍ରି ହେବ ଏଲ୍‌ଆଇସି ଅଂଶଧନ

**ନୂଆଦିଲ୍ଲୀ,୧୩।୮ (ଏଜେନ୍ସି):** ବିକ୍ରି ହେବ ଦେଶର ବୃହତ୍ ଜୀବନ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)। ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରର ଅଂଶସ୍ୱରୂପ କେନ୍ଦ୍ର ସରକାର ଏଲ୍‌ଆଇସିରୁ ଅଂଶଧନ ବିକ୍ରି କରିବେ। ଏଥିପାଇଁ ସରକାର ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରୋଡ ଶୋ' ଆରମ୍ଭ କରାଯାଇପାରେ। ଯୋଜନାନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏଲ୍‌ଆଇସି ସେୟାରର ୨.୫%ରୁ ୩% ବିକ୍ରି କରାଯାଇପାରିବ। ମୋତିଲାଲ ଓସୱାଲ ଏବଂ ଆଇଡିବିଆଇ କ୍ୟାପିଟାଲକୁ ଏହି ଅଫର ଫର୍ ସେଲ୍ (ଓଏଫ୍‌ଏସ୍)ର ପରିଚାଳକ ନିଯୁକ୍ତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ପ୍ରଥମ ପର୍ଯ୍ୟାୟର ଚୂଡ଼ାନ୍ତ ଆକାର ଏବଂ ମୂଲ୍ୟ ରୋଡ ଶୋ' ପରେ ନିର୍ଣ୍ଣୟ କରାଯିବ। ଏହି ଅଂଶଧନ ବିକ୍ରିରୁ କେନ୍ଦ୍ର ସରକାର ୧୭ ହଜାର କୋଟିର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି।

ତେବେ ପ୍ରଥମ ପର୍ଯ୍ୟାୟରେ, କେନ୍ଦ୍ର ସରକାର ଏହି ଅଂଶଧନ ବିକ୍ରିରୁ ପ୍ରାୟ ୧୪,୦୦୦ କୋଟି ରୁ ୧୭,୦୦୦ଟଙ୍କା କୋଟି ରୋଜଗାର କରିବାକୁ ଆଶା କରିଛନ୍ତି। ବର୍ତ୍ତମାନ ସରକାରଙ୍କର ଏଲ୍‌ଆଇସିରେ ୯୬.୫% ଅଂଶଧନ ରହିଛି। ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ ଏଲ୍‌ଆଇସି କୁ ଏହାର ସାର୍ବଜନୀନ ଅଂଶଧନକୁ ବର୍ତ୍ତମାନର ୩.୫% ରୁ ଅତି କମ୍‌ରେ ୧୦% କୁ ବୃଦ୍ଧି କରିବା ପାଇଁ ୨୦୨୭ ମେ' ୧୬ ପର୍ଯ୍ୟନ୍ତ ସମୟ ଦେଇଛି। ଚଳିତମାସ ମାସର




**ରୋଡ ଶୋ' କରିବେ ସରକାର**

**୧୭ ହଜାର କୋଟିର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ**

ପ୍ରାରମ୍ଭରେ,ଏଲ୍‌ଆଇସି ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ ପାଇଁ ଏହାର ଫଳାଫଳ ଘୋଷଣା କରିଥିଲା। ଏହି ସମୟରେ ବୀମା କମ୍ପାନୀର ନେଟ୍ ଲାଭ ୫.୦୨% ବୃଦ୍ଧି ପାଇ ୧୦,୯୮୬ କୋଟି ଟଙ୍କାରେ ପହଞ୍ଚିଛି।

# ସେପ୍ଟେମ୍ବରରୁ ରୁପାରେ ବି ହଲ୍‌ମାର୍କିଂ

**ନୂଆଦିଲ୍ଲୀ,୧୩।୮ (ଏଜେନ୍ସି):** ସୁନା ପରେ ଏବେ ସରକାର ରୁପା ଅଳଙ୍କାରରେ ମଧ୍ୟ ହଲମାର୍କିଂନିୟମ ଲାଗୁ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ସେପ୍ଟେମ୍ବର ପହିଲାରୁ ସ୍ୱେଚ୍ଛାକୃତ ଭାବରେ ଲାଗୁ ହେବ। ସୁନା ପରି ଏହି ନିୟମ ୬ ଗ୍ରେଡ୍ ରୂପା ଅଳଙ୍କାର ଉପରେ ଲାଗୁ ହେବ। ରୁପା ଉପରେ ୬ ଅଙ୍କ ବିଶିଷ୍ଟ ଏଚ୍‌ୟୁଆଇଡି ହଲମାର୍କିଂ ଲାଗୁ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୪ ଏପ୍ରିଲ ପହିଲାରୁ ସୁନା ଏବଂ ଏହାର ଅଳଙ୍କାର ଉପରେ ବାଧ୍ୟତାମୂଳକ ହଲମାର୍କିଂ ନିୟମ ଲାଗୁ ହୋଇଥିଲା।

ସୁନାର ୨୨ କ୍ୟାରେଟ୍ କିମ୍ବା ୧୮ କ୍ୟାରେଟ୍‌ରେ ହଲମାର୍କିଂ ଚିହ୍ନ ରହିଛି। ସେହିପରି ଏବେ ରୁପାରେ ମଧ୍ୟ ଏକ ସ୍ୱତନ୍ତ୍ର ହଲ୍‌ମାର୍କିଂ ଚିହ୍ନ ରହିବ, ଯାହା କହିବ ଯେ ଏଥିରେ ରୁପାର କେତେ ଶୁଦ୍ଧତା ଅଛି। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଏହାକୁ ଯାଞ୍ଚ କରେ, ଯାହା ଦ୍ୱାରା ଆପଣଙ୍କୁ ନକଲି କିମ୍ବା ଠକେଇରୁ ନିସ୍ତାର ମିଳିଥାଏ। ସେପ୍ଟେମ୍ବର ମାସରୁ ଏହି ନିୟମ ଅନୁପାଳନ ପ୍ରାରମ୍ଭରେ ସ୍ୱେଚ୍ଛାକୃତ ହେବ। ଅର୍ଥାତ୍, ଅଳଙ୍କାର ବ୍ୟବସାୟୀମାନେ ଚାହିଁଲେ ଏହାକୁ ଗ୍ରହଣ କରିବେ। କିନ୍ତୁ ପରେ ଏହାକୁ ବାଧ୍ୟତାମୂଳକ ମଧ୍ୟ କରାଯିବ, ଯେପରି ଏହା ସୁନା କ୍ଷେତ୍ରରେ ଲାଗୁ କରାଯାଇଥିଲା। ଅନେକ ସମୟରେ ଲୋକମାନେ କମ୍ ମୂଲ୍ୟରେ ରୂପା କିଣନ୍ତି, କିନ୍ତୁ ପରେ ଜଣାପଡ଼େ ଯେ ଏଥିରେ ରୁପା କମ୍ ଏବଂ ଅନ୍ୟାନ୍ୟ ଧାତୁ ଅଧିକ ଥିଲା। ହଲମାର୍କିଂ ଏହି ଠକେଇକୁ ବନ୍ଦ କରିବ।



**ସ୍ୱେଚ୍ଛାକୃତ ଭାବେ ହେବ ଲାଗୁ**

**୬ ଗ୍ରେଡ୍ ରୁପା ଅଳଙ୍କାରରେ ହଲ୍‌ମାର୍କ ଲାଗୁ କରିବାକୁ ନିଷ୍ପତ୍ତି**

# କଟକରେ ଜୟଆଲୁକ୍କାସ୍‌ର ନୂଆ ଶୋ'ରୁମ୍

**କଟକ, ୧୩।୮ (ସମିସ) :** ଅଗ୍ରଣୀ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍‌ର ନୂତନ ସ୍ୱର୍ଣ୍ଣ ଅଳଙ୍କାର ଶୋ' ରୁମ୍ ବୁଧବାର ସନ୍ଧ୍ୟାରେ କଟକ ସ୍ଥିତ କ୍ୟାଣ୍ଟନ୍‌ମେଣ୍ଟ ରୋଡରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦୌଷ, କଟକ ମେୟର ସୁବାସ ସିଂ, ୨୫ ନମ୍ବର ୱାର୍ଡ କର୍ପୋରେଟର ସତ୍ୟରାମ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଜଣାଶୁଣା ମଡେଲ ମାଲ୍‌ଭିକା ଶର୍ମା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସାଜିଥିଲେ। ଏତଦ୍‌ବ୍ୟତୀତ ଜୟଆଲୁକ୍କାସ୍ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥୋମାସ୍ ମାଥ୍ୟୁ ଭାଇଚାରା ଓ ପରମ୍ପରାର ଏକହଜାର ବର୍ଷର ସହରରେ ଜୟଆଲୁକ୍କାସ୍ ଉପସ୍ଥିତିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନୂଆ ସୋ' ରୁମ୍ ଖୋଲିବା ଅବସରରେ ଜୟଆଲୁକ୍କାସ୍ ପକ୍ଷରୁ ହୀରା ଓ ଅନକଟ୍ ହୀରା ଅଳଙ୍କାର ଉପରେ ୨୫% ରିଆତି ଏବଂ ୧ ଲକ୍ଷ ଟଙ୍କା ଓ ତା' ଠାରୁ ଅଧିକ ମୂଲ୍ୟର ସୁନା ଓ ମୂଲ୍ୟବାନ ଷ୍ଟୋନ୍ ଅଳଙ୍କାର ଉପରେ ଗ୍ରାହକଙ୍କ ପାଇଁ ୫ ଗ୍ରାମର ରୁପା ବାର ପ୍ରଦାନ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଗ୍ରାହକ କିଣାକିଣି ଉପରେ ନିଶ୍ଚିତ ମାଗଣା ଉପହାର ପାଇବେ। ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯାଇଥିବା ଜୟଆଲୁକ୍କାସ୍ ନୂତନ ସୋ'ରୁମ୍ ଏକ ବି ବିଶ୍ୱସ୍ତରୀୟ ତଥା ବିଳାସପୂର୍ଣ୍ଣ ସପିଂ ଅନୁଭୂତି ପ୍ରଦାନ କରିବ । ଗ୍ରାହକମାନେ ଏକ ଚମତ୍କାର ପରିବେଶରେ ପାରମ୍ପାରିକ ସୁନା, ବିବାହ ଅଳଙ୍କାର, ହୀରା ଓ ମୂଲ୍ୟବାନ ଷ୍ଟୋନ୍ ଆଦି କିଣିପାରିବେ। ଏହି ଅବସରରେ ଜୟଆଲୁକ୍କାସ୍ ଗ୍ରୁପ ଅଧ୍ୟକ୍ଷ ଡଃ ଜୟଆଲୁକ୍କାସ୍ କହିଛନ୍ତି କଟକ ଐତିହ୍ୟ ଓ ପରମ୍ପରାରେ ପରିପୂର୍ଣ୍ଣ ସହରର ସୂକ୍ଷ୍ମ ତାରକସୀ କାରିଗରୀ କୌଶଳ ପାଇଁ ବିଶ୍ୱ ଦରବାର ବାରରେ କଟକ ପ୍ରସିଦ୍ଧି ହାସଲ କରିଥିବାବେଳେ ଏଠାରେ ବ୍ୟବସାୟ ଆରମ୍ଭ କରିବା ଆମ ପାଇଁ ଅତ୍ୟନ୍ତ ଗୌରବ ଓ ସୌଭାଗ୍ୟର ବିଷୟ।




**ସୁନା ଓ ହୀରା ଅଳଙ୍କାର କ୍ରୟ ଉପରେ ସ୍ୱତନ୍ତ୍ର ରିଆତି ସାଙ୍ଗକୁ ନିଶ୍ଚିତ ଉପହାର**

# ଏସସିଏମଏଲ୍ ପକ୍ଷରୁ ୬ଟି ସ୍କୁଲରେ ସ୍ମାର୍ଟ ଇଣ୍ଟରାକ୍ଟିଭ ବୋର୍ଡ ଏବଂ ସୋଲାର ସିଷ୍ଟମ ସ୍ଥାପନ




**ଭୁବନେଶ୍ୱର,୧୩।୮ (ସମିସ):** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଂଶବିଶେଷ ସୁଭଦ୍ରା କୋଲ ମାଇନିଂ ଲିମିଟେଡ(ଏସସିଏମଏଲ) ପକ୍ଷରୁ ୬ଟି ବିଦ୍ୟାଳୟରେ ସ୍ମାର୍ଟ ଇଣ୍ଟରାକ୍ଟିଭ ବୋର୍ଡ ଏବଂ ସୋଲାର ସିଷ୍ଟମ ସ୍ଥାପନ କରାଯାଇଛି। ଟାଙ୍ଗର ସାହି ପ୍ରାଥମିକ ବିଦ୍ୟାଳୟ, କଙ୍କାରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୀରଖମନ ପ୍ରାଥମିକ ବିଦ୍ୟାଳୟ, ବାହାଲସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ରାଇଝରଣ ଉଚ୍ଚ ବିଦ୍ୟାଳୟରେ ଏହି ବ୍ୟବସ୍ଥାକୁ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସ୍ମାର୍ଟ ଇଣ୍ଟରାକ୍ଟିଭ ବୋର୍ଡର ମାଧ୍ୟମରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ କ୍ୱାଲିଟି ଏବଂ ସ୍ମାର୍ଟ ଏଜୁକେଶନ୍ ପାଇପାରିବେ। ଏଥିପାଇଁ ପ୍ରତି ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ଟିଚିଙ୍ଗ୍ ପାଇଁ ଫାକଲଟି ସୁବିଧା ଯୋଗଇ ଦିଆଯିବ। ସେହିପରି ସୋଲାର ସିଷ୍ଟମ ଦ୍ୱାରା ବିଦ୍ୟାଳୟରେ ବିଜୁଳି ସମସ୍ୟାର ସମାଧାନ ସହ ପରିବେଶ ଅନୁକୂଳ ହେବ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଜୟ ମାଝୀ, ଏମସିଏଲ ର ଜେନେରାଲ ମ୍ୟାନେଜର ଏଚଏସ୍ ସୋଲାଙ୍କି, ଏସସିଏମଏଲ୍ ୟୁନିଟ୍ ହେଡ୍ ବିମଳ ବରାଳ, ୬ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ 'ଏକ ପେଡ୍ ମା କେ ନାମ' ଅଧିନରେ ବୃକ୍ଷରୋପଣ କରାଯାଇଥିଲା। ଏହାସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କିଛି ଘଣ୍ଟା ମଧ୍ୟରେ କ୍ଲିଅର ହେବ ଚେକ୍

**ନୂଆଦିଲ୍ଲୀ,୧୩।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଚେକ୍ କ୍ଲିଅର କରିବା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ କରିଛି। ରିପୋର୍ଟ ଅନୁଯାୟୀ, ଏବେ କିଛି ଦିନ ବଦଳରେ କିଛି ଘଣ୍ଟା ମଧ୍ୟରେ ଚେକ୍ ପୈଠ ହୋଇଯିବ। ପୂର୍ବରୁ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ଚେକ୍ କ୍ଲିୟରାନ୍ସ ଦୁଇରୁ ତିନି ଦିନ ସମୟ ନେଉଥିଲା କିନ୍ତୁ ଏବେ ଏହି ନିୟମରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଏହି ପରିବର୍ତ୍ତନ ଚେକ୍‌କୁ ନେଫ୍ଟ ଏବଂ ଆର୍‌ଟିଜିଏସ୍ ଭଳି ତୁରନ୍ତ ପେମେଣ୍ଟ ସିଷ୍ଟମ ସହିତ ସମକକ୍ଷ କରିବ, ଯାହା ଫଳରେ ଟଙ୍କାର କାରବାର ଆହୁରି ସହଜ ଏବଂ ଦ୍ରୁତ ହେବ। ଆର୍‌ବିଆଇର ନୂତନ ନିୟମ ଅନୁଯାୟୀ, କିଛି ଘଣ୍ଟା ମଧ୍ୟରେ ଚେକ୍ ସ୍କାନ, ଉପସ୍ଥାପନ ଏବଂ ପାସ୍ କରାଯିବ ଏବଂ ଏହା କାର୍ଯ୍ୟ ଦିବସରେ ନିରନ୍ତର ଭାବରେ କରାଯିବ। କ୍ଲିୟରିଂ ଚକ୍ର ବର୍ତ୍ତମାନର ଟିପ୍ଲସ୍ ୱାନ୍ ଦିନରୁ କିଛି ଘଣ୍ଟାକୁ ହ୍ରାସ କରାଯିବ।କେବଳ ଏତିକି ନୁହେଁ, ଆର୍‌ବିଆଇର ନୂତନ ନିୟମ ଅନୁଯାୟୀ, ଚେକ୍ କ୍ଲିଅର କରିବାର କାମ ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ୪ ଅକ୍ଟୋବରରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୩ ଜାନୁଆରୀରୁ ଆରମ୍ଭ ହେବ।

# ଟାଟା ପାୱାର ପକ୍ଷରୁ ବିଶ୍ୱ ହାତୀ ଦିବସ ପାଳନ



**ଭୁବନେଶ୍ୱର,୧୩।୮ (ସିମସ):** ଟାଟା ପାୱାର ପକ୍ଷରୁ ଗଜ ସଂରକ୍ଷଣ ଅଭିଯାନ ଅଧୀନରେ ଓଡ଼ିଶାରେ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସହିତ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି। ଏହାଦ୍ୱାରା ଭାରତର ସବୁଠାରୁ ସମ୍ବେଦନଶୀଳ ହାତୀ ଆବାସ ସ୍ଥଳୀଗୁଡ଼ିକରେ ମାନବ-ହାତୀ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପ୍ରତି ଟାଟା ପାୱାର ନିଜର ପ୍ରତିବଦ୍ଧତା ଦୋହରାଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି ସଚେତନତା ଅଭିଯାନର ସମାପ୍ତି ଉତ୍ସବ ଅନୁଗୁଳ ଜିଲ୍ଲାର ବନ୍ତଳା ନୋଡାଲ ହାଇସ୍କୁଲରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧,୦୩୧ ଜଣ ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ବାସିନ୍ଦା, ସରପଞ୍ଚ,ବନ ସୁରକ୍ଷା କମିଟି ସଦସ୍ୟ, ଟିପିସିଓଡିଏଲର ଅନୁଗୁଳ ବିଦ୍ୟୁତ୍ ଡିଭିଜନ, ଅନୁଗୁଳ ବନ ବିଭାଗ ଏବଂ ବନ୍ତଳା ରେଞ୍ଜ କାର୍ଯ୍ୟାଳୟର ପ୍ରତିନିଧିମାନେ ଉତ୍ସାହର ସହିତ ଭାଗ ନେଇଥିଲେ। ଏହି ଉତ୍ସବ ଅଧୀନରେ ୨୦୨୫ ଅଗଷ୍ଟ ୬ ରୁ ୮ ପର୍ଯ୍ୟନ୍ତ ବନ୍ତଳା ବନଖଣ୍ଡ ଅଧୀନରେ ଥିବା ୫ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ କାର୍ଯ୍ୟକ୍ରମରେ ମୋଟ ୧,୦୩୧ ଜଣ ଛାତ୍ରଛାତ୍ରୀ ଏବଂ ୨୧୦ ଜଣ ମାନବ-ହାତୀ ସହାବସ୍ଥାନ' ବିଷୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ କାର୍ଯ୍ୟକ୍ରମରେ ୩୦ ଜଣ ବିଜୟୀଙ୍କୁ ସମ୍ମାନିତ କରାଯାଇଥିଲା।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ୮୪ ଛାତ୍ରୀଙ୍କୁ ବେଟି ପଢ଼ାଓ ବୃତ୍ତି




**ଭୁବନେଶ୍ୱର,୧୩।୮ (ସମିସ):** ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ବଡ଼ବିଲ ଓ କୋଇଡ଼ା ଅଞ୍ଚଳର ୮୪ ଜଣ ଶିକ୍ଷାଗତ ଦୃଷ୍ଟିରୁ ମେଧାବୀ ଛାତ୍ରୀଙ୍କୁ ବେଟି ପଢ଼ାଓ ବୃତ୍ତି ପ୍ରଦାନ କରାଯାଇଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍‌ଆର୍ ପ୍ରକଳ୍ପ ବେଟି ପଢ଼ାଓ ବୃତ୍ତି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଆକାଂକ୍ଷା ପୂରଣ କରିବା ପାଇଁ ବୃତ୍ତି ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଥିବା ଆର୍ଥିକ ବ୍ୟବଧାନକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ବାଳିକାମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ସହିତ ଏହି ପଦକ୍ଷେପ ଜଡ଼ିତ ହୋଇଛି। ଏହି ବୃତ୍ତି ପାଇଥିବା ଛାତ୍ରୀମାନଙ୍କ ମଧ୍ୟରେ ନବମ ଶ୍ରେଣୀ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡ଼ିକାଲ, ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମ ରେ ପଢୁଥିବା ଛାତ୍ରୀଙ୍କ ସମେତ ରାଜ୍ୟ ଓ ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ମଧ୍ୟ ସାମିଲ ଅଛନ୍ତି। ଏଏମ୍/ଏନ୍ ଏସ୍ ଇଣ୍ଡିଆ ଏହି ଛାତ୍ରବୃତ୍ତିର ସଞ୍ଚାଳନ ପାଇଁ ପ୍ରୋଟିଆନ୍ ଇ-ଗଭ ଟେକ୍ନୋଲୋଜି ସହ ସହଭାଗୀତା କରିଛି। କର୍ପୋରେଟ୍ ସ୍କଲାରସିପ୍ ମ୍ୟାନେଜମେଣ୍ଟ ପ୍ଲାଟଫର୍ମ ପ୍ରୋଟିଆନ୍ ବିଦ୍ୟାସାରଥୀ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ବୃତ୍ତିର ଆବେଦନ, ବୈଧତା, ଆବଣ୍ଟନ ଏବଂ ପାଣ୍ଠି ବିତରଣ ସମେତ ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟାର ପରିଚାଳନା କରୁଛି।

## ଆମେରିକାରେ ଲାଞ୍ଚ ଓ ଠକେଇ ମାମଲା

# ଆଦାନୀଙ୍କୁ ନୋଟିସ୍ ହସ୍ତାନ୍ତରରେ ବିଳମ୍ବ କରୁଛି ଭାରତ

**ୱାଶିଂଟନ୍,୧୩।୮ (ଏଜେନ୍ସି):** ଆମେରିକୀୟ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ୍ (ଏସ୍‌ଇସି) ନ୍ୟୁୟର୍କର ଏକ କୋର୍ଟକୁ କହିଛି ଯେ ଭାରତୀୟ ଅଧିକାରୀମାନେ ଗୌତମ ଆଦାନୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆଇନଗତ ସମନ୍ (ନୋଟିସ୍) ପ୍ରଦାନ କରିବାରେ ବିଳମ୍ବ କରିଛନ୍ତି। ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, ଏସ୍‌ଇସି କହିଛି ଯେ ଭାରତୀୟ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ସମନ୍ ପ୍ରଦାନ କରିନାହାଁନ୍ତି, ଯାହା ମାମଲାକୁ ବିଳମ୍ବ କରୁଛି। ଏହି କାରଣରୁ, ୨୬୫ ନିୟୁତ ଡଲାରର ଲାଞ୍ଚ ଏବଂ ଠକେଇ ମାମଲାର ଶୁଣାଣି ସ୍ଥଗିତ ରହିଛି। ଏହି ମାମଲାରେ ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ସୌର ଶକ୍ତି ପ୍ରକଳ୍ପ ପାଇଁ ଆମେରିକାରେ ଲାଞ୍ଚ ଦେବା ଏବଂ ଆମେରିକୀୟ ନିବେଶକମାନଙ୍କୁ ଭ୍ରମିତ କରିବାର ଅଭିଯୋଗ ରହିଛି।

ଆମେରିକୀୟ ଏସ୍‌ଇସି ଦ୍ୱାରା ଫେବୃଆରୀରେ ଲାଞ୍ଚ ଏବଂ ଠକେଇ ମାମଲାରେ ଗୌତମ ଆଦାନୀଙ୍କୁ ସମନ୍ କରାଯାଇଥିଲା। କେନ୍ଦ୍ର ସରକାର ଚଳିତବର୍ଷ ଫେବୃଆରୀରେ ଅହମଦାବାଦର ସେସନ୍ସ କୋର୍ଟକୁ ସମନ୍ ସ୍ଥାନାନ୍ତର କରିଛନ୍ତି, ଯାହା ଦ୍ୱାରା ଏହାକୁ ଅହମଦାବାଦର ଗୌତମ ଆଦାନୀଙ୍କ ଶାନ୍ତିବନ ଫାର୍ମ ହାଉସ୍‌କୁ ପହଞ୍ଚାଯାଇପାରିବ। ଏହି ସମନ ୧୯୬୫ ମସିହାର ହେଗ୍ କନଭେନସନ୍ ଅନୁଯାୟୀ ପଠାଯାଇଛି। ପୂର୍ବରୁ ନଭେମ୍ବର ୨୩ ତାରିଖରେ, ଆମେରିକାର ଏସଇସି ଆଦାନୀଙ୍କୁ ଅଭିଯୋଗ ଉପରେ ତାଙ୍କର ମତ ସ୍ପଷ୍ଟ କରିବା ପାଇଁ ସମନ ପଠାଇଥିଲା। ଗୌତମ ଏବଂ ସାଗର ଆଦାନୀଙ୍କୁ ୨୧ ଦିନ ମଧ୍ୟରେ ଏସଇସିକୁ ଜବାବ ଦେବାକୁ ସମନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ମାମଲାରେ ଗତ ବର୍ଷ, ଆଦାନୀଙ୍କ ସମେତ ୮ ଜଣଙ୍କ ଉପରେ ଆମେରିକାରେ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଥିଲା। ଆଟର୍ଣ୍ଣି ଅଫିସ୍ ଚାର୍ଜସିଟ୍ ଅନୁଯାୟୀ, ଆଦାନୀଙ୍କ କମ୍ପାନୀ ଭାରତରେ ଭୁଲ ଭାବରେ ନବୀକରଣୀୟ ଶକ୍ତି ପ୍ରକଳ୍ପ ହାସଲ କରିଥିଲା। ଏଥିପାଇଁ, ଆଦାନୀଙ୍କ ଉପରେ ସରକାରୀ ଅଧିକାରୀମାନଙ୍କୁ ୨୫୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୨୦୨୯ କୋଟି ଟଙ୍କା ଲାଞ୍ଚ ଦେବାର ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ସଂଗ୍ରହ କରିଥିଲେ। ଏହି ସମ୍ପୂର୍ଣ୍ଣ ମାମଲା ଆଦାନି ଗ୍ରୁପର କମ୍ପାନୀ ଆଦାନି ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ ଫାର୍ମ ସହିତ ଜଡିତ ଥିଲା।




**ଫେବୃଆରୀଠାରୁ ଆସିଲାଣି ସମନ୍**

# ଆସନ୍ତା ମାସ ଆମେରିକା ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି । ସେ ଭାରତ ଉପରେ ୫୦ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛନ୍ତି । ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି । ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ଶେଷ ସପ୍ତାହରେ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ସେ ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ବାର୍ଷିକ ବୈଠକରେ ସାମିଲ ହୋଇପାରନ୍ତି । ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରି ବ୍ୟବସାୟ ଏବଂ ଶୁଳ୍କ ସମ୍ବନ୍ଧିତ ବିବାଦର ସମାଧାନ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ । ଏହି ଅବସରରେ ଉଭୟ ନେତା ବାଣିଜ୍ୟ ଚୁକ୍ତିର ଘୋଷଣା ମଧ୍ୟ କରିପାରନ୍ତି । ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏକୁ ସମ୍ବୋଧନ କରିବେ । ଏହି ସମୟରେ ସେ ଟ୍ରମ୍ପ ଏବଂ ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭୋଲ୍ଡାମିର ଜେଲେଁସ୍କି ମଧ୍ୟ ୟୁଏନଜିଏରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦେଖା କରିପାରନ୍ତି ବୋଲି କହିଛନ୍ତି । ଏହା ପୂର୍ବରୁ ମୋଦୀ ଗତ ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟହାଉସରେ ଟ୍ରମ୍ପଙ୍କୁ ଭେଟିଥିଲେ । ଏଠାରେ ଶୁଳ୍କକୁ ନେଇ ମୋଦୀଙ୍କୁ ଟ୍ରମ୍ପ ପ୍ରଶଂସା କରି ଉତ୍ତମ ମୂଲଚାଲ କରୁଥିବା ବ୍ୟକ୍ତି ବୋଲି କହିଥିଲେ । ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ ।

# ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି । ଆସନ୍ତା ସପ୍ତାହରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିବେ । ୱାଙ୍ଗ ଆସନ୍ତା ୧୮ ତାରିଖରେ ଭାରତ ଆସି ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କୁ ଭେଟିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ୱାଙ୍ଗ ଭାରତ ଆସିବାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ୨୦୨୦ରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ସଂଘର୍ଷ ଫଳରେ ସମ୍ପର୍କର ଅବନତୀ ହୋଇଥିଲା । ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଓ କୂଟନୈତିକ ସମ୍ପର୍କରେ ଉନ୍ନତ ପାଇଁ ୱାଙ୍ଗ ଓ ଡୋଭାଲ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଗତମାସରେ ମଧ୍ୟ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ଏସ୍ସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ । ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଚୀନ୍ ଗସ୍ତ କରି ଏସ୍ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ । ସେହିପରି ମୋଦୀ ଅଗଷ୍ଟ ୩୧ରେ ଏସ୍ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ ।

# ବିଦେଶୀ ଅପରାଧୀଙ୍କୁ ବିଦା କରିବ ବ୍ରିଟେନ

ଲଣ୍ଡନ, ୧୩।୮ (ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଦେଶରେ ଥିବା ବିଦେଶୀ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ଦେଶରୁ ସବୁ ବିଦେଶୀ ଅପରାଧୀଙ୍କୁ ଡିପୋର୍ଟ ଅର୍ଥାତ ଦେଶରୁ ବାହାର କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି । ସେ ଏହିକ୍ରମରେ 'ପ୍ରଥମେ ଡିପୋର୍ଟ, ପୁଣି ଅପିଲ୍' ନୀତିର ଘୋଷଣା କରିଛନ୍ତି । ଅର୍ଥାତ ବ୍ରିଟେନରେ ଅପରାଧ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଦେଶରୁ ବାହାର କରାଯାଇ ତାଙ୍କ ଦେଶକୁ ପଠାଯିବ । ପୂର୍ବରୁ ଏଥିପାଇଁ ପ୍ରଥମେ ଅପିଲ କରିବାକୁ ପଡୁଥିଲା । କିନ୍ତୁ ଏବେ ଏହାର ସୁଯୋଗ ମିଳିବ ନାହିଁ । ଏବେ ନିଜ ଦେଶକୁ ଯାଇ ସମ୍ପୃକ୍ତ ଅପରାଧୀ ଅପିଲ୍ କରିବେ । ଏ ସଂକ୍ରାନ୍ତରେ ଜାରି ହୋଇଥିବା ନୂଆ ସୂଚୀରେ ଭାରତ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶକୁ ସାମିଲ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନକୁ ସାମିଲ କରାଯାଇ ନାହିଁ । କିଛି ଦିନତଳେ କୁଖ୍ୟାତ ଗ୍ରୁମିଂ ଗ୍ୟାଙ୍ଗ୍ ମାମଲାରେ ପାକିସ୍ତାନର କେତେଜଣ ନାଗରିକଙ୍କୁ ଗିରଫ କରାଯାଇଥିଲା । ଜାରି ହୋଇଥିବା ନୂଆ ଆଇନ୍ର ଦୁର୍ବ୍ୟବହାର କରିବୁ ନାହିଁ ବୋଲି ବ୍ରିଟେନ ଗୃହମନ୍ତ୍ରୀ ୟେଭେଟ୍ କୁପର କହିଛନ୍ତି । କିନ୍ତୁ ଅପିଲକୁ ବାହନା କରି ଅପରାଧୀମାନେ ବ୍ରିଟେନରେ ଆଉ ରହିପାରିବେ ନାହିଁ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ବ୍ରିଟେନ ଜେଲ୍ରେ ଏବେ ୧୦୦ ପ୍ରତିଶତରୁ ଅଧିକ ଅପରାଧୀ ରହୁଛନ୍ତି । ବ୍ରିଟେନର ଜେଲ୍ରେ ଏବେ ୩୨୦ ଭାରତୀୟ ଅପରାଧୀ ରହୁଥିବା ବେଳେ ୩୧୭ ପାକିସ୍ତାନୀ ରହୁଛନ୍ତି । ପୂର୍ବରୁ ଏହି ତାଲିକାରେ ନାଇଜେରିଆ, ଇସ୍ତୋନିଆ, ଫିନ୍ଲ୍ୟାଣ୍ଡ, ଅଲବାନିଆ, ବେଲିଜ, ମରିସସ୍, ତାଞ୍ଜାନିଆ ଓ କୋସୋଭୋ ଭଳି ଦେଶ ସାମିଲ ରହିଥିଲେ ।

# ଟ୍ରକ୍କୁ ଧକ୍କା ଦେଲା ପିକ୍-ଅପ୍; ୧୧ ମୃତ

ଜୟପୁର, ୧୩।୮ (ଏଜେନ୍ସି): ରାଜସ୍ଥାନ ଦୌସା ସୈନ୍ଥଲ ଥାନା ଅନ୍ତର୍ଗତ ବାପି ଗ୍ରାମ ନିକଟସ୍ଥ ଏନଏଚ-୧୪୮ରେ ବୁଧବାର ବଡି ଭୋରରେ ବଡ଼ ଦୁର୍ଘଟଣା ଘଟିଛି । ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍କୁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍-ଅପ୍ ଧକ୍କା ଦେଇଛି । ଏଥିରେ ୭ ଶିଶୁଙ୍କ ସହିତ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଜୟପୁରର ସବାଇ ମାନସିଂହ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି । ସମସ୍ତେ ଉତ୍ତର ପ୍ରଦେଶ ଏଟା ଏବଂ ଫିରୋଜାବାଦର ବାସିନ୍ଦା ଥିଲେ । ଜିଲ୍ଲାଧିକାରୀ ପ୍ରେମରଞ୍ଜନ ସିଂହଙ୍କ ସୂଚନା ଅନୁଯାୟୀ ଏଟାର ଅସରୌଲି ଗ୍ରାମରୁ ଦୁଇଟି ପିକ୍-ଅପ୍ ଭ୍ୟାନରେ ୪୫ ଶ୍ରଦ୍ଧାଳୁ ଖଟୁଶ୍ୟାମଙ୍କ ଦର୍ଶନ କରିବାକୁ ଯାଇଥିଲେ । ତେବେ ଦର୍ଶନ ସାରି ଫେରିବା ସମୟରେ ଶିଶୁ ଏବଂ ମହିଳାଙ୍କୁ ନେଇ ଆସୁଥିବା ପିକ-ଅପ୍ଟି ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ମୋଟ ୨୨ ଜଣ ଶ୍ରଦ୍ଧାଳୁ ଥିଲେ । ସୂଚନାଯୋଗ୍ୟ ଯେ ଦେଶରେ ସଡ଼କ ଦୁର୍ଘଟଣାରେ ରାଜସ୍ଥାନ ୬ ନମ୍ବର ସ୍ଥାନରେ ରହିଛି । ୨୦୨୨ର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ରାଜସ୍ଥାନରେ ୧୧ ହଜାର ଲୋକଙ୍କ ଜୀବନ ଯାଉଛି ।

# ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତିଙ୍କ ଚାଲେଞ୍ଜ





## ଅପେକ୍ଷା କରିଛି; ଗିରଫ କରି ଦେଖାଅ

### ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ୪୨୦ କୋଟି ପୁରସ୍କାର

### ୨ଟି ଜେଟ୍ ସମେତ ୭୦୦ ନିୟୁତ ଡଲାରର ସମ୍ପତ୍ତି ଜବତ

### ଦଖଲ ଦେଲେ ଆମେରିକା ସାମ୍ରାଜ୍ୟର ପତନ ହେବ: ମାଦୁରୋ

### ଭେନଜୁଏଲାକୁ ସମର୍ଥନ ଦେଲେ କଲମ୍ବିଆ ରାଷ୍ଟ୍ରପତି

କାରାକସ୍, ୧୩।୮ (ଏଜେନ୍ସି): ମନଇଚ୍ଛା ଧମକ ଦେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଆହ୍ୱାନ ମିଳିଛି । ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । 'ଯଦି ପାରିବ ମୋତେ ଗିରଫ କରି ଦେଖାଅ । ଏଥିପାଇଁ ରାଷ୍ଟ୍ରପତି ଭବନ ମିରାଫ୍ଲୋରେସରେ ଅପେକ୍ଷା କରି ରହିଛି । କାପୁରୁଷମାନେ ଏହି କାର୍ଯ୍ୟରେ ଜମାରୁ ବିଳମ୍ବ କରନାହିଁ ବୋଲି ମାଦୁରୋ କହିଛନ୍ତି ।


ସୂଚନା ଅନୁଯାୟୀ ଆମେରିକା ଗତ ୭ ତାରିଖରେ ମାଦୁରୋଙ୍କୁ ଗିରଫ କରିବା ଲାଗି ୨.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ଏହାବ୍ୟତୀତ ତାଙ୍କ ସହ ଜଡ଼ିତ ୭୦୦ ନିୟୁତ ଡଲାର (ପ୍ରାୟ ୬୧୨୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଛି । ଏଥିରେ ଦୁଇଟି ଘରୋଇ ବିମାନ ସାମିଲ ରହିଛି । ଆମେରିକା ମାଦୁରୋଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିବାରେ ଲାଗିଛି । ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ନିଶା ଚାଲାଣ କରୁଛନ୍ତି ଏବଂ ନିଶା କାରବାର କରୁଥିବା ଗୋଷ୍ଠୀ ସହ ମିଶି ଆମେରିକାକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଛନ୍ତି । ଏବେ ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି । ସେ ଏହାକୁ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମାଦୁରୋ । ଦେଶର ଘରୋଇ ମାମଲାରେ ହସ୍ତକ୍ଷେପ ନକରିବାକୁ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି । ଆମେରିକା ନେତା ଏଭଳି ପ୍ରୟାସ କଲେ ଦୃଢ଼ ଜବାବ ଦିଆଯିବ । ଏହାଦ୍ୱାରା ଆମେରିକା ସାମ୍ରାଜ୍ୟର ବି ଅନ୍ତ ହୋଇପାରେ । ଭେନଜୁଏଲା ସେନାମୁଖ୍ୟ ଡୋମିଙ୍ଗୋ ହର୍ଣ୍ଣାଣ୍ଡିଜ ଲାରେଜ ମଧ୍ୟ ମାଦୁରୋଙ୍କୁ ସମର୍ଥନ ଦେଇଛନ୍ତି । ସେନା ତାଙ୍କ ସହ ଅଛି ବୋଲି କହିଛନ୍ତି । ହଲିଉଡ ଚଳଚ୍ଚିତ୍ର ପରି ଆମେରିକା ଆମ ରାଷ୍ଟ୍ରପତିଙ୍କ ଗିରଫ ପାଇଁ ପୁରସ୍କାର ଘୋଷଣା କରୁଛି । ଏହା ଦେଶ ପାଇଁ ଅପମାନ । ସେହିପରି ରାଷ୍ଟ୍ରପତିଙ୍କ ଉପରେ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରି ଆମେରିକା ରାଜନୈତିକ ଅପପ୍ରଚାର କରୁଛି ବୋଲି ବିଦେଶମନ୍ତ୍ରୀ ଇଭାନ ଗିଲ୍ କହିଛନ୍ତି ।

୨୦୨୦ରେ ଆମେରିକାର ମ୍ୟାନହାଟନ ସଂଘୀୟ ଅଦାଲତରେ ମାଦୁରୋଙ୍କ ବିରୋଧରେ ନାର୍କୋ-ଟେରରିଜିମ ଏବଂ କୋକେନ ଚାଲାଣ ମାମଲାର ଅଭିଯୋଗ କରାଯାଇଥିଲା । ସେ ସମୟରେ ଟ୍ରମ୍ପ ପ୍ରଶାସନ ଭେନଜୁଏଲା ରାଷ୍ଟ୍ରପତିଙ୍କ ଗିରଫ ପାଇଁ ୧.୫ କୋଟି ଡଲାର ପୁରସ୍କାର ଘୋଷଣା କରିଥିଲା । ଏହା ପରେ ଟ୍ରମ୍ପ ପ୍ରଶାସନ ଗତ ଗୁରୁବାର ଏହାକୁ ୨.୫ କୋଟି ଡଲାରକୁ ବୃଦ୍ଧି କରିଥିଲେ । ସୂଚନାଯୋଗ୍ୟ ଯେ ମାଦୁରୋ ୨୦୧୩ରୁ ଭେନଜୁଏଲାରେ କ୍ଷମତାରେ ଅଛନ୍ତି । ଆମେରିକା, ୟୁରୋପୀୟ ସଂଘ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇଛନ୍ତି । ଭେନଜୁଏଲାକୁ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସମର୍ଥନ ଦେଇଛନ୍ତି । ଭେନଜୁଏଲା ଉପରେ ଆକ୍ରମଣକୁ କଲମ୍ବିଆ ଉପରେ ଆକ୍ରମଣ ଭାବେ ଧରାଯିବ ବୋଲି କହିଛନ୍ତି । ଭେନଜୁଏଲା ସାର୍ବଭୌମତ୍ୱର ରକ୍ଷା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି । ସାର୍ବଭୌମତ୍ୱ ସହ ସାଲିସ ନ କରି ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି ।

# ସେନାମୁଖ୍ୟଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଧମକ

ଇସଲାମାବାଦ, ୧୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'ରେ ଭୟଭୀତ ହୋଇ ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ନିଜର ପୁରୁଣା ଦୋଷକୁ ଛାଡ଼ି ପାରୁନି । ଖାଲି ବୃଥା ପ୍ରଳାପ କରି ଚାଲିଛି । ଭାରତ ସିନ୍ଧୁ ଚୁକ୍ତି ସ୍ଥଗିତ କରିବା ଦିନଠାରୁ ପାକିସ୍ତାନର ନିଦ ହଜି ଯାଇଛି । ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ପାକିସ୍ତାନ ପାଇଁ ଏହା ଅସହ୍ୟ ହୋଇଯାଇଛି । ପାକିସ୍ତାନ ସେନାମୁଖ୍ୟ, ପୂର୍ବତନ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପରେ ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଭାରତକୁ ଧମକ ଦେଇଛନ୍ତି । ସିନ୍ଧୁ ନଦୀର ପାଣି ରୋକିଲେ ନିର୍ଣ୍ଣାୟକ ଉପାୟରେ ଭାରତକୁ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି । ଇସଲାମାବାଦରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ



ଶାହବାଜ ସରିଫ ଏହି ଧମକ ଦେଇଛନ୍ତି ।

ଶାହବାଜ କହିଥିଲେ ଯେ ଭାରତ ଖାଲି ପାଣି ବନ୍ଦ କରିବାକୁ ଧମକ ଦେଉଛି । କିନ୍ତୁ ପାକିସ୍ତାନର ବୁନ୍ଦେ ପାଣିକୁ ବି ଭାରତ ଛଡ଼ାଇ ନେଇପାରିବ ନାହିଁ । ଯଦି ଏଭଳି କରିବାକୁ ପ୍ରୟାସ କରାଯାଏ, ତେବେ ତାହା ସିନ୍ଧୁ ଚୁକ୍ତିର ଉଲ୍ଲଙ୍ଘନ ହେବ । ପାକିସ୍ତାନ ଏହାର ଦୃଢ଼ ଜବାବ ଦେବ । ପାଣି ହେଉଛି ପାକିସ୍ତାନର ଜୀବନ ରେଖା । ଅନ୍ତର୍ଜାତୀୟ ଚୁକ୍ତି ଅଧୀନରେ ଦେଶକୁ ମିଳିଥିବା ଅଧିକାର ସହ କେବେ ବି ସାଲିସ କରାଯିବ ନାହିଁ ।

ଏହାକୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ପ୍ରମୁଖ ବ୍ୟକ୍ତି ଭାରତକୁ ଏଭଳି ଧମକ ଦେଲେଣି । ପ୍ରଥମେ ସେନାମୁଖ୍ୟ ଅସିମ ମୁନୀର ଆମେରିକାରେ ରହି ଏହି ଦେଶର ନିୟମକୁ ଉଲ୍ଲଙ୍ଘନ କରି ଭାରତକୁ ପରମାଣୁ ଧମକ ଦେଇଥିଲେ । ପରେ ଗତକାଲି ବିଲାୱଲ ଭୁଟ୍ଟୋ ସିନ୍ଧୁ ଜଳ ରୋକିଲେ ଯୁଦ୍ଧ ହେବ ବୋଲି କହିଥିଲେ । ଆମେରିକା ବଳରେ ପାକିସ୍ତାନ ଏଭଳି ଭାରତ ବିରୋଧୀ ମନ୍ତବ୍ୟ ଦେଇଚାଲିଛି ବୋଲି କୁହାଯାଉଛି ।

# ରିପୋର୍ଟ ପାଇଁ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮: ସାମ୍ବାଦିକମାନଙ୍କ ଦ୍ୱାରା ପ୍ରକାଶିତ କୌଣସି ଖବର ଆଲେଖ୍ୟ ବା ଭିଡିଓ ପାଇଁ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇପାରିବ ନାହିଁ । ଭାରତୀୟ ନ୍ୟାୟ ସଂହିତା ବା ବିଏନ୍ଏସ୍ର ଧାରା ୧୫୨ ସେମାନଙ୍କ ବିରୋଧରେ ପ୍ରୟୋଗ କରାଯାଇପାରିବ ନାହିଁ । ନ୍ୟୁଜ ୱେବସାଇଟ୍ 'ଦି ୱାୟାର'ର ସଂପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନଙ୍କ ବିରୋଧରେ ଆଗତ ଏଭଳି ମାମଲାକୁ ଖାରଜ କରି ଏହା କହିଛନ୍ତି ସୁପ୍ରିମକୋର୍ଟ । ଆସାମ ପୁଲିସ ଏହି ମାମଲାରେ ତାଙ୍କୁ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି । ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ଏହାର କିଛି ଯୁଦ୍ଧ ବିମାନ ହରାଇଛି ବୋଲି 'ଦି ୱାୟାର'ରେ ପ୍ରସାରିତ ହୋଇଥିଲା । ଏହା ଦେଶଦ୍ରୋହ ବୋଲି ଯୁକ୍ତି କରି ତାଙ୍କ ବିରୋଧରେ ଆସାମ ପୁଲିସ ବିଏନ୍ଏସ୍ ଧାରା ୧୫୨ ଲାଗୁ କରିଥିଲା । ଅନ୍ୟପକ୍ଷରେ ବର୍ଦ୍ଧରାଜନ କହିଥିଲେ ଯେ ଭାରତୀୟ ସେନା ଅଧିକାରୀ ଦେଇଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ ଯେ କୌଣସି ରିପୋର୍ଟ ବା ନ୍ୟୁଜ୍ ଭିଡିଓ ପାଇଁ ସାମ୍ବାଦିକଙ୍କୁ ଦେଶଦ୍ରୋହ ମାମଲାର ଫସାଇବା ଠିକ୍ କି? ସେମାନଙ୍କୁ କଣ ଏଥିପାଇଁ ଗିରଫ କରାଯିବ? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସାମ୍ବାଦିକଙ୍କ ଦ୍ୱାରା ଲିଖିତ ରିପୋର୍ଟ କିପରି ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ? ଏହା ହେଉଛି କେବଳ ନ୍ୟୁଜ ଆର୍ଟିକଲ । ଭାରତ ଭିତରକୁ ଚାଲାଣ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ନୁହେଁ ।

# ସାଭରକର ମାନହାନୀ ମାମଲା

# 'ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି'

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ତାଙ୍କ ଓକିଲ ଅଭିଯୋଗ କରିଛନ୍ତି । ପୁଣେର ଏକ କୋର୍ଟରେ ସେ ଏହି ଅଭିଯୋଗ ଆଣିଛନ୍ତି । ବୀର ସାଭରକର ମାନହାନୀ ମୋକଦ୍ଦମା ଶୁଣାଣି ବେଳେ ରାହୁଲଙ୍କ ଓକିଲ କହିଲେ ଯେ ତାଙ୍କ ବିରୋଧରେ ମାନହାନୀ କେସ୍ ଦାଏର କରିଥିବା ଲୋକମାନେ ହେଉଛନ୍ତି ନାଥୁରାମ ଗଡ୍ସେଙ୍କ ବଂଶଧର । ଏହି ମାମଲାରେ ରାହୁଲ ଏମ୍ପି/ଏମ୍ଏଲଏ ସ୍ୱତନ୍ତ୍ର କୋର୍ଟରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଓ ନିରପେକ୍ଷ ଭାବେ ଶୁଣାଣି କରିବାକୁ ସେ ଅପିଲ କରିଛନ୍ତି । ଏହା ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ବୋଲି ସେ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ ।

ଭୋଟ ଚୋରି ଅଭିଯୋଗ କରିବା ପରେ ରାହୁଲ ଗାନ୍ଧୀଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି ବୋଲି ତାଙ୍କ ଓକିଲ ମିଲିନ୍ଦ ପାୱାର କହିଛନ୍ତି । ବିଜେପି ନେତା ଆରଏନ୍ ବିଟ୍ଟୁ ରାହୁଲଙ୍କୁ ଆତଙ୍କବାଦୀ ବୋଲି କହିଥିବା କଥା ସେ କୋର୍ଟରେ କହିଛନ୍ତି । ସେହିପରି ଯଦି ରାହୁଲ ତାଙ୍କ ଆଚରଣ ନ ବଦଳାନ୍ତି ତେବେ ତାଙ୍କ ଅବସ୍ଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କ ଭଳି ହେବ ବୋଲି ବିଜେପିର ଅନ୍ୟଏକ ନେତା ତରବିନ୍ଦର ମାରବାହ କହିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି । ସେହିପରି ସାଭରକର ଓ ଗଡସେଙ୍କ ପରିବାର ସହ ମାନହାନୀ ମକଦ୍ଦମା କରିଥିବା ସାତ୍ୟକୀ ସାଭରକରଙ୍କ ସମ୍ପର୍କ ରହିଛି ବୋଲି ମିଲିନ୍ଦ କହିଛନ୍ତି । ଜଣେ ସଚ୍ଚା ହିନ୍ଦୁ କେବେବି ହିଂସକ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି । ଉଲ୍ଲେଖଥାଉ କି, ରାହୁଲ ୨୦୨୩ ମାର୍ଚ୍ଚରେ ତାଙ୍କ ଲଣ୍ଡନ ଭାଷଣରେ ଭିଡି ସାରଭରକରଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଓ ସାତ୍ୟକୀ ଏହା ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ ।



ଅବଶ୍ୟ ରାହୁଲ ପୂର୍ବରୁ ଏକାଧିକ ବାର ସାଭରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ । ତାଙ୍କୁ ଏଥିପାଇଁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ତାଗିଦ ମଧ୍ୟ କରିଛନ୍ତି ।

# ତାମିଲନାଡୁ ରାଜ୍ୟପାଳଙ୍କଠାରୁ ଡିଗ୍ରୀ ନେବାକୁ ମନାକଲେ ପିଏଚ୍ଡି ଛାତ୍ରୀ



ଚେନ୍ନଇ, ୧୩।୮ (ଏଜେନ୍ସି): ତାମିଲନାଡୁର ମନୋନମନିୟମ ସୁନ୍ଦରନର ବିଶ୍ୱବିଦ୍ୟାଳୟ (ଏମ୍ଏସ୍ୟୁ)ରେ ବୁଧବାର ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଥିରେ ଜଣେ ପିଏଚ୍ଡି ଛାତ୍ରୀ ରାଜ୍ୟପାଳ ରବିଙ୍କ ଠାରୁ ଡିଗ୍ରୀ ।।ନେବାକୁ ମନା କରିଦେଇଛନ୍ତି । ଅନ୍ୟପକ୍ଷରେ ସେ କୁଳପତିଙ୍କ ଠାରୁ ଏହି ଡିଗ୍ରୀ ଗ୍ରହଣ କରିଛନ୍ତି । ଜୀନ ଯୋଶେଫ ନାମକ ଏହି ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟପାଳ ରବି ତାମିଲନାଡୁର ସ୍ୱାର୍ଥ ବିରୋଧରେ କାମ କରୁଥିବାରୁ ଏହାର ପ୍ରତିବାଦ ଜଣାଇ ତାଙ୍କ ଠାରୁ ଡିଗ୍ରୀ ନେଇନାହାନ୍ତି । ଏଭଳି ରାଜ୍ୟପାଳଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସେ ଉଚିତ ମନେ କରୁନାହାନ୍ତି । ତାମିଲନାଡୁ ସରକାର ଓ ରାଜ୍ୟପାଳ ଆରଏନ୍ ରବିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଥିବା ବେଳେ ଏହି ଛାତ୍ରୀଙ୍କ ଏଭଳି ଆଭିମୁଖ୍ୟ ସାରା ରାଜ୍ୟେରେ ଆଲୋଡ଼ନ ସୃଷ୍ଟି କରିଛି । ଯୋଶେଫ୍ ଜଣେ ଡିଏମକେ ନେତାଙ୍କ ପତ୍ନୀ ବୋଲି କୁହାଯାଉଛି ।

# କଶ୍ମୀରରେ ଯବାନ ସହିଦ

ଶ୍ରୀନଗର, ୧୩।୮ (ଏଜେନ୍ସି): ଉତ୍ତର କଶ୍ମୀରର ଉରି କ୍ଷେତ୍ର ସ୍ଥିତ ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି । ଏହି ଅଭିଯାନ ସମୟରେ ଜଣେ ଯବାନ ସହିଦ ହୋଇଛନ୍ତି । ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରଉ କରି ତଲାସୀ ଅଭିଯାନ ଆରମ୍ଭ କରିଦେଇଛି । ଗତ ୧୩ ଦିନ ମଧ୍ୟରେ ତୃତୀୟ ଥର ଆତଙ୍କବାଦୀ ସହ ସେନାର ସଂଘର୍ଷ ଜାରି ରହିଛି । ଏହା ପୂର୍ବରୁ ଅଗଷ୍ଟ ୧୦ରେ କିସ୍ତୱାଡର ଦୁଲ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ପାଇ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା । ଏହି ସମୟରେ ଆତଙ୍କବାଦୀଙ୍କ ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ । ଏବେ ବି ଏଠାରେ ତଲାସୀ ଅଭିଯାନ ଜାରି ରହିଛି ।

# ଡାକ୍ତର ଅଭାବ; ହଜାର ହଜାର ପିଜି-ୟୁଜି ସିଟ୍ ଖାଲି

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଦେଶରେ ଡାକ୍ତର ଅଭାବ ସମସ୍ୟା ଜଟିଳ ହେବାରେ ଲାଗିଛି । ଅନେକ ସରକାରୀ ହସ୍ପିଟାଲରେ ଧାର୍ଯ୍ୟ ପଦବୀରେ ଡାକ୍ତର ନାହାନ୍ତି । ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଦେଶରେ ହଜାର ହଜାର ଡାକ୍ତରୀ ସିଟ୍ ଖାଲି ପଡ଼ିଛି । ଖୋଦ୍ କେନ୍ଦ୍ର ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସୁଯୋଗ ମିଳୁ ନ ଥିବାବେଳେ ପିଲା ବିଦେଶକୁ ଯାଉଛନ୍ତି । ସେଠାରେ ଭାରତଠାରୁ ବହୁତ କମ୍ ଅର୍ଥରେ ପାଠ ପଢୁଛନ୍ତି । ମାତ୍ର ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । କେବେ ଯୁଦ୍ଧ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତ ଆଉ କେବେ ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି । ଏପରି ସ୍ଥଳେ ଦେଶରେ ମେଡିକାଲ ସିଟ୍ ଖାଲି ରହିବା ଚିନ୍ତା ବଢ଼ାଉଛି ।

## ସରକାରୀ ଅନୁଷ୍ଠାନରେ ସିଟ୍ ନ ମିଳିବାରୁ ପଢ଼ିବାକୁ ବିଦେଶ ଯାଉଛନ୍ତି ପିଲା

୨୦୨୨-୨୩ ଶିକ୍ଷା ବର୍ଷରେ ଦେଶରେ ସର୍ବାଧିକ ୪,୧୪୬ ୟୁଜି ସିଟ୍ ଖାଲି ରହିଥିଲା । ସେହିପରି ୨୦୨୧-୨୨ରେ ୨,୦୧୨ କୋଟି, ୨୦୨୩-୨୪ରେ ୨,୯୫୯ ଏବଂ ୨୦୨୪-୨୫ରେ ୨, ୮୪୯ ସିଟ୍ ଖାଲି ଥିଲା । ଟିଡିପି ସାଂସଦ ପୁଟା ମହେଶ କୁମାରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁପ୍ରିୟା ପଟେଲ ଗତ ୧ ତାରିଖରେ ଏହି ସୂଚନା ଦେଇଥିଲେ । ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ସେ ସଂସଦରେ ରଖିଥିଲେ । ଏମ୍ସ ଏବଂ ଜେଆଇପିଏମଇଆରକୁ



ଛାଡ଼ି ଅନ୍ୟ ମେଡିକାଲ କଲେଜରେ ସିଟ୍ ଖାଲି ଥିବା କହିଥିଲେ । କେନ୍ଦ୍ର ସରକାର ବିଗତ କିଛି ବର୍ଷ ମଧ୍ୟରେ ଚାହିଦାକୁ ଦେଖି ଦେଶରେ ମେଡିକାଲ ସିଟ୍ ଗୁଡିକ ବୃଦ୍ଧି କରିଥିଲେ । ଅନେକ ବ୍ୟବସ୍ଥାଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟା ପାଇଁ ଅଣ୍ଡର ଗ୍ରାଜୁଏଟ ମେଡିକାଲ ସିଟ୍ଗୁଡିକ ଖାଲି ରହୁଛି । ଏହା ପଛରେ ମୁଖ୍ୟ ସମସ୍ୟା ରହୁଛି ଘରୋଇ ମେଡିକାଲ କଲେଜର ଫି ବ୍ୟବସ୍ଥା । ଦେଶରେ ଘରୋଇ ମେଡିକାଲ କଲେଜରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏଥିପାଇଁ ଧନୀ ଘରର ପିଲା ଏହି ସବୁ କଲେଜରେ ପଢୁଛନ୍ତି । କିନ୍ତୁ ଗରିବ ଶ୍ରେଣୀର ପିଲା ସରକାରୀ ସିଟ୍ ନ ପାଇଲେ ଅତ୍ୟଧିକ ଖର୍ଚ୍ଚ ପାଇଁ ଘରୋଇ କଲେଜରେ ନ ପଢିବାକୁ ଉଚିତ ମଣୁଛନ୍ତି । ରାଜ୍ୟସ୍ତରର ଜଟିଳ କାଉନସେଲିଂ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଦାୟୀ । କିଛି ଛାତ୍ର ମଧ୍ୟ ଠିକ୍ ସମୟରେ ନିଷ୍ପତ୍ତି ନେଇପାରୁ ନାହାନ୍ତି । ଆଉ କିଛି ଶେଷ ମୁହୂର୍ତ୍ତରେ ଆବଣ୍ଟନ ପ୍ରକ୍ରିୟାରୁ ଓହରି ଯାଉଥିବାରୁ ସିଟ୍ ଖାଲି ରହୁଛି ।

# ବ୍ରହ୍ମପୁରରେ 'ମନ୍ତ୍ରମୁଗ୍ଧ' ଟିମ୍



ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ ହେବା ପରେ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍ ଏବେ ବ୍ରହ୍ମପୁର ସହରରେ ଡେରା ପକାଇଛି । ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ଜାରି ରହିଛି । ୟୁନିଟ୍‌ରେ ୧୦୦ରୁ ୧୫୦ ସଦସ୍ୟ ରହିଥିବା ବେଳେ ୪୦ ଜଣ ସ୍ଥାନୀୟ ଲୋକ ସାମିଲ ଅଛନ୍ତି । ଦିନରାତି ସୁଟିଂ ଜାରି ରହିଛି । ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏପରି ଅନେକ ସୁନ୍ଦର ଓ ଆକର୍ଷଣୀୟ ଲୋକେସନ୍ ବାଛିଛନ୍ତି, ଯାହା ଆଗରୁ କେବେ ପରଦାକୁ ଆସି ନାହିଁ । ମୋଟାମୋଟି ଏହାର ୩୦ ଦିନର ସୁଟିଂ ସିଡ୍ୟୁଲ୍ ରହିଛି । 'ପ୍ରତୀକ୍ଷା' ଓ 'କର୍ମ' ପରି ସଫଳ ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ବର୍ଷା ପଟ୍ଟନାୟକ । ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦୀପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିଙ୍କୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି । ଏହାର କାହାଣୀ ଲେଖିଛନ୍ତି ଅନୁପମ ଓ ରୋଶନ ବିଶୋଇ । ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଏବଂ ଅନୁପମ । ପ୍ରଣବ ରଥ ସଂଳାପରେ ଥିବା ବେଳେ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ । ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଙ୍ଗୀତର ଭାର ନ୍ୟସ୍ତ କରାଯାଇଛି । ଅନୁପମଙ୍କ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ଟିମ୍ ଆଶା କରିଛି ।

# ଦେବୀ - ବିଶାଲଙ୍କୁ ଆଇକନିକ୍ ଫିଲ୍ମ ମେକର ପୁରସ୍କାର



ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କୁ ଆଇକନିକ୍ ଫିଲ୍ମ ମେକର ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରଖ୍ୟାତ ବଲିଉଡ୍ ଅଭିନେତା ଗୋବିନ୍ଦ ନାମଦେବ ଏବଂ ବର୍ଷିଆନ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । 'ଦମନ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ୨୦୨୨ରେ ମୁକ୍ତିଲାଭ କରିଥିବା 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା । କେବଳ ସେତିକି ନୁହେଁ, 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା । ତେବେ ଏହି ପୁରସ୍କାର ସମ୍ପର୍କରେ ଦେବୀ ଓ ବିଶାଲ କହିଛନ୍ତି ଯେ, "ଏହା ପରବର୍ତ୍ତୀ ପିଢ଼ିର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ଭଲ ସିନେମା ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବ ।" ୨୦୨୫ରେ ଦେବୀ ଓ ବିଶାଲଙ୍କ ନିର୍ଦ୍ଦେଶନାରେ 'ମୁରବି'ର ସୁଟିଂ ଶେଷ ହୋଇଥିବା ବେଳେ ୨୦୨୬ ମସିହାରେ 'ଲ୍ୟାଣ୍ଡଫଲ' ନିର୍ମିତ ହେବାର ଯୋଜନା ରହିଛି ।

# ଅର୍ଦ୍ଧେନ୍ଦୁଙ୍କୁ ଲିପି ବାନ୍ଧିଲେ ରାକ୍ଷୀ

ଓଡ଼ିଆ ସିନେମା ଇତିହାସରେ ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତାକୁ ନେଇ ପ୍ରସ୍ତୁତ ଫିଲ୍ମ ଓ ଗୀତ ଉଭୟ ସୁପରହିଟ୍ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଦର୍ଶକ ଏଥିପ୍ରତି ଆକର୍ଷିତ ମଧ୍ୟ ହେଉଛନ୍ତି । ଏହି କ୍ରମରେ ଆଗାମୀ ନୂଆ ବଡ଼ ବଜେଟ୍‌ର ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ସ୍ଥାନିତ ହୋଇଛି ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ସମ୍ପର୍କକୁ ନେଇ ରାକ୍ଷୀ ଗୀତ। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏବଂ ନାୟିକା ଲିପି ମହାପାତ୍ର ପ୍ରଥମଥର ପାଇଁ ଏଥିରେ ଭାଇ-ଭଉଣୀ ଭୂମିକାରେ ନଜର ଆସୁଛନ୍ତି । ଏହାର ପୋଷ୍ଟର ରାକ୍ଷୀ ପୂର୍ଣ୍ଣିମା ଦିନ ସୋସିଆଲ୍ ମିଡିଆରେ ମୁକ୍ତିଲାଭ କରିଛି । ଆଗାମୀ ଦିନରେ ଅନ୍ୟ ଚଳଚ୍ଚିତ୍ର ଭଳି ଏହି ଚଳଚ୍ଚିତ୍ରର ରାକ୍ଷୀ ଗୀତ ବି ଦର୍ଶକାଦୃତ ହେବ ବୋଲି ଆଶା କରାଯାଉଛି । ଏହାର 'ରାକ୍ଷୀର ଗୀତ ସୂତା ଖିଅର ଡୋର' ଗୀତକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସାଇକିରଣ ମଙ୍ଗରାଜ ଓ ଚିତ୍ରୋତ୍ତଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ପ୍ରଧାନ । ସିନେମାଟି ଆସନ୍ତା ଦୁର୍ଗାପୂଜାରେ ମୁକ୍ତିଲାଭ କରିବ ।




## ସାକ୍ଷାତକାର

# 'ପ୍ରଥମ ଶୋ' କ୍ୟାରିଅର୍ ଗଢ଼ିବାକୁ ସୁଯୋଗ ଦେଇଛି'

**ନେହା ନାଗେଶ୍ୱରୀ ମହାନ୍ତି, ଅଭିନେତ୍ରୀ**

ପିଲାଦିନେ ସେ ଓଡ଼ିଶୀ, ହିପ୍‌ପପ୍, କଣ୍ଟେମ୍ପୋରାରି ଆଦି ନୃତ୍ୟ ଶିଖୁଥିଲେ । ସେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ । ନୃତ୍ୟ କରୁ କରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା । ଏଥିପାଇଁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ । ଉକ୍ତ ପ୍ଲାଟଫର୍ମରେ ନିଜର ଦକ୍ଷତା ପ୍ରତିପାଦନ କରି ବିଜେତା ହୋଇଥିଲେ । ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ପରଦାକୁ । 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଚିକି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରି ସେ ଘରେ ଘରେ ପରିଚିତ । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତାର ନେହା ନାଗେଶ୍ୱରୀ ମହାନ୍ତି । ତେବେ କମ୍ ସମୟ ଭିତରେ ତାଙ୍କ ଅଭିନୟ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।



**ପାଠପଢ଼ା ଆଉ ଅଭିନୟ ଭିତରେ କିପରି ସମନ୍ୱୟ ରଖନ୍ତି?**

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼େ । ସୁଟିଂ ସେଟ୍‌ରେ ବ୍ୟସ୍ତ ରହୁଥିବାରୁ ଶୋଇବା କମ୍ ହେଉଛି । ତଥାପି ପଢ଼ାରେ କେବେ ମୁଁ ଅବହେଳା କରେନି । ପରୀକ୍ଷା ଦେବାକୁ ଯାଏ । ଧୀରେ ଧୀରେ ସବୁରେ ଅଭ୍ୟସ୍ତ ହୋଇଗଲିଣି ।

**ଆପଣଙ୍କ ଅଭିନୟ ଯାତ୍ରା କିପରି ଥିଲା?**

- ଘରେ ସମସ୍ତେ ଚାହୁଁଥିଲେ ମୁଁ ଅଭିନେତ୍ରୀ ହୁଏ ବୋଲି । ମୁଁ ପିଲାଦିନରୁ ଓଡ଼ିଶୀ ନୃତ୍ୟ ସହିତ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି । ସାଧାରଣତଃ ଯେଉଁମାନେ ନୃତ୍ୟ କରନ୍ତି, ସେମାନଙ୍କୁ ଅଭିନୟ ଶିଖାଇଲେ ସେ ସହଜରେ ଶିଖି ଯାଆନ୍ତି । ଯେହେତୁ ମୋ ବଡ଼ ଭଉଣୀ ବି ଏହି ଲାଇନ୍‌ରେ ଥିଲେ, ତେଣୁ ତାଙ୍କୁ ଦେଖି ମୁଁ ବି କଳାକାରଟିଏ ହେବାକୁ ଚାହିଁଥିଲି । ୨୦୨୧ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' ରଜ ସୁନ୍ଦରୀ'ରେ ବିଜେତା ହୋଇଥିଲି । ପଢ଼ା ପାଇଁ ଦୁଇବର୍ଷ ବ୍ୟସ୍ତ ରହିଥିଲି । ବର୍ତ୍ତମାନ ମୁଁ ଯୁକ୍ତ ତିନିରେ ପଢ଼ୁଛି । ୨୦୨୩ ମସିହାରେ ମୋତେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**'ଚିକି' ଚରିତ୍ରରେ ଅଭିନୟ କରିବା କେତେ କଷ୍ଟକର ଥିଲା?**

- ଚିକି ହେଉଛି ବହୁତ ଚୁଲ୍‌ବୁଲି ଝିଅ । ସବୁବେଳେ ସେ ଚବର ଚବର ହେଉଥିବ । ଜଣେ ପଦେ କହିଲେ ସେ ଦଶ ପଦେ କହିବ । ହେଲେ ମୁଁ ଏମିତି ନୁହେଁ । ମୁଁ ବହୁତ ଚୁପ୍‌ଚାପ୍ ଥିଲି । ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ବହୁତ ଚୁଲବୁଲି ଚରିତ୍ରକୁ ଅନୁକରଣ କରିଛି । ଦର୍ପଣ ସାମ୍ନାରେ ବି ଅଭିନୟ ଅଭ୍ୟାସ କରିଛି । ଯେତେବେଳେ ଚିକି ଚରିତ୍ରରେ ପଶିଗଲି ଏହା ପରେ ନେହା ପୂରା ଚିକି ହୋଇଗଲା । ଚିକି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ନାଁ ମୋ ଜୀବନକୁ ପୂରା ପରିବର୍ତ୍ତନ କରିଦେଇଛି । ଯେଉଁଠିକୁ ବି ଗଲେ, ସମସ୍ତେ ମୋତେ ଚିହ୍ନି ଯାଉଛନ୍ତି । ଏବେ ଷ୍ଟେଜ୍‌ରେ ବି ସ୍କ୍ରିପ୍ଟ ଦେଲେ, ମୁଁ ଥରେ ପଢ଼ି ମନେ ରଖିଦେଉଛି ।

**ପ୍ରଥମ ଧାରାବାହିକରୁ ସଫଳତାର ରାଜ୍ କ'ଣ?**

- ତରଙ୍ଗ ଚ୍ୟାନେଲକୁ ଧନ୍ୟବାଦ ଦେବି ମୋତେ ଏମିତି ଗୋଟେ ଚରିତ୍ର ଦେଇଛନ୍ତି । ଏହାସହିତ ମୋ ନିର୍ଦ୍ଦେଶକ ଓ ସହ କଳାକାର ସମସ୍ତେ ଭଲ ଅଭିନୟ କରିବା କି କାମ ଶିଖିବାରେ ମୋତେ ବହୁତ ସହଯୋଗ କରିଛନ୍ତି । ମୁଁ ଏବେ ବି ବହୁତ ଆଗ୍ରହର ସହିତ କାମ ଶିଖେ । ମୋର ଗୋଟେ ସିନ୍ ଆସିଲେ, ସ୍କ୍ରିପ୍ଟକୁ ଆଗୁଆ ପଢ଼ି କେମିତି କ'ଣ କରିବି ଚିନ୍ତା କରିଥାଏ । କେବଳ ସେତିକି ନୁହେଁ, ଗୋଟେ ଟେକ୍‌ରେ କେମିତି ମୁଁ ସିନ୍ କରିବି ସେ ନେଇ ନିର୍ଦ୍ଦେଶକ ସାର୍‌ଙ୍କୁ ସହଯୋଗ କରିବାକୁ କୁହେ । ସେ ମଧ୍ୟ ସହଯୋଗ କରିଥାନ୍ତି । କେବଳ ମୁଁ ନୁହେଁ, ପୂରା ଟିମ୍ ଏହି ଧାରାବାହିକକୁ ସଫଳତା ପଥରେ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଧାରାବାହିକ ଆରମ୍ଭ ହେବା ଅଢ଼େଇ ବର୍ଷ ହୋଇଗଲାଣି । ଟିଆର୍‌ପି ସେମିତି ରହିଛି ।

**'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଆଗକୁ କ'ଣ ଟ୍ୱିଷ୍ଟ ରହିଛି?**

- ଏହି ଧାରାବାହିକ ସମ୍ପୂର୍ଣ୍ଣ ସସ୍‌ପେନ୍ସ । କେତେବେଳେ କ'ଣ ଘଟୁଛି, କାହା ସହ କ'ଣ ହେବ, ତାହା କେହି ଜାଣିପାରୁ ନାହାଁନ୍ତି । ଜୀବନ ଗୋଟିଏ ବୃତ୍ତ । ଡ୍ରାମା, ଇମୋସନ୍, କମେଡି, ଖୁସି ସବୁ କିଛି ସହିତ ଜଣେ ପୁଣି ତା'ର ସ୍ଥାନରେ କିପରି ପହଞ୍ଚିଯାଉଛି ତାହା ଦେଖିବାକୁ ମିଳିଛି ।

**ଆଗାମୀ ଯୋଜନା ?**

- ମୁଁ ବର୍ତ୍ତମାନରେ ବଞ୍ଚେ । ଭବିଷ୍ୟତ କଥା ବହୁତ କମ୍ ଭାବେ । ତେବେ ମୋତେ ଏବେ ଯେଉଁ କାମ ମିଳିଛି ତାହାକୁ କେମିତି ଭଲ କରିବି ତାହା ବିଷୟରେ ମୁଁ ଚିନ୍ତା କରୁଛି । କିନ୍ତୁ ହଁ, ଧାରାବାହିକ ସରିବା ପରେ ପୁଣି ଧାରାବାହିକ କିମ୍ବା ସିନେମାରେ ସୁଯୋଗ ମିଳିଲେ କାମ ଆରମ୍ଭ କରିବି ।

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍' ଆରମ୍ଭ

ଜି ସାର୍ଥକରେ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍'ର ଖୋଜ୍ । ଏହି ଶୋ' ପ୍ରତିଭା ଖୋଜିବାର ଅନନ୍ୟ ପ୍ରୟାସ । ଏହି ରିଆଲିଟି ଶୋ'ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ ପ୍ରତିଭା ଦେଖାଇଥାନ୍ତି । ଏଥର ଏହି ଶୋ'ରେ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବ । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବା ସହ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ଏହାସହ ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ନଜର ଆସିଛନ୍ତି । ଆଙ୍କର ଭାବରେ ନଜର ଆସିଛନ୍ତି ଟିଭି ଇଣ୍ଡଷ୍ଟ୍ରିର ଅନନ୍ୟା ଏବଂ ରଞ୍ଜନ । ଏହି ଶୋ' ଶନିବାର ଓ ରବିବାର ରାତି ୯ ଟା୩୦ରେ ପ୍ରସାରିତ ହେଉଛି ।



# ସୁଟିଂ ସେଟ୍‌ରେ ଡୁପ୍ଲିକେଟ୍ ଶାହରୁଖ

**ପରଦା ପଛର କାହାଣୀ**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ୧୯୯୨ ମସିହାରେ 'ଦିୱାନା' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଏହି ଅଭିନେତା ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସେ ହିନ୍ଦୀ ସିନେମା ଜଗତକୁ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇ ଚାଲିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି 'ପରଦେଶ' । ୧୯୯୭ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା । ଏହି ସୁପରହିଟ୍ ଫିଲ୍ମର ଗୋଟିଏ ଗୀତକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଏହି ଫିଲ୍ମରେ ଥିବା ଏକ ଗୀତ ଶାହରୁଖଙ୍କ ବଦଳରେ ଡୁପ୍ଲିକେଟ୍ ଶାହରୁଖଙ୍କ ଦ୍ୱାରା ସୁଟ୍ କରାଯାଇଥିଲା । ଯିଏ ଦେଖିବାକୁ ଅବିକଳ ଶାହରୁଖଙ୍କ ପରି । ଏହି ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ । ଶାହରୁଖ ଖାନ୍ ଓ ମହିମା ଚୌଧୁରୀ ଏହି ଫିଲ୍ମ ସୁଟିଂ କରୁଥିବା ସମୟରେ ଶାହରୁଖଙ୍କ ପତ୍ନୀ ଗୌରୀ ଗର୍ଭବତୀ ଥିଲେ । ସୁବାଷ ଘାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ସମ୍ପୂର୍ଣ୍ଣ ସୁଟିଂ ହୋଇଯାଇଥିଲା । ତେବେ ଗୋଟିଏ ଗୀତର କିଛି ଅଂଶ ସୁଟିଂ ପାଇଁ ବାକି ରହି ଯାଇଥିଲା । ସୋନୁ ନିଗମ ମଧ୍ୟ ଫିଲ୍ମର ଗୀତ 'ୟେ ଦିଲ୍ ଦିୱାନା...'ର ରେକର୍ଡିଂ ଶେଷ କରି ଦେଇଥିଲେ । ସେହିପରି ଶାହରୁଖ୍ ମଧ୍ୟ ଦେଢ଼ ଦିନ ଧରି ଏହି ଗୀତ ସୁଟିଂ କରିଦେଇଥିଲେ । କିନ୍ତୁ ଏହାରି ମଧ୍ୟରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ଶାହରୁଖଙ୍କୁ ସୁଟିଂ ଅଧାରେ ଛାଡ଼ି ଦିଲ୍ଲୀ ଆସିବାକୁ ପଡ଼ିଥିଲା । ଫଳରେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ସୁବାଷ ଘାଇ ଶାହାରୁଖ୍‌ଙ୍କ ଡୁପ୍ଲିକେଟ୍‌ଙ୍କୁ ନେଇ ଗୀତର ବାକି ଥିବା ଅଂଶ ସୁଟିଂ କରିଥିଲେ ।



# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ୧୩ତମ ବିଶ୍ୱରେକର୍ଡ




ବୁଦାପେଷ୍ଟ, ୧୩।୮ (ଏଜେନ୍ସି): ସ୍ୱିଡେନର ପୋଲ୍ ଭଲ୍ଟ ଖେଳାଳି ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୁଣିଥରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୟାରିୟରରେ ୧୩ଥର ଲାଗି ସେ ପୁରୁଷ ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ସ୍ଥାପନ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ଗୁଲାଇ ଇସ୍ତଭାନ ମେମୋରିଆଲ ପ୍ରତିଯୋଗିତାରେ ଡୁପ୍ଲାଣ୍ଟିସ ୬.୨୯ ମିଟର ଉଚ୍ଚକୁ ଡେଇଁଥିଲେ। ଏହିକ୍ରମରେ ସେ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲେ। ଗତ ଜୁନରେ ଅନୁଷ୍ଠିତ ଷ୍ଟକହୋଲମ ଡାଇମଣ୍ଡ ଲିଗ୍‌ରେ ଡୁପ୍ଲାଣ୍ଟିସ ୬.୨୮ ମିଟର ଡେଇଁ ୧୨ଥର ଲାଗି ବିଶ୍ୱରେକର୍ଡ କରିଥିଲେ। ଏବେ ପ୍ୟାରିସ ଅଲିମ୍ପିକ୍ସରେ ୬.୨୫ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ପରଠାରୁ ସେ ୪ଥର ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ

## ଅଲ୍ଟିମେଟ୍ ଚାମ୍ପିଅନସିପ୍ ଲାଗି 'ଷ୍ଟାର୍ ଆଥଲେଟ୍'

ସେ ଏହି ବିଶ୍ୱରେକର୍ଡକୁ ୧୩କୁ ବୃଦ୍ଧି କରାଇଛନ୍ତି। ଚଳିତ ବର୍ଷ ଡୁପ୍ଲାଣ୍ଟିସ ୩ୟଥର ଲାଗି ବିଶ୍ୱରେକର୍ଡ କରିଛନ୍ତି। ଫେବୃଆରୀରେ ସେ ୬.୨୭ ମିଟର ଉଚ୍ଚକୁ ଲମ୍ଫ ମାରିଥିଲେ।

୨୫ ବର୍ଷୀୟ ଡୁପ୍ଲାଣ୍ଟିସ ୨୦୨୪ ଭଙ୍ଗ କରିଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷଠାରୁ ଆରମ୍ଭ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା 'ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍' ଲାଗି ଡୁପ୍ଲାଣ୍ଟିସଙ୍କୁ 'ଷ୍ଟାର୍ ଆଥ୍ଲେଟ୍' ମାନ୍ୟତା ଦିଆଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ନୂତନ ବିଶ୍ୱସ୍ତରୀୟ ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତି ୨ ବର୍ଷ ବ୍ୟବଧାନରେ ଏହା ଆୟୋଜିତ ହେବ। ବୁଦାପେଷ୍ଟରେ ହେବାକୁ ଥିବା ଏହାର ଉଦ୍‌ଘାଟନୀ ସଂସ୍କରଣ ଲାଗି ଡୁପ୍ଲାଣ୍ଟିସ ବ୍ରାଣ୍ଡ ଆମ୍ବାସଡର ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ମୋଟ୍ ପୁରସ୍କାର ରାଶି ୧୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୭ କୋଟି ୪୭ ଲକ୍ଷ ଟଙ୍କା) ରଖାଯାଇଛି। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି।


## ଅର୍ଜୁନ ତେନ୍ଦୁଲକରଙ୍କ ନିର୍ବନ୍ଧକୁ ନେଇ ଚର୍ଚ୍ଚା

ମୁମ୍ବଇ, ୧୨।୮ (ଏଜେନ୍ସି): କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ୨୫ ବର୍ଷୀୟ ଅର୍ଜୁନଙ୍କ ନିର୍ବନ୍ଧ ସାନିୟା ଚଣ୍ଡୋକଙ୍କ ସହ ହୋଇଛି। ସାନିୟା ହେଉଛନ୍ତି ମୁମ୍ବଇର ଜଣାଶୁଣା ବ୍ୟବସାୟୀ ରବି ଘାଇଙ୍କ ନାତୁଣୀ। ବୁଧବାର ମୁମ୍ବଇରେ ଅନୁଷ୍ଠିତ ହୋଇଥିବା ଏହି ହାଇପ୍ରୋଫାଇଲ ନିର୍ବନ୍ଧକୁ ଗୁପ୍ତ ରଖାଯାଇଥିଲା। ଏଥିରେ ତେନ୍ଦୁଲକର ଓ ଘାଇ ପରିବାରର କେବଳ ନିକଟତର ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ଏହି ନିର୍ବନ୍ଧକୁ ନେଇ ଉଭୟ ପରିବାର ପକ୍ଷରୁ ଅଫିସିଆଲ୍ ଭାବେ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁମ୍ବଇର ଇଣ୍ଟରକଣ୍ଟିନେଣ୍ଟାଲ ହୋଟେଲ ଓ ବ୍ରୁକଲିନ କ୍ରିମେରୀ ଆଇସକ୍ରିମ କମ୍ପାନୀର ମାଲିକ ହେଉଛନ୍ତି ରବି ଘାଇ। ସଚିନଙ୍କ ସହ ତାଙ୍କର ଭଲ ବନ୍ଧୁତା ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ବାମହାତୀ ଦ୍ରୁତ ବୋଲର ଅର୍ଜୁନ ବର୍ତ୍ତମାନ ଘରୋଇ କ୍ରିକେଟ୍‌ରେ ଗୋଆ ପକ୍ଷରୁ ଖେଳୁଛନ୍ତି। ସେହିଭଳି ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



## ରାଇନାଙ୍କୁ ଇଡିର ଜେରା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନି ବେଟିଂ ମାମଲାରେ ଜେରା କରିଛି। ରାଇନା ବୁଧବାର ନୂଆଦିଲ୍ଲୀସ୍ଥିତ ଇଡି ଅଫିସରେ ହାଜର ହୋଇଥିଲେ। ଅନ୍‌ଲାଇନ୍ ବେଟିଂ ଆପ୍ '୧ x ବେଟ୍' ମାମଲାରେ ତାଙ୍କୁ ଇଡି ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପୂର୍ବରୁ ତାଙ୍କୁ ଇଡିରେ ହଜାର ହେବା ପାଇଁ ନୋଟିସ ଜାରି କରାଯାଇଥିଲା। ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ରାଇନା ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହି ବେଟିଂ ଆପ୍ ଜରିଆରେ ମନି ଲଣ୍ଡରିଂ ହେଉଥିବା ସନ୍ଦେହ କରି ଇଡି ଯାଞ୍ଚ କରୁଛି। ରାଇନାଙ୍କୁ ବାଦ୍ ଦେଲେ ଇଡି ଏହି ମାମଲାରେ ହରଭଜନ ସିଂହ, ଯୁବରାଜ ସିଂହ, ବଲିଉଡ ଅଭିନେତା ସୋନୁ ସୁଦ୍, ଅଭିନେତ୍ରୀ ଉର୍ବସୀ ରୌତେଲାଙ୍କୁ ମଧ୍ୟ ପୂର୍ବରୁ ଜେରା କରିସାରିଛି।



## ଷ୍ଟୋଏଭା ଭଗିନୀଙ୍କୁ ଭେଟିବେ ପଣ୍ଡା ଭଗିନୀ

ପ୍ୟାରିସ, ୧୩।୮ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍‌ର ଆଗାମୀ ୨୯ତମ ସଂସ୍କରଣ ଅଗଷ୍ଟ ୨୫ରୁ ପ୍ୟାରିସରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଲାଗି ବୁଧବାର ଡ୍ର' ଘୋଷଣା କରାଯାଇଛି। ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏହି ମେଗା ଇଭେଣ୍ଟରେ ମହିଳା ଡବଲ୍ସରେ ଅଂଶଗ୍ରହଣ କରିବେ। ଶ୍ୱେତପର୍ଣ୍ଣା-ଋତୁପର୍ଣ୍ଣା ଯୋଡ଼ି ବର୍ତ୍ତମାନ ବିଶ୍ୱ ମହିଳା ଡବଲ୍ସ ତାଲିକାର ୩୮ତମ ସ୍ଥାନରେ ରହିଛନ୍ତି। କୌତୁହଳର କଥା ହେଉଛି ପଣ୍ଡା ଭଉଣୀ ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲ ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭା ଯୋଡ଼ିଙ୍କୁ ଭେଟିବେ। ଷ୍ଟୋଏଭା ଭଉଣୀ ଯୋଡ଼ି ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ରହିଥିବାବେଳେ ସେମାନେ ୪ଥର ୟୁରୋପିଆନ ଚାମ୍ପିଅନ ଓ ଦୁଇଥର ୟୁରୋପିଆନ ଗେମ୍ସରେ ଚାମ୍ପିଅନ ହୋଇଛନ୍ତି।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ଆଶା ବଢ଼ିଲା


ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ବିଡ୍ ଦାଖଲ କରିବା ଲାଗି ଭାରତକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ରାଜ୍ୟଗୋଷ୍ଠୀ

### ଭୁବନେଶ୍ୱରରେ ଭଲ ସୁବିଧା ରହିଛି: ପିଟି ଉଷା

କ୍ରୀଡ଼ା ଆୟୋଜନ ପାଇଁ ଅନୁମୋଦନ ଦେଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଓଏର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ)ରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ମେଗା ଇଭେଣ୍ଟ ଆୟୋଜିତ ହେଲେ ସରକାର ସମ୍ପୂର୍ଣ୍ଣ ପାଣ୍ଠି ବହନ କରିବେ। ସିଡବ୍ଲ୍ୟୁଜି ଆୟୋଜନ ଦୌଡ଼ରେ ଅହମ୍ମଦାବାଦ ସର୍ବାଗ୍ରେ ରହିଛି। ନିକଟରେ ସିଡବ୍ଲ୍ୟୁଜିର ନିର୍ଦ୍ଦେଶକ ଡାରେନ ହଲ୍‌ଙ୍କ ନେତୃତ୍ୱରେ କିଛି ବରିଷ୍ଠ କର୍ମକର୍ତ୍ତା ଅହମ୍ମଦାବାଦରେ ଭିତ୍ତିଭୂମି ବୁଲି ଦେଖିଯାଇଛନ୍ତି। ତେବେ ଆଇଓଏ ସଭାପତି ତଥା ପୂର୍ବତନ ମହାନ ଧାବିକା ପିଟି ଉଷା କହିଛନ୍ତି, 'ମୁଁ ଖୁସି ଯେ ଆମେ ସମସ୍ତେ ଏକାଠି ରହିଛନ୍ତି। ଏହା ଏକ ସର୍ବସମ୍ମତି ନିଷ୍ପତ୍ତି ଥିଲା ଏବଂ ଆମର ପ୍ରସ୍ତୁତି ଆଗକୁ ବଢ଼ିବ। ଆମେ କେବଳ କହିପାରିବା ନାହିଁ ଯେ ଅହମ୍ମଦାବାଦ ଆୟୋଜକ ସହର ବୋଲି। ଭୁବନେଶ୍ୱର ଓ ଦିଲ୍ଲୀରେ ମଧ୍ୟ ଭଲ ସୁବିଧା ରହିଛି।' ଆଇଓଏର ଏସ୍‌ଜିଏମ୍ ପରେ ପିଟି ଉଷାଙ୍କ ଏହି ବିବୃତି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କିଞ୍ଚିତ ଆୟୋଜନ ଆଶା ସଞ୍ଚାର କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ବିଡ୍ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ଭାରତ ବ୍ୟତୀତ ନାଇଜେରିଆ, କାନାଡା ଓ ଆଉ ୨ଟି ରାଷ୍ଟ୍ର ଏହି ମେଗା ଇଭେଣ୍ଟ ଆୟୋଜନ ଦୌଡ଼ରେ ରହିଛନ୍ତି। କିନ୍ତୁ ନିକଟରେ କାନାଡା ଆୟୋଜନ ଦୌଡ଼ରୁ ଓହରିଯାଇଥିଲା। ଏଠାରେ ସ୍ମରଣଯୋଗ୍ୟ, ୧୫ ବର୍ଷ ତଳେ ୨୦୧୦ରେ ଦିଲ୍ଲୀରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ରେସ୍‌ଲର୍ ସୁଶୀଲଙ୍କ ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୮ (ସମିସ): ଜୁନିଅର ରେସଲର ସାଗର ଧନକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଥରର ଅଲିମ୍ପିକ ପଦକ ବିଜେତା ସୁଶୀଲ କୁମାରଙ୍କୁ ସୁପ୍ରିମ କୋର୍ଟରୁ ଜୋରଦାର ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବୁଧବାର ସୁଶୀଲଙ୍କ ଜାମିନକୁ ବାତିଲ କରିଦିଆଯାଇଛି। ଏଥିସହ ତାଙ୍କୁ ଏକ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟ ସୁଶୀଲଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ବୁଧବାର ଜଷ୍ଟିସ କାରୋଲ ଏହି ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ମୃତ ସାଗରଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ୨୦୨୧ ମେ ୪ ତାରିଖରେ ଦିଲ୍ଲୀର ଛତ୍ରଶାଳା ଷ୍ଟାଡିୟମ ବାହାରେ ଅଲିମ୍ପିଆନ ସୁଶୀଲ ଓ ଜୁନିଅର ରେସଲର ସାଗରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁଶୀଲଙ୍କ ଆକ୍ରମଣରେ ୨୩ ବର୍ଷୀୟ ସାଗରଙ୍କ ମୃତ୍ୟୁ ଘଟିଥିଲା। ରେସଲର ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକରେ କାଂସ୍ୟ ଓ ୨୦୧୨ ଲଣ୍ଡନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

## ୨୦୨୭ ପର୍ଯ୍ୟନ୍ତ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ ଜମିଲ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଖଲିଦ ଜମିଲ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଭାରତୀୟ ବରିଷ୍ଠ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ଏହି ଚୁକ୍ତି ମଧ୍ୟ ଆଉ ଗୋଟିଏ ବର୍ଷ ବଢ଼ିପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଫଳରେ ଜମିଲ ଏବେ ପୂର୍ଣ୍ଣକାଳୀନ ଭାବେ ଜାତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭୂମିକାରେ ନଜରକୁ ଆସିବେ। ଅଗଷ୍ଟ ୧୫ରୁ ବେଙ୍ଗାଲୁରୁସ୍ଥିତ ଦ୍ରାବିଡ-ପାଦୁକୋନ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସଲେନ୍ସିରେ ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଜମିଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିବ। ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା କାଫା (ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ) ନେସନ୍ସ କପ୍ ଟୁର୍ଣ୍ଣାମେଣ୍ଟ ପ୍ରଶିକ୍ଷକ ଭାବେ ଜମିଲଙ୍କ ପ୍ରଥମ ଦାୟିତ୍ୱ ହେବ। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ ୪୮ ବର୍ଷୀୟ ଜମିଲଙ୍କୁ ଭାରତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ମନୋଲା ମରକ୍ୟୁଜଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ସେ ଆଇଏସ୍‌ଏଲ୍ ଦଳ ଜାମେଦେଦପୁର ଏଫ୍‌ସି ସହିତ ସମ୍ପର୍କ ତୁଟାଇବା ପରେ ଜାତୀୟ ଦଳ ସହିତ ତାଙ୍କର ଏହି ଦୁଇ ବର୍ଷିଆ ପୂର୍ଣ୍ଣକାଳୀନ ଚୁକ୍ତି ହୋଇଛି।



## ମହିଳା ଦିନିକିଆ ସିରିଜ — ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ଏ'କୁ ହରାଇଲା ଭାରତ-ଏ'

ବ୍ରିସବେନ, ୧୩।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତ-ଏ ମହିଳା କ୍ରିକେଟ ଦଳ ପ୍ରଥମ ବିଜୟ ହାସଲ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ-ଏ ମହିଳା ଦଳକୁ ୩ ୱିକେଟ୍‌ରେ ଭାରତ-ଏ ହରାଇଦେଇଛି। ୨୧୫ ରନର ଲକ୍ଷ୍ୟକୁ ପିଛା କରିଥିବା ରାଧା ଯାଦବଙ୍କ ଦଳ ୪୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୟସ୍ତିକା ଭାଟିଆ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ଶେଫାଳି ବର୍ମା (୩୬ ରନ) ଓ ଧାରା ଗୁଜ୍ଜର (୩୧) ଉପଯୋଗୀ ପାଳି ଖେଳି ୟସ୍ତିକାଙ୍କୁ ସହାୟତା କରିଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ୨୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନିକା ଲିଆରୋୟଡ ସର୍ବାଧିକ ୯୨, ରାଚେଲ ଟ୍ରିନାମାନ ୫୧ ରନ କରିଥିଲେ। ସିରିଜର ପରବର୍ତ୍ତୀ ୨ ଦିନିକିଆ ମ୍ୟାଚ୍ ଅଗଷ୍ଟ ୧୫ ଓ ୧୭ରେ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଅଗଷ୍ଟ ୨୧ରୁ ଏକ ଚାରିଦିବସୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

## ଭେନସଙ୍କୁ ୱାଇଲ୍ଡ କାର୍ଡ

ନ୍ୟୁୟର୍କ, ୧୨।୮ (ଏଜେନ୍ସି): ୟୁଏସ୍ ଓପନ୍ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ଏଥିଲାଗି ଭେଟେରାନ ଭେନସ ୱିଲିୟମ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଫଳରେ ୪୫ ବର୍ଷରେ ଭେନସ ୟୁଏସ୍ ଓପନ୍ ଖେଳିବେ। ୧୯୮୧ରେ ରେନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ୍ ଖେଳିଥିଲେ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୨୦ଜଣିଆ ଓଡ଼ିଶା ଦଳ ଘୋଷିତ

କଟକ,୧୩।୮ (ସମିସ): ଅଗଷ୍ଟ ୧୮ରୁ ତାମିଲନାଡ଼ୁର ଚେନ୍ନାଇଠାରେ ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ତେବେ ୨୦ଜଣିଆ ରାଜ୍ୟ ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ଫଳରେ

### ଅଧିନାୟକ ନାଁ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ

ଅଧିନାୟକ ନାମ ଓସିଏ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଏବଂ ସ୍ୱସ୍ତିକ ସାମଲଙ୍କ ନାମ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ଚୂଡ଼ାନ୍ତ ହୋଇ ପାରିନଥିବା କୁହାଯାଇଛି। ମଧ୍ୟପ୍ରଦେଶ ଛାଡ଼ି ଓଡ଼ିଶା ଫେରିବା ପରେ ରାଜ୍ୟ ଦଳ ପାଇଁ ଶୁଭ୍ରାଂଶୁଙ୍କ ଏହା ପ୍ରଥମ ମ୍ୟାଚ୍ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତୀୟ ରେଳବାଇ, ଜମ୍ମୁ-କଶ୍ମୀର ଏବଂ ବରୋଦା ଦଳ ରହିଛି। ତ୍ରିଦିବସୀୟ ଫର୍ମାଟରେ ପ୍ରତ୍ୟେକ ମ୍ୟାଚ୍ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଓଡ଼ିଶା ପ୍ରଥମ ମୁକାବିଲା ଲଢ଼ିବ। ଘୋଷିତ ୨୦ ଜଣିଆ ଦଳରେ କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର(ୱିକେଟ କିପର), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ



ସ, ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପିୟୂଷ ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ସୁରେନ୍ଦ୍ର ଭାବେ-ମୁଖ୍ୟ କୋଚ୍, ସୌରଭ ସେହଗଲ-ସହକାରୀ କୋଚ୍, ଦିନେଶ ସାହୁ-ଫିଜିଓ, ସଂଗ୍ରାମ କେଶରୀ ଗୁମାନସିଂହ-ମ୍ୟାନେଜର, ଗୌରବ କୌଶକ-ଏସ ଆଣ୍ଡ ସି କୋଚ୍, ଶାରଦା ବିଶ୍ୱାଳ-ପର୍ଫମାନ୍ସ ଆନାଲିଷ୍ଟ, ସତ୍ୟବାନ ପ୍ରଧାନ- ସାଇଡଆର୍ମ ଥ୍ରୋଅର, କପିଳ ବୁନ୍ଦେଲା-ମାସେଜର ଭାବେ ଦଳରେ ରହିଛନ୍ତି।

### ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ

# ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୩।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ସାଇ ହୋପ୍ସଙ୍କ ଦମ୍‌ଦାର ଅପରାଜିତ ଶତକ ଓ ଜେଡାନ ସେଲ୍ସଙ୍କ ଘାତକ ବୋଲିଂ କରି ଘରୋଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ପାକିସ୍ତାନ ୫ ୱିକେଟ୍‌ରେ ଓ ୱେଷ୍ଟଇଣ୍ଡିଜ ୨ୟ ଦିନିକିଆକୁ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ଜିତିଥିଲା। ଏବେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଜିତି ଘରୋଇ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜକୁ ୨-୧ରେ ହାତେଇନେଇଛି। ଫଳରେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କାରବୀୟାନ ଦଳ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିବାର ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୧ରେ ପାକିସ୍ତାନ ଗସ୍ତରେ ଯାଇଥିବାବେଳେ ୱେଷ୍ଟଇଣ୍ଡିଜ ୨-୦ରେ ଦିନିକିଆ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲା।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକଙ୍କ ଶତକୀୟ ଇନିଂସ ବଳରେ ୫୦ ଓଭରରେ ୬ ୱିକେଟ୍‌ରେ ୨୯୪ ରନର ସମ୍ମାନଜନକ ସ୍କୋର କରିଥିଲା। ହୋପ୍ସ ୧୦ ଚୌକା ଓ ୫ ଛକା ସହ ୯୪ ବଲରେ ୧୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୬, ଏଭିନ ଲୁଇସ ୩୭ ଓ ଜଷ୍ଟିସ ଗ୍ରେଭେସ ଅପରାଜିତ ୪୩ ରନ କରିଥିଲେ। ନସୀମ ଶାହ ଓ ଆବ୍ରାର୍ ଅହମ୍ମଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦ୍ରୁତ ବୋଲର ଜେଡାନ ସେଲ୍ସଙ୍କ ବୋଲିଂକୁ ସାମ୍ନା କରି ନପାରି ପାକିସ୍ତାନ ୨୯.୨ ଓଭରରେ ୯୨ ରନ କରି ଲଜ୍ଜାଜନକ ପରାଜୟବରଣ କରିଥିଲା। ଦଳ ପକ୍ଷରୁ କେବଳ ସଲମନ ଆଘା (୩୦ ରନ) ଓ ମହମ୍ମଦ ନୱାଜ (୨୩) ଦୁଇଅଙ୍କ ଛୁଇଁପାରିଥିଲେ। ଜେଡାନ ୧୮ ରନରେ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ହୋପ୍ସ ମ୍ୟାଚର ଓ ଜେଡାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




**ଦିନିକିଆରେ ରନ ବ୍ୟବଧାନରେ ୱେଷ୍ଟଇଣ୍ଡିଜର ବଡ଼ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|
| ୨୧୫ | ନେଦରଲାଣ୍ଡସ | ୨୦୧୧ | ଦିଲ୍ଲୀ |
| ୨୦୮ | କାନାଡା | ୨୦୧୦ | କିଙ୍ଗସଟନ |
| ୨୦୩ | ନ୍ୟୁଜିଲାଣ୍ଡ | ୨୦୧୪ | ହାମିଲଟନ |
| ୨୦୨ | ପାକିସ୍ତାନ | ୨୦୨୫ | ତ୍ରିନିଦାଦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS